## ସଂକ୍ଷେପରେ

### ଅର୍ବାନ ବ୍ୟାଙ୍କ ସିଇଓ ହେଲେ ଭାଗ୍ୟଲକ୍ଷ୍ମୀ ପଣ୍ଡା

**କେନ୍ଦ୍ରାପଡ଼ା, ୩।୧୦(ଜଗନ୍ନାଥ ଧଳ):** କେନ୍ଦ୍ରାପଡ଼ା ଅର୍ବାନ ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ଭାଗ୍ୟଲକ୍ଷ୍ମୀ ପଣ୍ଡା ମଙ୍ଗଳବାର ଯୋଗ ଦେଇଛନ୍ତି। ପୂର୍ବତନ ସିଇଓ ରାଜୀବଲୋଚନ ପଣ୍ଡାଙ୍କଠାରୁ ଦାୟିତ୍ୱ ଗ୍ରହଣ ପରେ ବ୍ୟାଙ୍କର ସାଧାରଣ ପ୍ରବନ୍ଧକ ସୁରେଶ ଚନ୍ଦ୍ର ପରିଡ଼ା,



ମୀନାକ୍ଷୀ ପାଣି, ରବୀନ୍ଦ୍ର କୁମାର ପାତ୍ର, ସୁକାନ୍ତ କୁମାର କର, ହିମାଂଶୁ ଲେଙ୍କା, ବିବେକାନନ୍ଦ ମହାନ୍ତି ପ୍ରମୁଖ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଛନ୍ତି। ସିଇଓ ଭାଗ୍ୟଲକ୍ଷ୍ମୀ ଏହି ବ୍ୟାଙ୍କର ବିଭିନ୍ନ ଶାଖାରେ ନିଜର କାର୍ଯ୍ୟଭାର ତୁଲାଇ ଥିଲେ। ଏହି ସମୟରେ ବ୍ୟାଙ୍କର ଜମା ବୃଦ୍ଧି, ଋଣ ବ୍ୟୟ କ୍ଷେତ୍ରରେ ପାରଦର୍ଶିତା ଦେଖାଇଥିଲେ। ତାଙ୍କର କାର୍ଯ୍ୟଭାର ଗ୍ରହଣ ପରେ ବ୍ୟାଙ୍କ ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

### ଅଳପୁଆ ପଞ୍ଚାୟତରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ

**ପଟ୍ଟାମୁଣ୍ଡାଇ,୩।୧୦(କଳ୍ପତରୁ ନାୟକ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତି ଲୋକାର୍ପିତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା ଓ ଗଗନ ମହାଲିକଙ୍କ ସଂଯୋଜନାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ କରାଯାଇଥିଲା। ଏଥିରେ ଜିଲା ପରିଷଦ ସଭ୍ୟା ପ୍ରିୟଦର୍ଶିନୀ ତରାଇ, ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ତରଡିପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତିସଭ୍ୟ ନିରଞ୍ଜନ ବାରିକ, ପେଣ୍ଠପାଳ ସମିତସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ସିଂହଗାଁ ସମିତିସଭ୍ୟ ଅଭୟ ସ୍ୱାଇଁ, ଅଳପୁଆ ପୂର୍ବତନ ସରପଞ୍ଚ ରମେଶ ଦାସ, ରବୀନ୍ଦ୍ର ଧଳ, ପୂର୍ବତନ ସମିତିସଭ୍ୟା ନମିତା ଦାସ, ରଶ୍ମୀକାନ୍ତ ବେହେରା, ପିଇଓ ସ୍ମୃତି ରଞ୍ଜନ ଦାସ, ଜିଆରଏସ୍ ପ୍ରଶାନ୍ତ ସାହୁ ଓ ସନ୍ତୋଷ ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ଦିଲୀପ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ

**ଡେରାବିଶ, ୩।୧୦(ବେବର୍ତ୍ତା ଅଜୟ ଦାସ) :** ଡେରାବିଶ ବ୍ଲକ ଅଧୀନ ଛୋଟିରେ ପୂର୍ବତନ ସରପଞ୍ଚ କୁମାର ଚନ୍ଦ୍ର ବଳଙ୍କ ସୋମବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତର ଖାନାରେ ବିୟୋଗ ହୋଇଥିଲା । ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଦକ୍ଷ ସଙ୍ଗଠକ ଭାବେ ପରିଚିତ ଥିଲେ। କୁମାରଙ୍କ ବିୟୋଗରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ଉଠାଜଳସେଚନ ନିଗମ ଅଧକ୍ଷ ଅମରେଶ ପତ୍ରୀ, ସାମାଜିକ କର୍ମୀ ପ୍ରାଧ୍ୟାପକ ଅଜୟ ରାଉତ, ରାଜେଶ ପଣ୍ଡା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଛନ୍ତି।

# ୨ୟ ଥର ତନାଘନା କଲା ତଦନ୍ତକାରୀ ଦଳ

## ବ୍ୟାସନଗର ମହାବିଦ୍ୟାଳୟରେ ଯୌନ କେଲେଙ୍କାରୀ ମାମଲା

**ଯାଜପୁରରୋଡ,୩।୧୦ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଛାତ୍ରୀ କଲେଜ ପରିଚାଳନା କମିଟି ସଭାପତି ଓ ଛାତ୍ରୀନିବାସ ଅଧୀକ୍ଷକଙ୍କ ନାମରେ ଯୌନ କେଲେଙ୍କାରୀ ଅଭିଯୋଗ କରିବା ପରେ ତଦନ୍ତ ତ୍ୱରାନ୍ୱିତ ହୋଇଛି। ମଙ୍ଗଳବାର ୨ୟ ଦଫାରେ ସହକାରୀ ଜିଲାପାଳ କାଜଲ ପ୍ରଧାନ, ଅସ୍ମିତା ଦାସ ଏବଂ ଏପିଡି ରଶ୍ମିରେଖା ପ୍ରଧାନ କଲେଜକୁ ଆସି ତଦନ୍ତ କରିଛନ୍ତି। ତଦନ୍ତକାରୀ ଦଳ ପ୍ରଥମେ ଏହି ଦିଗ ଉପରେ ନଜର ଦେବା ସହିତ କେଉଁ ଅଧ୍ୟାପକଙ୍କ ଉପରେ କି ପ୍ରକାର ଅଭିଯୋଗ ରହିଥିଲା ଏବଂ କି ପ୍ରକାର କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ



କଲେଜକୁ ଆସିଥିବା ତଦନ୍ତକାରୀ ଟିମ୍।

କରାଯାଇଛି ସେନେଇ ଅନୁଧ୍ୟାନ କରିଛି। ବିଗତ ବର୍ଷରେ କଲେଜର ଛାତ୍ରୀ ନିବାସ ଦାୟିତ୍ୱରେ ରହିଥିବା ଅଧୀକ୍ଷକ, ୱାର୍ଡେନଙ୍କଠାରୁ ପୂର୍ବ ଘଟଣା ସମ୍ପର୍କରେ ତଥ୍ୟ ନେଇଥିବା ସୂଚନା ମିଳିଛି। ସେହିପରି ବିଭିନ୍ନ ସମୟରେ କଲେଜରୁ ବଦଳି ହୋଇଥିବା ଅଧ୍ୟାପିକା, ଅଧ୍ୟାପକ ଏବଂ କେତେଜଣ କର୍ମଚାରୀଙ୍କଠାରୁ କଲେଜର ପଞ୍ଜିକା ନେଇଛି। ଏପରିକି କିଛି ଅଧ୍ୟାପକଙ୍କ ପଞ୍ଜିକା ସମ୍ପର୍କରେ କିଛି ଛାତ୍ରୀଛାତ୍ରଙ୍କଠାରୁ ତଦନ୍ତକାରୀ ଦଳ ତଥ୍ୟ ସଂଗ୍ରହ କରିଛି। ବାଣିଜ୍ୟ ବିଭାଗର ଛାତ୍ରମାନେ କଲେଜର ପରିଚାଳନା କମିଟି ସଭାପତିଙ୍କୁ ତୁରନ୍ତ ବହିଷ୍କାର କରିବାକୁ ଲିଖିତ ଭାବେ ଦାବି ଜଣାଇଛନ୍ତି। ଅନ୍ୟପକ୍ଷରେ ତଦନ୍ତ ସମୟରେ ତଦନ୍ତକାରୀ ଦଳ ସହିତ କଲେଜର ଜଣେ ଅଧ୍ୟାପିକା(ଯାହାଙ୍କ ନାମରେ ସମ୍ପୃକ୍ତା ଛାତ୍ରୀ ଅଭିଯୋଗ କରିଥିଲେ) ବୁଲିବାକୁ ସହରର ଅନେକ ବୁଦ୍ଧିଜୀବୀ ଏବଂ କିଛି କଲେଜ କର୍ମଚାରୀ ନାପସନ୍ଦ କରିଛନ୍ତି। ଏନେଇ କଲେଜର ଆଲୁମିନି ସଭାପତି ବିଦ୍ୟାଧର ମହାନ୍ତି କହିଛନ୍ତି, ଯେଉଁମାନଙ୍କ ନାମରେ ଅଭିଯୋଗ ରହିଛି ସେମାନଙ୍କୁ କାର୍ଯ୍ୟାନ୍ତର କରି ତଦନ୍ତ କଲେ ତଦନ୍ତ ନିରପେକ୍ଷ ହେବା ସହିତ ସ୍ୱଚ୍ଛତା ବଜାୟ ରହିବ। ସୂଚନାଯୋଗ୍ୟ, ତଦନ୍ତକାରୀ ଦଳ ଶୁକ୍ରବାର ପ୍ରଥମ ଦଫାରେ ପହଞ୍ଚି ବିଭିନ୍ନ ଦିଗ ଉପରେ ତଦନ୍ତ କରି ଫେରିଥିଲା।

# ରାଷ୍ଟ୍ରୀୟ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାଙ୍କ ଧାରଣା

**ସିଂହପୁର,୩।୧୦(ଅନଙ୍ଗ ଉଦୟ ବେଉରିଆ):** ଯାଜପୁର ମୁଖ୍ୟ ଡାକଘର ଅଧୀନ ସିଂହପୁର ଉପଡାକଘର ସମ୍ମୁଖରେ ସମସ୍ତ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ଦାବିପୂରଣ ପାଇଁ ଧାରଣାରେ ବସିଛନ୍ତି। ଭାରତୀ ପାତ୍ରଙ୍କ ନେତୃତ୍ୱରେ ଝରଣା ସାହୁ, ମଧୁସ୍ମିତା ମଲ୍ଲିକ, ନିଳୟ କୁମାର ଥାଟୋଇ, ଜୟନ୍ତୀ ସାହୁ, ହେମ ମଞ୍ଜରୀ ମଲ୍ଲିକ, ପ୍ରମୋଦ କୁମାର ରାଉତ, ସ୍ୱପ୍ନା ମଞ୍ଜରୀ ସାମଲ, ଜୟନ୍ତୀ ସାହୁ, ରତିକଳା ସାମଲ ଓ ଯଯାତି କେଶରୀ ସାହୁ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ନାଯ୍ୟ ଦାବି ପୂରଣ ପାଇଁ ସେମାନେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଆସୁଥିଲେ ମଧ ଏହାର ସମାଧାନ ହେଉନାହିଁ। ତେଣୁ ବାଧହୋଇ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଚାଲୁ ରହିବ ବୋଲି ସେମାନେ କହିଛନ୍ତି।




ସିଂହପୁର ଉପଡାକଘର ସମ୍ମୁଖରେ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ଧାରଣା ଦେଇଛନ୍ତି।

# ପଟ୍ଟାମୁଣ୍ଡାଇରେ ସାଇବର ସଚେତନତା ରଥ



ଏମ୍‌ଏନ୍ ହାଇସ୍କୁଲ ଗେଟ ସମ୍ମୁଖରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ପୋଲିସ ଅଧିକାରୀ ସାଇବର ସଚେତନତା ରଥକୁ ସ୍ୱାଗତ କରୁଛନ୍ତି।

**ପଟ୍ଟାମୁଣ୍ଡାଇ ୩।୧୦ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇ ସାଇବର ସଚେତନତା ରଥ ମଙ୍ଗଳବାର ପଟ୍ଟାମୁଣ୍ଡାଇ ସହରର ପହଞ୍ଚିଛି। ରଥ ସାଇବର ଅପରାଧ ସମ୍ପର୍କରେ ଅଞ୍ଚଳର ଲୋକଙ୍କୁ ସଚେତନ କରିବ। ପ୍ରଥମେ ଏହି ରଥ ପଟ୍ଟାମୁଣ୍ଡାଇ ମେଡିକାଲ ଛକରେ ପହଞ୍ଚିବା ପରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡା ଓ ଆଦର୍ଶ ଥାନା ଆଇଆଇସି ରଞ୍ଜିତ ମହାନ୍ତି, ବଣିକ ସଂଘ ଉପସଭାପତି ମୋହନ ଦାସ, ଖବରଦାତା ଅକ୍ଷୟ ସାହୁ, ପତିତପାବନ ଭଦ୍ର, ପ୍ରବୀର ନାୟକ, ଉପେନ୍ଦ୍ର ନାୟକ, କିଶୋର ଜେନା ପ୍ରମୁଖ ବହୁ ବ୍ୟକ୍ତି ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ପରେ ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲ ଓ ପଟ୍ଟାମୁଣ୍ଡାଇ କଲେଜରେ ସଭା ଅନୁଷ୍ଠିତ ହୋଇଥିଲା। ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲଠାରେ ଆୟୋଜିତ ସଚେତନତା ସଭାରେ କେନ୍ଦ୍ରାପଡ଼ା ଡିଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ପଣ୍ଡା, ଆଇଆଇସି ମହାନ୍ତି ସାଇବର ଅପରାଧ ରୋକିବାର ବିଭିନ୍ନ ଦିଗ ଉପରେ କହିଥିଲେ। ଏଥିରେ ଏମଏନ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗଗନ ବିହାରୀ ସୂତାର, ଶିକ୍ଷକ ଅଶୋକ ଦାଶ, ଶିକ୍ଷୟିତ୍ରୀ ସସ୍ମିତା ସିଂ ଓ ଅନିତା ଧଳ, କ୍ରୀଡା ଶିକ୍ଷକ ଶଶାଙ୍କ ଶେଖର ସାହୁ ଓ ହାଇସ୍କୁଲ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏମଏନ ହାଇସ୍କୁଲ ଗେଟ ନିକଟରେ ପୋଲିସ ବାହିନୀ, ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ରଥକୁ ସ୍ୱାଗତ କରିଥିଲେ।

# ଭାଜପା ପକ୍ଷରୁ ବସ୍ତି ସମ୍ପର୍କ ଅଭିଯାନ

**ପଟ୍ଟାମୁଣ୍ଡାଇ,୩।୯(କଳ୍ପତରୁ ନାୟକ):** ପଟ୍ଟାମୁଣ୍ଡାଇ ବ୍ଲକ ଖଡିଅଣ୍ଟା ପଞ୍ଚାୟତ ଜିଗରଣ ଗ୍ରାମରେ ଭାଜପା ପକ୍ଷରୁ ବସ୍ତି ସମ୍ପର୍କ ଅଭିଯାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଘରକୁ ଘର ବୁଲି ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଉକ୍ତ କାର୍ଯକ୍ରମରେ ଭାଜପା ନେତା ଅଜୟ ବେହେରା, ଭାଜପା ଏସ୍‌ସି ମୋର୍ଚ୍ଚା ଜିଲା ସଭାପତି ଅନ୍ତର୍ଯ୍ୟାମୀ ମଳିକ, ରାଜ୍ୟ କୃଷକ ମୋର୍ଚ୍ଚା ସଭ୍ୟ ରାଜକିଶୋର ସାହୁ, ସୁଶାନ୍ତ ଦାସ, ଅମୂଲ୍ୟ ଦାସ, ଖଡିଅଣ୍ଟା ସମିତି ସଭ୍ୟା ଲିଲି ମଳିକ, କବିତା ମଳିକ, ପ୍ରଦୀପ ମଳିକ, ସଞ୍ଜୟ ମଳିକ, ଅଭୟ ମଳିକ, ଦୈତାରୀ ସାହୁ, ରବୀନ୍ଦ୍ର ମଳିକ, ସୁକାନ୍ତ ମଳିକ, ପୁରୁଷୋତ୍ତମ ମଳିକ, ନିରଞ୍ଜନ ମଳିକ, ପଞ୍ଚାନନ ମଳିକ ଓ ସୋମନାଥ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଜବରଦଖଲ: ହୋଟେଲ, ଘେରି ଉଚ୍ଛେଦ ପାଇଁ ଦାବି

## ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ଡିଏଫ୍‌ଓ ଓ ତହସିଲଦାରଙ୍କୁ ଦାବିପତ୍ର




ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପୁରାତନ ମଞ୍ଚର ସଦସ୍ୟ ଦାବିପତ୍ର ଦେଉଛନ୍ତି।

**ରାଜନଗର, ୩।୧୦(ଭାସ୍କର ରାଉତରାୟ)**

ଭିତରକନିକା ଏବେ ଦେଶ ବିଦେଶର ପରିବେଶପ୍ରେମୀ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ପାଲଟିଛି। ମାତ୍ର ଭିତରକନିକା ପ୍ରବେଶ ପଥ ନିକଟରେ ଜଙ୍ଗଲ ଓ ସରକାରୀ ଜମି ଜବରଦଖଲ କରାଯାଇ ୫ ଗୋଟି ହୋଟେଲ ନିର୍ମାଣ ହୋଇଛି। ରାଜସ୍ୱ ଓ ଜଙ୍ଗଲ ଜମିରେ ହୋଟେଲ ନିର୍ମାଣ ହେବା ଯୋଗୁ ପର୍ଯ୍ୟଟକମାନେ ଯାତାୟାତ ଓ ଗାଡି ମୋଟର ରଖିବାରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏପରିକି ଭିତରକନିକା ନିକଟରେ ପରିବେଶକୁ ପ୍ରଭାବିତ କରି ଜଙ୍ଗଲ ଓ ରାଜସ୍ୱ ଜମିରେ ଚିଙ୍ଗୁଡି ଘେରି ନିର୍ମାଣ ହୋଇଛି। ୭ଦିନ ଭିତରେ ଏ ନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ଆଜି ରାଜନଗର ଡିଏଫ୍‌ଓ ଏବଂ ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ସେମାନଙ୍କ ଦାବି ମୁତାବକ, ଭିତରକନିକା ଜାତୀୟ ଉଦ୍ୟାନ ଫାଟକକୁ ଲାଗି ହୋଟେଲ ଭିତରକନିକା, ହୋଟେଲ ରେଡକ୍ରାବ୍, ହୋଟେଲ ସତ୍ୟପ୍ରିୟ ଏବଂ ୧୦୦ ମିଟର ଦୂରରେ ଏକ ରିସର୍ଟ ନିର୍ମାଣ ହୋଇଛି। ଯେଉଁମାନଙ୍କର ଗୋଟିଏ ଇଞ୍ଚ ମଧ ପଟ୍ଟା ଜାଗା ନାହିଁ। ଏପରିକି ଭିତରକନିକା ଷ୍ଟେଟ ବ୍ୟାଙ୍କ ନିକଟରେ ସରକାରୀ ଓ ଜଙ୍ଗଲ ଜମିରେ ମ୍ୟାନଗ୍ରୁଭ ପିଟା ହୋମ ଷ୍ଟେ ନିର୍ମାଣ ହୋଇଥିବା ନେଇ ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିସହ ଡାଙ୍ଗମାଳ ନିକଟରେ ଡାଙ୍ଗମାଳ-ତାଳଚୁଆ ରାସ୍ତାରେ ପାଣି ନାଳ, ଝାଟି ଜଙ୍ଗଲ ଓ ଗ୍ରାମ୍ୟ ଜଙ୍ଗଲ ପ୍ରାୟ ୧୦ ଏକରରୁ ଅଧିକ ଜବରଦଖଲ କରି ଚିଙ୍ଗୁଡି ଘେରି ଓ ଘର ନିର୍ମାଣ ହୋଇଥିବା ନେଇ ଅଭିଯୋଗ କରାଯାଇଛି। ମଞ୍ଚର କର୍ମକର୍ତ୍ତା ଆଇନଜୀବୀ ଦେବଦତ୍ତ ସେଠୀଙ୍କ ନେତୃତ୍ୱରେ ଦୀପକ ରାଉତ, ଦେବାଶିଷ ରାଉଳ, ଶିବ ପ୍ରସାଦ ନାୟକ, କ୍ଷୀରୋଦ ନାୟକ, ପଦ୍ମଲୋଚନ ପରିଡ଼ା, ଆକାଶ ରାଉତ, ରାହୁଲ ସ୍ୱାଇଁ, ରାଘବେନ୍ଦ୍ର ମହାନ୍ତି ପ୍ରମୁଖ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ଭେଟି ଦାବିପତ୍ର ଦେବା ସହ ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ରଖିଥିଲେ। ଏଥିସହ ମଞ୍ଚର ସଦସ୍ୟମାନେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କୁ ଭେଟି ଦାବିପତ୍ର ଦେବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ନୂତନ ସୋସାଇଟି ପଞ୍ଜୀକୃତ, କାର୍ଯ୍ୟକାରିତାରେ ଆଶଙ୍କା

**ପଟ୍ଟାମୁଣ୍ଡାଇ,୩।୧୦(ଅକ୍ଷୟ ବିଶ୍ୱାଳ) :** ସମବାୟ ଆନ୍ଦୋଳନକୁ ଲୋକାଭିମୁଖୀ କରିବା ସହ ସାଧାରଣ ଚାଷୀମାନେ ସମବାୟ ବିଭାଗ ଦ୍ୱାରା ଉପକୃତ ହେବାର ଲକ୍ଷ୍ୟ ରଖି ରାଜ୍ୟ ସମବାୟ ବିଭାଗ, କେନ୍ଦ୍ର ସମବାୟ ବିଭାଗ ସହଯୋଗରେ ରାଜ୍ୟରେ ନୂତନ ସୋସାଇଟି ଗଠନ କରିବାକୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌର ପରିଷଦ ମଧ୍ୟରେ କାର୍ଯ୍ୟକ୍ଷମ ଥିବା ୧୬ଟି ସୋସାଇଟିକୁ ବୃଦ୍ଧି କରି ୨୩ଟି ସୋସାଇଟି କାର୍ଯ୍ୟକ୍ଷମ କରାଇବା ପାଇଁ ନୂତନ ଭାବରେ ୭ଟି ସୋସାଇଟିକୁ ସହକାରୀ ନିବନ୍ଧକ ପଞ୍ଜୀକୃତ କରାଇଛନ୍ତି। ନୂତନ ଗଠିତ ସୋସାଇଟି ମଧ୍ୟରେ ତରଡିପାଳ, ଅମୃତମଣୋହି, ବଲୁରିଆ, ମୋହିନୀଦେବୀ (ବାଲିପାଟଣା), ଶ୍ରୀରାମପୁର, ଡିହାପଡା, ଗଙ୍ଗାରାମପୁର ସୋସାଇଟି ଗଠନ କରାଯାଇ ପଞ୍ଜୀକୃତ କରାଯାଇଛି। ଏମାନଙ୍କର ପଞ୍ଜୀକୃତ ନମ୍ବର ଯଥାକ୍ରମେ ୨୦୮/୨।୫।୨୩, ୧୯୧/୨୦।୪।୨୩, ୧୮୫/୧୮।୩।୨୩, ୧୮୪/୨୦।୩।୨୩, ୨୩୧/୯।୬।୨୩, ୧୯୯/୨।୫।୨୩ ଓ ୧୯୨/୨୦।୪।୨୩ ହୋଇଥିବା ବେଳେ ଏହାକୁ କାର୍ଯ୍ୟକାରୀ କରାଯିବାରେ ଆଶଙ୍କା ସୃଷ୍ଟି ହୋଇଛି। ଅପରପକ୍ଷରେ ସହକାରୀ ନିବନ୍ଧକ କେନ୍ଦ୍ରାପଡ଼ା ନୂତନ ସୋସାଇଟି ପଞ୍ଜୀକରଣକୁ ସମ୍ପୂର୍ଣ୍ଣ ମନମୁଖି ଓ ବେଆଇନ ଭାବେ କରିଥିବା ପୁରାତନ ସୋସାଇଟିଗୁଡିକ ଅଭିଯୋଗ ଉଠାଇଛନ୍ତି। ପୁରାତନ ସୋସାଇଟି ପେଣ୍ଠପାଳ, ଅର୍ଣ୍ଣରା, କଷଣଅଣ୍ଟା, ଡାମରପୁର, ନରସିଂହପୁର, ଆୟବା ସୋସାଇଟିକୁ ପଞ୍ଜୀକରଣ ପୂର୍ବରୁ ସହକାରୀ ନିବନ୍ଧକ ଜଣାଇ ନାହାନ୍ତି। ସମିତିର ସଭ୍ୟମାନଙ୍କୁ ଅବଗତ କରାଇନାହାନ୍ତି କି ନୂତନ ସୋସାଇଟିର ସଭ୍ୟାସଭ୍ୟ ତାଲିକା ସହିତ ପରିଚାଳନା ପରିଷଦର କର୍ମକର୍ତ୍ତା ତାଲିକାକୁ ପୁରୁଣା ସୋସାଇଟିରେ ଯାଞ୍ଚ କରିନାହାନ୍ତି। ଫଳରେ ପୁରୁଣା ସୋସାଇଟିର ବହୁ ସଭ୍ୟାସଭ୍ୟ ନୂତନ ସୋସାଇଟିରେ ପୁନର୍ବାର ସଭ୍ୟ ହୋଇଛନ୍ତି। ସମବାୟ ବିଭାଗର ନିୟମ ଅନୁସାରେ ଜଣେ ୨ଟି ଜାଗାରେ ସଭ୍ୟ ହୋଇପାରିବେ ନାହିଁ। ଅପରପକ୍ଷରେ ପୁରୁଣା ସୋସାଇଟିରେ ଋଣ କାରବାର କରୁଥିବା ବେଳେ ସେମାନେ ନୂତନ ସୋସାଇଟି ନ ଯିବାକୁ ଜଣାଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ନିବନ୍ଧକ କୋର୍ଟରେ ନବଗଠିତ ଅମୃତମଣୋହି ସୋସାଇଟି ବିରୋଧରେ ଡିସପୁଟ କେସ୍ ନଂ. ୨୪/୨୩, ବଲୁରିଆ ନଂ.୨୫/୨୩, ଗଙ୍ଗାରାମପୁର ଆରପି- ନଂ. ୨୫/୨୩, ମୋହିନଦେବୀ ଆରପି ନଂ. ୩୫/୨୩ରେ ପୁରୁଣା ସମିତି ସଭ୍ୟମାନେ ମାମଲା ଦାଖଲ କରିଛନ୍ତି। ଏହି ମାମଲାଗୁଡିକ ବିଚାରାଧୀନ ରହିଛି। ସେହିପରି ବିଭାଗୀୟ ମନମୁଖି ବେଆଇନ ପଞ୍ଜୀକରଣ ବିରୋଧରେ ପୁରୁଣା ସୋସାଇଟିର ପରିଚାଳନା ପରିଷଦ ପକ୍ଷରୁ ସହଯୋଗ ନ କରିବା ଓ ରେକର୍ଡ ପତ୍ର ହସ୍ତାନ୍ତର ନ କରିବା ପାଇଁ ସଭାର ରିଜୋଲ୍ୟୁଶନ ସମସ୍ତ ବିଭାଗକୁ ପ୍ରଦାନ କରିଥିବା ଜଣାଯାଇଛି। ଫଳରେ ପଞ୍ଜୀକୃତ ହୋଇଥିବା ନୂତନ ଗଠିତ ସୋସାଇଟିଗୁଡ଼ିକ କାର୍ଯ୍ୟକାରୀ କରାଯିବାରେ ଆଶଙ୍କା ଦେଖାଦେଇଛି ବୋଲି ସାଧାରଣରେ ଆଲୋଚନା ହେଉଛି।

# ଦୁର୍ଗାପୂଜା ପାଇଁ ପୂର୍ବ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ପୂଜା କମିଟିର ସଦସ୍ୟମାନେ।

**ରାଜକନିକା,୩।୧୦(ସଞ୍ଜୟ କୁମାର ଦାଶ)**

ଆଗକୁ ପାର୍ବଣ ଋତୁ ଆସୁଥିବା ବେଳେ, ଚଳଚଞ୍ଚଳ ଦେବୀ ପୀଠ। ସେହି ପ୍ରରିପେକ୍ଷୀରେ ରାଜକନିକା ସାର୍ବଜନୀନ ଦୁର୍ଗାପୂଜା କମିଟି ପୂଜା ଧୁମଧାମରେ ପାଳନ କରିବାକୁ ଯାଉଛି। ପୂଜା ପାଇଁ ପ୍ରାକ୍ ପ୍ରସ୍ତୁତି ସାଧାରଣ ସଭ୍ୟମାନଙ୍କୁ ନେଇ ବୈଠକ ୨ ଥର ସରିଥିବା ବେଳେ, ମଙ୍ଗଳବାର ମା' କନିକେଶ୍ୱରୀ ଦୁର୍ଗାଙ୍କ ପୀଠ ପରିସରରେ କମିଟିର ଉପଦେଷ୍ଟା, କର୍ମକର୍ତ୍ତା, କାର୍ଯ୍ୟକାରୀ ସଭ୍ୟ, ପ୍ରଶାସନିକ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

କମିଟିର ସଭାପତି ବୈକୁଣ୍ଠ ନାଥ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ କପିଳେନ୍ଦ୍ର ମଲ୍ଲିକ ସ୍ୱାଗତ ଭାଷଣ ଦେବା ସହ ପୀଠରେ ବିଧି ମୁତାବକ ମା'ଙ୍କ ନବରାତ୍ର ପୂଜା ଓ ନୀତିକାନ୍ତି ଅକ୍ଟୋବର ୧୫ରୁ ଆରମ୍ଭ ହୋଇ ପୀଠେ ଦଶହରା ୨୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। କୋଣାର୍କ ଗଣନାଟ୍ୟ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମରେ ଯାତ୍ରା ପରିବେଷଣ ଅକ୍ଟୋବର ୨୫ରୁ ୨୮ ପର୍ଯ୍ୟନ୍ତ ଚାଲିବା ନେଇ ସୂଚନ ଦେଇଥିଲେ। ୧୪ ଦିନ ହେବାକୁ ଥିବା ଏହି କାର୍ଯ୍ୟକ୍ରମ କିପରି ଶାନ୍ତି ଶୃଙ୍ଖଳାରେ ସମ୍ପାଦିତ ହେବ ସେ ନେଇ ସମସ୍ତଙ୍କୁ ନିବେଦନ କରିଥିଲେ। କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ରାଜକନିକା ବିଡିଓ ରବିନାରାୟଣ ଆଚାର୍ଯ୍ୟ, ଅଗ୍ନିଶମ ବିଭାଗୀୟ ଅଧିକାରୀ ସୁଶାନ୍ତ ଦାସ, ବିଦ୍ୟୁତ୍ ବିଭାଗୀୟ ଅଧିକାରୀ(କମର୍ସିଆଲ ଜେଇ) ରଶ୍ମିକାନ୍ତ ପାଇକରାଏ, ଆର୍.ଏନ୍.ହାଇସ୍କୁଲର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଦଳାଇ, ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବିଚିତ୍ର କୁମାର ଦାସ, ବ୍ଲକ ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ରହି ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କମିଟିର ଉପଦେଷ୍ଟା ବିପିନ୍ ବିହାରୀ ରାଉତ, କବିପ୍ରସାଦ ସାମଲ, ରଙ୍ଗାଧର ବେହୁରା, ରବୀନ୍ଦ୍ର ନାଥ ରାଉତ, କୋଷାଧକ୍ଷ ବସନ୍ତ ବିଶ୍ୱାଳ, ସଞ୍ଜୟ କୁମାର ଦାଶ, କେଶବ ଚନ୍ଦ୍ର ବେହେରା, କୁଳମଣୀ ବେହେରା, କପିଳ ତରାଇ, ଖବରଦାତା ଅଜିତ ବେହୁରିଆ, ଅଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ମନୋଜ ସେନାପତି ଧନ୍ୟବାଦ ଦେଇଥିଲେ।

# ମୂଳ ଖାତାକୁ ଫେରିଲା ୫. ୭୮ ଡିସିମିଲ ବିକ୍ରି ଜମି

## ଭୂତ ଜମି ବିକିବା ଘଟଣା

**ରାଜନଗର, ୩।୧୦(ଭାସ୍କର ରାଉତରାୟ)**

ମୃତ ବ୍ୟକ୍ତିଙ୍କୁ ଜୀବତ ଦର୍ଶାଇ ଭୂତ ବିକିଥିବା ଜମି ଘଟଣାର ରହସ୍ୟ ଉପରୁ ପରଦା ହଟିଛି। କେନ୍ଦ୍ରାପଡ଼ା ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, କେନ୍ଦ୍ରାପଡ଼ା ଏସ୍‌ପିଙ୍କ ଜମି ମାଲିକ ମୃତ ଉପେନ୍ଦ୍ର ଖିଲାରଙ୍କ ଝିଅ ମଞ୍ଜୁଲତା ଖିଲାର ଦ୍ୱାରସ୍ଥ ହେବା ପରେ ଜିଲା ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ନେଇଛି। ରାଜନଗର ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ୨୫ ବର୍ଷ ତଳେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ଜମି ବିକ୍ରି ଘଟଣାରେ ବଡ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଜମି ବିକିଥିବା ଲୋକ ନକଲି, ଜମିର ପ୍ରକୃତ ମାଲିକ ୨୫ ବର୍ଷ ତଳୁ ମୃତ୍ୟୁବରଣ କରିଥିବା ପ୍ରଶାସନ ସ୍ପଷ୍ଟ ହେବା, ପ୍ରମାଣ ପାଇବା ପରେ ୨ଟି ଦଲିଲ ଓ ମ୍ୟୁଟେସନକୁ ଖାରଜ କରାଯାଇ ମୂଳ ଖାତାକୁ ଜମି ଫେରାଇ ଅଣାଯାଇଛି।

ରାଜନଗର ତହସିଲ ଅନ୍ତର୍ଗତ ଭାଟପଡା ମୌଜାର ଖାତା ନଂ. ୮ , ପ୍ଲଟ ନଂ. ୧୬୫ ରକବା ୫ ଏକର ୭୮ ଡିସିମିଲ ଜମି ମାଲିକ ଭଦ୍ରକ ଜିଲା ସାହାଡାକଚେରୀ ସାହିର ଉପେନ୍ଦ୍ର ଖିଲାର। ଉପେନ୍ଦ୍ର ୧୯୯୮ରେ ମୃତ୍ୟୁବରଣ କରିସାରିଛନ୍ତି। ୨୦୨୩ ମେ ୨ରେ ଭଦ୍ରକ ଜିଲା ଜାଗୁଳା ଗାଁର କାର୍ତ୍ତିକ ଖିଲାର ନିଜକୁ ଉପେନ୍ଦ୍ର ଖିଲାର ବୋଲି ଦର୍ଶାଇ ଏହି ୫ ଏକର ୭୮ ଡିସିମିଲ ଜମିକୁ ରାଜନଗର ଥାନା ଅନ୍ତର୍ଗତ କୁଶାଇଲୋ ଗାଁର କ୍ଷୀରୋଦ କୁମାର ରାଉତରାୟଙ୍କ ପତ୍ନୀ ରାଧାରାଣୀ ରାଉଳଙ୍କୁ ବିକ୍ରି କରି ଦେଇଛନ୍ତି। କାର୍ତ୍ତିକ ଖିଲାର ନିଜର ଆଧାରକାର୍ଡକୁ ନକଲ କରି ଉପେନ୍ଦ୍ର ଖିଲାର ନାଁରେ ଆଧାରକାର୍ଡ ପ୍ରସ୍ତୁତ କରି ଏହି ଜମି ବିକ୍ରି କରି ଦେଇଥିଲେ। ପ୍ରକୃତ ଜମି ମାଲିକ ମୃତ ଉପେନ୍ଦ୍ରଙ୍କ ଝିଅ ମଞ୍ଜୁଲତା ଏହା ଜାଣିବା ପରେ ଥାନା ଓ ତହସିଲରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ଭଦ୍ରକ ଓ ଚାନ୍ଦବାଲି ତହସିଲର ଚିଠି ଜମି ହଡପ ପାଇଁ ହୋଇଥିବା ଯୋଜନାବଦ୍ଧ ଷଡଯନ୍ତ୍ରକୁ ସ୍ପଷ୍ଟ କରିଥିଲା। ଭଦ୍ରକ ତହସିଲ ପକ୍ଷରୁ ଦିଆଯାଇଥିବା ଚିଠିରେ ସାହାଡାକଚେରୀ ସାହିର ଉପେନ୍ଦ୍ର ଖିଲାର ଦୀର୍ଘବର୍ଷ ତଳୁ ମୃତ୍ୟୁ ବରଣ କରି ସାରିଛନ୍ତି। ସେ କଲିକତାରେ ରହୁଥିଲେ ଓ କଲିକତାରେ ମୃତ୍ୟୁବରଣ କରି ସାରିଛନ୍ତି ବୋଲି ଦର୍ଶାଯାଇଥିଲା। ୧୯୬୮ରେ ଉପେନ୍ଦ୍ର ଖିଲାର ଏହି ଜମିକୁ କିଣିଥିଲେ। ସେତେବେଳେ ତାଙ୍କର ବୟସ ୪୦ବର୍ଷ ଥିଲା। ଅର୍ଥାତ୍ ବର୍ତ୍ତମାନ ତାଙ୍କର ବୟସ ୯୫ ବର୍ଷ ହୋଇଥାନ୍ତା। ମାତ୍ର ଜମି ବିକିଥିବା ନକଲି କାର୍ତ୍ତିକ ଖିଲାରଙ୍କ ବୟସ ୬୯ବର୍ଷ ଦଲିଲରେ ଉଲ୍ଲେଖ ରହିଛି। ଏହାବାଦେ ଚାନ୍ଦବାଲି ତହସିଲ ପକ୍ଷରୁ ଯେଉଁ ନୋଟିସ ଜାଗୁଳା ଗାଁକୁ ପଠାଯାଇଥିଲା। ଜାଗୁଳା ଗାଁରେ ଉପେନ୍ଦ୍ର ଖିଲାର ନାଁରେ କେହି ନ ଥିବା ତହସିଲ କର୍ମଚାରୀ ଓ ଜାଗୁଳା ଗାଁର ପୋଷ୍ଟ ମାଷ୍ଟର ଲିଖିତ ଭାବେ ରାଜନଗର ତହସିଲକୁ ଜଣାଇଛନ୍ତି। ଜାଗୁଳା ଗାଁରେ ଉପେନ୍ଦ୍ର ଖିଲାର ନାଁରେ କେହି ବ୍ୟକ୍ତି ନ ଥିବା ବେଳେ ଜାଗୁଳା ଗାଁର ଉପେନ୍ଦ୍ର ଖିଲାର ଜମି ବିକି ଥିବାରୁ ଉପେନ୍ଦ୍ର ଯେ ନକଲି ତାହା ତହସିଲଦାର ଓ ପ୍ରଶାସନ ନିଶ୍ଚିନ୍ତ ହୋଇଥିଲେ। ସବ୍‌ରେଜିଷ୍ଟ୍ରାର କ୍ରେତା, ବିକ୍ରେତା, ସାକ୍ଷୀ, ଚିହ୍ନଟି ହାଜର ହୋଇ ନ ଥିଲେ ମଧ ଭଦ୍ରକ ଓ ଚାନ୍ଦବାଲି ତହସିଲର ଚିଠି ପରେ ଉପେନ୍ଦ୍ର ଖିଲାର ମୃତ ଏହା ସତ। ସେହି ଆଧାରରେ ହୋଇଥିବା କବଲାକୁ ବାତିଲ କରି ମୂଳ ଖାତାକୁ ଜମି ଫେରାଇ ଆଣିବାକୁ ଜିଲା ପ୍ରଶାସନକୁ ରିପୋର୍ଟ ଦେଇଥିଲେ। କେନ୍ଦ୍ରାପଡ଼ା ଉପଜିଲାପାଳଙ୍କ କୋର୍ଟରେ ମ୍ୟୁଟେସନ କେସ୍ ନଂ. ୧୮୦୧/୨୩ ଓ ୧୮୦୨/୨୩କୁ ଖାରଜ କରାଯାଇ ମୂଳ ଖାତା ଭାଟପଡା ମୌଜାର ଖାତା ନଂ. ୮, ପ୍ଲଟ ନଂ. ୧୬୫ରେ ଦରଜ କରିବା ପାଇଁ ରାଜନଗର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୂତ ଜମି ବିକ୍ରି ଘଟଣାରେ ଦୁଇଟି ଦଲିଲ ହୋଇଥିଲା। ପ୍ରତ୍ୟେକ ଦଲିଲ ୨ ଏକର ୮୯ ଡିସିମିଲ ଲେଖାଏ ହୋଇଥିଲା। ଏହାକୁ ମ୍ୟୁଟେସନ କରି ନୂଆ ଖାତା ୧୭୪/୨୩୮ ଓ ୧୭୪/୨୩୯ ହୋଇଥିଲା। ରାଜନଗର ତହସିଲ ପକ୍ଷରୁ ଏହାକୁ ଖାରଜ କରାଯାଇ ମୂଳ ଖାତା ୮ ଓ ପ୍ଲଟ ନଂ. ୧୬୫କୁ ୫ ଏକର ୭୮ ଡିସିମିଲ ଜମି ଫେରାଇ ଅଣାଯାଇଛି ବୋଲି ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ସୂଚନା ଦେଇଛନ୍ତି। ଭୂତ ଜମି ବିକ୍ରି ଘଟଣା ରାଜନଗର ତହସିଲ ପାଇଁ ଅପବାଦ ଆଣିଥିଲା। ରାଜନଗର ତହସିଲଦାର ଭୂତ ଜମି ବିକ୍ରି ଘଟଣା ଜାଣିବା ପରେ ଏ ନେଇ ନିଜ ପକ୍ଷରୁ କାର୍ଯ୍ୟାନୁଷ୍ଠାନକୁ ତ୍ୱରାନ୍ୱିତ କରିଥିଲେ। ମାତ୍ର ୪ ମାସ ମଧ୍ୟରେ ଭୂତ ଜମି ବିକିବା ଦୁଇଟି ଦଲିଲକୁ ଖାରଜ କରାଯାଇ ମୂଳ ଖାତାକୁ ଜମି ଫେରିଛି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

କାଏମା,୩।୧୦(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ ବଡ଼ କାଏମା ପଞ୍ଚାୟତ ଗୋପନଗର ଗ୍ରାମରେ ସାପ କାମୁଡ଼ାରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଦେବେନ୍ଦ୍ର ରାଉତଙ୍କ ପୁଅ ଜ୍ୟୋତିରଞ୍ଜନ ରାଉତ(୩୩)। ସେ ସୋମବାର ରାତିରେ ତାଙ୍କ ଗ୍ରାମରେ ଥିବା ପାଣି ପମ୍ପ ଘରେ ସାଙ୍ଗମାନଙ୍କ ସହ ଶୋଇଥିଲେ। ଏହି ସମୟରେ ତାଙ୍କୁ କିଛି ଆଘାତ ଲାଗିଥିଲା। ସେ ନିଦରେ ଏହାକୁ ଧ୍ୟାନ ଦେଇ ନ ଥିଲେ। ରାତିପ୍ରାୟ ୨ଟାରେ ନିଦରୁ ଉଠି ଦେହ କ'ଣ ହେଉଛି ବୋଲି ସାଙ୍ଗମାନଙ୍କୁ କହିଥିଲେ। ସାଙ୍ଗମାନେ ତାଙ୍କୁ ଧର୍ମଶାଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ମୃତ ଯୁବକଙ୍କ ଜଣକ ଏକ ଛୋଟ ଦୋକାନ କରି ପରିବାର ଚଳାଉଥିଲେ। ତାଙ୍କ ରୋଜଗାର ଉପରେ ପରିବାର ନିର୍ଭର କରୁଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ବାପା

ପାଣିକୋଇଲି,୩।୧୦(ବିକାଶ ମଲ୍ଲିକ): ଗାଡ଼ି ସାଇଡ୍ ମରାକୁ ନେଇ ଯୁବକଙ୍କୁ ଆକ୍ରମଣ ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ତେଣୁ ବାଧ୍ୟହୋଇ ଆକ୍ରମଣର ଶିକାର ବ୍ୟକ୍ତିଙ୍କ ବାପା ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ମୁତାବକ, ଯାଜପୁର ସଦର ଥାନା ଅନ୍ତର୍ଗତ କଣ୍ଟାବଣିଆ ଗ୍ରାମର ସିଦ୍ଧେଶ୍ୱର ମଲ୍ଲିକଙ୍କ ପୁଅ ପ୍ରଦୀପ ମଲ୍ଲିକ ଏକ ବାଇକ ଯୋଗେ ଖରସ୍ରୋତୀ ନଦୀ ବନ୍ଧରେ ଜହଲ ଗ୍ରାମକୁ ଯାଉଥିଲେ। ଏହି ସମୟରେ ଏକ କଳା ରଙ୍ଗର କାରରେ ଆର୍ତ୍ତ ନାୟକ ଆସି ପ୍ରଦୀପଙ୍କ ବାଇକ ସମ୍ମୁଖରେ ଆଡ଼ା ପକାଇବା ସହିତ ବାଇକ ପଛକୁ ଘୁଞ୍ଚା ବୋଲି କହି ଅଶ୍ରାବ୍ୟ ଓ ଜାତିଆଣ ମନ୍ତବ୍ୟ ଦେଇ ଗାଳିଗୁଲଜ କରିଥିଲେ। ପରେ ତାଙ୍କର ୫/୬ଜଣ ସାଙ୍ଗଙ୍କୁ ଡକାଇ ପ୍ରଦୀପଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ସିଦ୍ଧେଶ୍ୱର ଥାନାରେ ଗତ ମାସ ୨୦ ତାରିଖରେ ଅଭିଯୋଗ କରିଥିଲେ। ହେଲେ ଏଯାଏ ପୋଲିସ କୌଣସି ପଦକ୍ଷେପ ନ ନେବାରୁ ସିଦ୍ଧେଶ୍ୱର ଯାଜପୁର ଏସ୍‌ପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି।

### ମହୁଲି ବିକ୍ରି ଅଭିଯୋଗରେ ଜଣେ ଗିରଫ

ପାଣିକୋଇଲି,୩।୧୦(ବିକାଶ ମଲ୍ଲିକ): ମହୁଲି ବିକିବା ଅଭିଯୋଗରେ ପାଣିକୋଇଲି ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ତାଙ୍କ ନିକଟରୁ ୮ ଲିଟର ମହୁଲି ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ମୂଳାପାଳ ପଞ୍ଚାୟତ କ୍ଷୀରୋ ଗ୍ରାମର ଶରତ ଦଳେଇ। ସେ ମହୁଲି ବିକ୍ରି କରୁଥିବା ଖବର ପାଇ ପୋଲିସ ତାଙ୍କୁ ଗିରଫ କରିଥିଲା।

# ଆତ୍ମନିଯୁକ୍ତି, ଦକ୍ଷତା ବିକାଶ ଉପରେ ଗୁରୁତ୍ୱ

## ସ୍ୱକଳ୍ପ କାର୍ଯ୍ୟକ୍ରମ ଅଧୀନରେ ଉଦ୍ୟୋଗୀ ସମ୍ପର୍କ ଅଭିଯାନ ଆରମ୍ଭ



ସଚେତନାରଥ ଶୁଭାରମ୍ଭ ଅବସରରେ ଜିଲାପାଳ ପାରୁଲ ପଟାୱାରି ଓ ଅନ୍ୟମାନେ।

ଜଗତ୍‌ସିଂହପୁର, ୩।୧୦ (ପ୍ରମୋଦ କୁମାର ନାୟକ): ସ୍ୱକଳ୍ପ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ୧୦ ହଜାର ଯୁବତୀଯୁବକଙ୍କୁ ଆତ୍ମନିଯୁକ୍ତି ଏବଂ ଉଦ୍ୟୋଗୀ ଦକ୍ଷତା ବିକାଶ ଲାଗି ୧୦୦ ଘଣ୍ଟାର ତାଲିମ ଦିଆଯିବ। ପ୍ରତି ଅଞ୍ଚଳରେ ଅନ୍ୟୂନ ୧ ହଜାର ବ୍ୟକ୍ତି କିପରି ବିଭିନ୍ନ ପ୍ରକାର ବ୍ୟବସାୟ ପ୍ରତିଷ୍ଠା କରିପାରିବେ ତା ଉପରେ ପ୍ରାଥମିକତା ଦିଆଯିବ। ବିଶେଷକରି ପ୍ରତି ପର୍ଯ୍ୟାୟରେ ୨୫ ପ୍ରତିଶତ ମହିଳାଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଉଦ୍ୟମୀ ଯୁବତୀ ଯୁବକଙ୍କୁ ବ୍ୟବସାୟ ପ୍ରତିଷ୍ଠା ଲାଗି ବିଭିନ୍ନ ପ୍ରକାର ତାଲିମ ମାଧ୍ୟମରେ ଆର୍ଥିକ ପରିଚାଳନା, ବଜାର ସଂଯୋଗ, ବ୍ୟାଙ୍କ ଋଣ ଏବଂ ନେତୃତ୍ୱ ବିକାଶ ଆଦି ବିଷୟରେ ତାଲିମ ଦିଆଯିବ। ଭବିଷ୍ୟତର ଉଦ୍ୟୋଗୀଙ୍କୁ ପ୍ରତିଷ୍ଠିତ ଉଦ୍ୟୋଗୀ ଏବଂ ବିଶେଷଜ୍ଞମାନଙ୍କ ସହ ଯୋଡ଼ାଯିବ। ପ୍ରାଥମିକ ତାଲିମ ଶେଷ ପରେ ପ୍ରାର୍ଥୀମାନଙ୍କୁ ୨୪ ସପ୍ତାହ ଯାଏଁ ବ୍ୟକ୍ତିଗତ ପରାମର୍ଶଭିତ୍ତିକ ବିଶେଷ ସହାୟତା ଦିଆଯିବ। ରାଜ୍ୟ ସରକାରଙ୍କ ଆତ୍ମନିଯୁକ୍ତି ତଥା ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ସ୍ୱକଳ୍ପ ଅଧୀନରେ ଉଦ୍ୟୋଗୀ ସମ୍ପର୍କ ଅଭିଯାନର ଶୁଭାରମ୍ଭ ଅବସରରେ ଏହା କୁହାଯାଇଛି। ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଏଥିପାଇଁ ଏକ ସ୍ୱତନ୍ତ୍ର ରଥ ଜଗତ୍‌ସିଂହପୁରରୁ ବାହାରିଛି। ଏହା ୭ ତାରିଖ ଯାଏଁ ଓଡ଼ିଶାର ବିଭିନ୍ନ ଜିଲା ପରିକ୍ରମା କରିବ। ଏହି ଅବସରରେ ସ୍ୱତନ୍ତ୍ର ରଥକୁ ଜିଲାପାଳ ପାରୁଲ ପଟାୱାରି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସ୍ୱକଳ୍ପ ଅଧୀନରେ ଉଦ୍ୟୋଗୀ ଦକ୍ଷତା ବିକାଶ ତାଲିମ ଶେଷ କରିଥିବା ଜିଲାର ପ୍ରାର୍ଥୀମାନଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ଏଥିସହ ବ୍ୟବସାୟ ପ୍ରତିଷ୍ଠା ଲାଗି ପ୍ରାର୍ଥୀମାନଙ୍କ ଆବଶ୍ୟକ ହେଉଥିବା ଉଦ୍ୟମ ଆଧାର ପଞ୍ଜୀକରଣ କରାଯାଇଥିଲା। ଜିଲାରୁ ଜିଲାକୁ ଯାଇ ପ୍ରାର୍ଥୀମାନଙ୍କ ଦୁଆର ମୁହଁରେ ପହଞ୍ଚି ବ୍ୟବସାୟ ପ୍ରତିଷ୍ଠା ଲାଗି ଆବଶ୍ୟକ ସହାୟତା ଯୋଗାଇଦେବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି କୁହାଯାଇଛି। ଏହି ରଥ ଅକ୍ଟୋବର ୩ ଓ ୪ ତାରିଖରେ ଖୋର୍ଦ୍ଧା, ୫ ଓ ୬ ନୟାଗଡ଼ ଏବଂ ୭ ତାରିଖରେ କଟକ ଜିଲା ଗସ୍ତ କରିବ। ଏହି ଅବସରର ଜଗତ୍‌ସିଂହପୁରର ଐତିହାସିକ ଅଳକା ଆଶ୍ରମ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି । ଫଳରେ ଆଗାମୀ ଦିନରେ ଅଳକା ଆଶ୍ରମ ପରିସରରେ ସ୍ୱକଳ୍ପ ଲାଗି ପ୍ରାର୍ଥୀମାନଙ୍କ ତାଲିମ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପରିଚାଳନା କରାଯିବ। କାର୍ଯ୍ୟକ୍ରମରେ ଅଳକା ଆଶ୍ରମର ସଭାପତି ଗୌରାଙ୍ଗ ଚରଣ ହୋତା, ଆବାହକ ଦେବେନ୍ଦ୍ର ନାଥ ରାଉତ, କାର୍ଲିଫର୍ନିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡେ, ଇସ୍ରୋର ପୂର୍ବତନ ମହାକାଶ ବିଜ୍ଞାନୀ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ବିଶ୍ୱ ଦକ୍ଷତା କେନ୍ଦ୍ରର ପରିଚାଳକ ସ୍ୱାଗତିକା ମହାପାତ୍ର, ପାଲାଡିୟମର ସହଯୋଗୀ ନିର୍ଦ୍ଦେଶକ ସୌମେନ୍ଦ୍ର ଚୌଧୁରୀ, ବିଜନେସ୍ ଡେଭଲପ୍‌ମେଣ୍ଟ ପରାମର୍ଶଦାତା ରତ୍ନମ୍ବରା ମିଶ୍ର, ବ୍ରାଣ୍ଡିଂ ଆଣ୍ଡ କମ୍ୟୁନିକେଶନ୍ ପରାମର୍ଶଦାତା ସୌମ୍ୟରଞ୍ଜନ ସାହୁ ଏବଂ ଲର୍ନେଟ୍‌ର ଓଡ଼ିଶା ମୁଖ୍ୟ ଜ୍ଞାନରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧୀନରେ ତଥା ବିଶ୍ୱ ଦକ୍ଷତା କେନ୍ଦ୍ର ଦ୍ୱାରା ସ୍ୱକଳ୍ପର ପରିଚାଳନା କରାଯାଉଛି। ସ୍ୱକଳ୍ପ କାର୍ଯ୍ୟକ୍ରମର ମୁଖ୍ୟ ସହଯୋଗୀ ସଂସ୍ଥା ପାଲାଜିୟମ କନସଲ୍ଟିଂ ଏବଂ ଅନ୍ୟତମ ସହଯୋଗୀ ସଂସ୍ଥା ଲର୍ନେଟ୍ ସ୍କିଲ୍ ଉଦ୍ୟୋଗୀ ସମ୍ପର୍କ ଅଭିଯାନର ପରିଚାଳନା କରୁଛନ୍ତି।

# ବେସରକାରୀ ଅଧ୍ୟାପକ, କର୍ମଚାରୀଙ୍କ ନୂତନ ଅନୁଦାନ ଦାବି

## ସରକାରୀ ଦଳ ମୁଖ୍ୟ ସଚେତକଙ୍କୁ ଦାବିପତ୍ର ପ୍ରଦାନ



ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନାଉଗାଁ,୩।୧୦ (ସୁଧା ବେହୁରା): ଜଗତ୍‌ସିଂହପୁର ଜିଲାରେ ୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ ବିଭିନ୍ନ ମହାବିଦ୍ୟାଳୟରେ କାର୍ଯ୍ୟରତ ବେସରକାରୀ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ନୂତନ ଅନୁଦାନ ପ୍ରଦାନ କରିବା ଲାଗି ନାଉଗାଁ ବ୍ଲକ ଅନ୍ତର୍ଗତ ଓସେନେଲିଆ ସଂଘ ତରଫରୁ ଦାବି କରାଯାଇଛି। ଏନେଇ ଜିଲାର ୪ ଟି ନିର୍ବାଚନମଣ୍ଡଳୀର ବିଧାୟକଙ୍କୁ ସାକ୍ଷାତ କରାଯିବା ସହ ଜଗତ୍‌ସିଂହପୁର ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲିଙ୍କୁ ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ର ପ୍ରଦାନ ସମୟରେ କଟକ ବିଭାଗର ସଂଯୋଜକ ପପିନ୍ଦ୍ର ଲେଙ୍କା, ଜିଲା ସଂଯୋଜକ ଚଗଲି ସ୍ୱାଇଁ, ବ୍ଲକ ଖଣ୍ଡ ସଂଯୋଜକ ସ୍ନେହମୟୀ ଦାସ, ବିଦ୍ୟୁତ୍‌ପ୍ରଭା ଦାସ, ଦିଲୀପ କୁମାର ବିଶ୍ୱାଳ,ସ୍ୱାଗତିକା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବାଳିକାମାନଙ୍କ ପାଇଁ ଆଧ୍ୟାତ୍ମିକ ସଚେତନତା ଶିବିର



ଶିବିରରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀମାନେ।

ନାଉଗାଁ,୩।୧୦(ସୁଧା ବେହୁରା): ଆନ୍ତର୍ଜାତିକ କ୍ରିୟାଯୋଗ ଗୁରୁ ପରମହଂସ ପ୍ରଜ୍ଞାନନ୍ଦଜୀ ମହାରାଜଙ୍କ ଦ୍ୱାରା ପ୍ରତିଷ୍ଠିତ ଜ୍ଞାନପ୍ରଭା ମିଶନ ଆନୁକୂଲ୍ୟରେ ନାଉଗାଁ ବ୍ଲକ ଅନ୍ତର୍ଗତ ହରିହରାନନ୍ଦ ଧ୍ୟାନମନ୍ଦିରର ମାତୃ ଆଶ୍ରମରେ ୨ ଦିନିଆ ସାମାଜିକ ଆଧ୍ୟାତ୍ମିକ ସଚେତନତା ଶିବର ପ୍ରଜ୍ଞାଧାରା ଅନୁଷ୍ଠିତ ହୋଇଯାଇଛି। ବାଳିକାମାନଙ୍କ ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମ ରବିବାରଠାରୁ ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ସେମାନଙ୍କୁ ଗୀତା, ଭାଗବତ ପାଠ କରିବା ଉପରେ ଶିକ୍ଷା ଦିଆଯିବା ସହ କୁମାରୀର ପବିତ୍ରତା, ଯୋଗାସନ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନାଉଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷା ଅନସ୍ମିତା ବେହୁରା, ଧ୍ୟାନ ମନ୍ଦିରର ଅନ୍ତେବାସୀ ମଧୁସ୍ମିତା ମା, ଜରଣା ମା, ଜ୍ଞାନପ୍ରଭା ମିଶନର ସମ୍ପାଦିକା ସାରଦା ନନ୍ଦଜୀ, ପଞ୍ଚାମୁଣ୍ଡାଇସ୍ଥିତ ମାତୃ ଆଶ୍ରମର ସ୍ୱାମୀ ଜ୍ୟୋତିର୍ମୟାନନ୍ଦ ଜୀ, ସ୍ୱାମୀ ସତ୍ୟମୟା ନନ୍ଦଜୀ ଓ ସ୍ୱାମୀ ଗିରିଜାନନ୍ଦଜୀ ପ୍ରମୁଖ ଯୋଗଦେଇଥିଲେ। ଏହି ଆଧ୍ୟାତ୍ମିକ ସଚେତନ ଶିବିରରେ ୧୪୦ ଜଣ ବାଳିକା ସାମିଲ ହୋଇଥିଲେ।

# ସାମାଜିକ ବିକାଶରେ ସାଂସ୍କୃତିକ କାର୍ଯ୍ୟକ୍ରମ ମହତ୍ତ୍ୱପୂର୍ଣ୍ଣ

## ଜିଲା ଲୋକକଳା ଗ୍ରାମ କନକପୁରରେ ବାର୍ଷିକ ଉତ୍ସବ



ମଞ୍ଚରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ଜଗତ୍‌ସିଂହପୁର, ୩।୧୦ (ପ୍ରମୋଦ କୁମାର ନାୟକ): ସାମାଜିକ ବିକାଶ କ୍ଷେତ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ମାଧ୍ୟମରେ ଲୋକଙ୍କ ଭିତରେ ସମନ୍ୱୟ ଓ ସମ୍ପର୍କ ବୃଦ୍ଧି ପାଇଥାଏ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା'ଶାରଳାଙ୍କ ପୀଠସ୍ଥଳ ତଥା ଜିଲାର ଲୋକକଳା ଗ୍ରାମ ରୂପେ ପରିଚିତ କନକପୁରଠାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ରାଜ୍ୟ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ସୂଚିସ୍ମିତା ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଉତ୍ସବରେ ମୁଖ୍ୟବକ୍ତା ଭାବେ ସହକାରୀ ଜିଲାପାଳ କଳ୍ପିତା କୁମାରୀ ଜେନା, ସମ୍ମାନିତ ଅତିଥି ଭାବେ ତିର୍ତ୍ତୋଲ ବ୍ଲକ ଉପାଧ୍ୟକ୍ଷ ସନ୍ଧ୍ୟାରାଣୀ ମହାନ୍ତି ଓ ତିର୍ତ୍ତୋଲ ବ୍ଲକ ଅତିରିକ୍ତ ବିଡିଓ ସତ୍ୟଜିତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କହିଥିଲେ। ସେହିପରି ନିମନ୍ତ୍ରିତ ଅତିଥି ଭାବେ ସମସ୍ତ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତିମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ରୂପାୟନ କ୍ଷେତ୍ରରେ ସହଯୋଗ କରିଥିଲେ। ଏହି ଅବସରରେ ମା'ଶାରଳାଙ୍କ ମନ୍ଦିରରୁ ପ୍ରଥମେ ଆଜ୍ଞାମାଳ ଓ ଜ୍ୟୋତି ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ସଭାସ୍ଥଳ ପର୍ଯ୍ୟନ୍ତ ଆସିଥିଲା। ସଭାରେ ତିର୍ତ୍ତୋଲ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ଶିଶିର କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଶାରଳା ସାହିତ୍ୟ ସଂସ୍କୃତି ଓ ମହିଳା ପ୍ରଚାରକ ରମାକାନ୍ତ ରାଉଳ ମଞ୍ଚ ପରିଚାଳନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁରୁ ଗୌରାଙ୍ଗ ଚରଣ ରାଉଳ ଓ ସାଥୀମାନଙ୍କ ଦ୍ୱାରା ଶାରଳା ଘଟନୃତ୍ୟ ପରିବେଷିତ ହୋଇଥିଲା। ଗୁରୁ ହେମନ୍ତ କୁମାର ରାଉତ ଓ ସାଥୀମାନଙ୍କ ଦ୍ୱାରା ଘୋଡ଼ା ନାଚ, ସଂକୀର୍ତ୍ତନ ମଣ୍ଡଳୀ ଓ କାଠି ଲଉଡି ଆଦି ମୋଟ ୭ଟି ଦଳ ସୁନ୍ଦର ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜିଲା ସଂସ୍କୃତି ବିଭାଗର କର୍ମଚାରୀ ନଳିନୀକାନ୍ତ ସାହୁ ଓ ରାଧାମୋହନ ଜେନା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

### ଡେରାବିଶ ଡିଗ୍ରୀ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

ଡେରାବିଶ, ୩।୧୦(ବେବର୍ତ୍ତା ଅଜୟ ଦାସ) : ଡେରାବିଶ ଡିଗ୍ରୀ ମହିଳା ମହାବିଦ୍ୟାଳୟର ଦଶମ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହଳଧର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ପ୍ରଭାକର ସାମଲ ଯୋଗଦେଇ ଛାତ୍ରୀମାନେ ନିଜକୁ ଜଣେ ଭଲ ମଣିଷ ଭାବେ ଗଢ଼ି ତୋଳିବା ସହ ଦେଶ ଗଠନରେ ସହାୟକ ହେବା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଭବାନୀ ପ୍ରସାଦ ଓଝା ଯୋଗଦେଇ ଛାତ୍ରୀମାନେ ନିଜର ଶିକ୍ଷା ସହ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ନେହଲତା ପରିଡ଼ା, ଅଧ୍ୟାପିକା ସୁଶ୍ରୀ ସଙ୍ଗୀତା ସାମଲ, ଅଧ୍ୟାପକ ରାଜେନ୍ଦ୍ର ବେହେରା, ବିଜୟ ଘଡ଼େଇ, ଶୁଭପ୍ରକାଶ ସାମଲ, ଦୀପ୍ତିମୟୀ ମହାନ୍ତି ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଜ୍ୟୋତିର୍ମୟୀ ସାହୁ ଧନ୍ୟବାଦ ଦେଇଥିଲେ। ଏଥିରେ କିଶୋର ଶତପଥୀ, କଲ୍ୟାଣୀ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

# ରାଜନଗରରେ ଜାତୀୟ ପୋଷଣ ପକ୍ଷ ପାଳନ

ରାଜନଗର, ୩।୧୦ (ଭାସ୍କର ରାଉତରାୟ): ରାଜନଗର ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପରିସରରେ ଜାତୀୟ ପୋଷଣ ପକ୍ଷ ପାଳିତ ହୋଇଯାଇଛି। ଶିଶୁ ବିକାଶ ଅଧିକାରିଣୀ ସୁଚିତ୍ରା ସାହୁଙ୍କ ପୌରାହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଯୋଗଦେଇ ଅପପୋଷଣରେ ଆମ ଅଞ୍ଚଳର କୋମଳମତି ଶିଶୁମାନେ ଯେପରି ଶିକାର ନ ହୁଅନ୍ତି ଏଥିପ୍ରତି ଅଙ୍ଗନୱାଡି କର୍ମୀମାନେ ଜାଗ୍ରତ ରହିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି ଆଜିର ଶିଶୁ କାଲିର ସୁନ୍ଦର ଭବିଷ୍ୟତର ସ୍ୱାକ୍ଷର, ଶିଶୁମାନଙ୍କର ଦୈନନ୍ଦିନ ଖାଦ୍ୟପେୟରେ ବାହାର କୃତ୍ରିମତା ଭରା ଖାଦ୍ୟ ଖାଇବା ପରିବର୍ତ୍ତେ ମା'ର କ୍ଷୀର ହିଁ ସର୍ବୋତମ ଖାଦ୍ୟ ରୂପେ ଶିଶୁମାନଙ୍କୁ ଦେବା ପ୍ରଥମ କର୍ତ୍ତବ୍ୟ ହେବା ଉଚିତ ବୋଲି କହିଥିଲେ। ପୋଷଣ ଖାଦ୍ୟ ଭାବରେ ଶାଗ ଓ ପନି ପରିବା ଜାତୀୟ ଖାଦ୍ୟ ଉପରେ ଅଧିକ ଗୁରୁତ୍ୱ ଦେବା ଜରୁରୀ। ଅପପୁଷ୍ଟିରୁ ଦୂରେଇ ରଖିବା ପାଇଁ ଶିଶୁଠାରୁ ଆରମ୍ଭ କରି ବାଳିକାବାଳକମାନଙ୍କ କ୍ଷେତ୍ରରେ ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀମାନେ ଗାଁର ମାଆମାନଙ୍କୁ ପୋଷଣ ସମ୍ବନ୍ଧରେ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ କହିଥିଲେ, ଆଜିର ଶିଶୁମାନଙ୍କୁ ପୋଷଣ ଯୁକ୍ତ ଖାଦ୍ୟ ଦେବା ଆମ ଘରର ମା'ମାନଙ୍କର ପ୍ରଥମ ଲକ୍ଷ୍ୟ ହେବା ଉଚିତ। ଏହି ଅବସରରେ ଅତିଥିମାନେ ୨ଜଣ ସୁସ୍ଥ ଶିଶୁ ଓ ବାଳିକାଙ୍କୁ ପୁରସ୍କୃତ କରିଥିଲେ।

# କମିଶନରଙ୍କ ଦ୍ୱାରସ୍ଥ ହେଲେ ସୂଚନା କର୍ମୀ

- ସୂଚନା ଅଧିକାର ଆଇନରେ ତଥ୍ୟ ମିଳିଲାନି
- ଜେରକ୍ସ,ପଞ୍ଜୀକରଣ ବାବଦରେ ୫୩୨୦ ଟଙ୍କା ଦାଖଲ କରିବାକୁ କୁହାଯାଇଥିଲା

ନାଉଗାଁ,୩।୧୦(ସୁଧା ବେହୁରା): ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ବିଦ୍ୟାଳୟଗୁଡିକ ସମ୍ବନ୍ଧରେ ଜଣେ ସାମାଜିକ କର୍ମୀ ସୂଚନା ଅଧିକାର ବଳରେ ୬ ମେ ୨୦୨୩ରେ କିଛି ତଥ୍ୟ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ମାଗିଥିଲେ। ଏହି ତଥ୍ୟ ନ ମିଳିବାରୁ ସେ ସୂଚନା ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ଉକ୍ତ ତଥ୍ୟ ଯୋଗାଇ ଦେବାକୁ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରେ ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ତଥ୍ୟ ପ୍ରଦାନ ପାଇଁ ଜେରକ୍ସ ଓ ପଞ୍ଜୀକରଣ ବାବଦରେ ୫୩୨୦ ଟଙ୍କା ଦାଖଲ କରିବାକୁ ପତ୍ର ସଂଖ୍ୟା (ନଂ. ୧୦୨୨/୨୦-୫/୨୩) ଜରିଆରେ ନିର୍ଦ୍ଦେଶ ଦିଆଯାଇଥିଲା। ନିୟମାନୁସାରେ ସୂଚନା କର୍ମୀଙ୍କୁ ତଥ୍ୟ ପ୍ରଦାନ ପାଇଁ କେତେ ପୃଷ୍ଠା ସମ୍ବଳିତ ଜେରକ୍ସ ଦିଆଯିବ ସେସବୁର ସବିଶେଷ ତଥ୍ୟ ପ୍ରଦାନ କରାଯିବା କଥା। କିନ୍ତୁ ଉକ୍ତ ପତ୍ରରେ କୌଣସି ତଥ୍ୟ ଦର୍ଶାଯାଇନାହିଁ। ଏନେଇ ସମ୍ପୃକ୍ତ ସୂଚନା କର୍ମୀ ତଥ୍ୟ ପାଇଁ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ୧୬ ଜୁନ ୨୦୨୩ରେ ଆବେଦନ କରିଥିଲେ। ଜିଲା ପ୍ରଥମ ଅପିଲ କର୍ତ୍ତୃପକ୍ଷ ଏବିଷୟରେ ଅଭିଯୋଗ ଶୁଣାଣି ପାଇଁ ବ୍ଲକ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କୁ ପତ୍ର ସଂଖ୍ୟା (ନଂ.୬୮୬୯ /୬ -୭-୨୦୨୩)ରେ ନିର୍ଦ୍ଦେଶ ଦେଇଥିଲେ। ଏହିନିର୍ଦ୍ଦେଶକୁ ୩ମାସ ପୂରିବାକୁ ବସିଥିଲେ ହେଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ସୂଚନାକର୍ମୀ ଜଣକ ମଙ୍ଗଳବାର ରାଜ୍ୟ ସୂଚନା ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ମନୋରମା ରାଉତଙ୍କୁ ମୋବାଇଲ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ।

# ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

କୁଜଙ୍ଗ,୩।୧୦(ମନୋଜ ପ୍ରଧାନ): କୁଜଙ୍ଗ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପଙ୍କପାଳସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଶିକ୍ଷାଧିକାରୀ ପବିତ୍ର ମୋହନ କର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପଙ୍କପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନା ରାନି ସାହୁ ଯୋଗଦେଇ ପ୍ରତିଯୋଗୀମାନେ ତାଙ୍କର କ୍ରୀଡ଼ା ନୈପୁଣ୍ୟତା ପ୍ରଦର୍ଶନ କରି ଜିଲା ଓ ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାକୁ ପରାମର୍ଶ ଦେଇଥିଲେ। ମଙ୍ଗଳବାର କେବଳ ଖୋଖୋ ଓ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ମଣ୍ଡଳସ୍ତରରୁ ୪୦ଟି ବିଦ୍ୟାଳୟର ୧୭୫ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୪୦ ଖୋଖୋ ଓ ୩୨ କବାଡି ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। କ୍ରୀଡ଼ା ଶିକ୍ଷୟିତ୍ରୀ ମମତା ମହାନ୍ତି, ସଞ୍ଜୟ ଦାସ ଓ ମାନସ କୁମାର ବିଚାରକ ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ଉତ୍ସବରେ କ୍ରୀଡ଼ା ଶିକ୍ଷକ ଶ୍ରୀକାନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମଣ୍ଡଳ କ୍ରୀଡ଼ା ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ଶିକ୍ଷକ ରମାକାନ୍ତ ଖଣ୍ଡୁଆଲ, ପଦ୍ମ ଚରଣ ସେଠୀ, ଲୋପାମୁଦ୍ରା ରାଉତ, ଶ୍ରୀୟାଶ୍ରୀ ମିଶ୍ର ଓ ସନ୍ଧ୍ୟାରାଣୀ ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ। ପଙ୍କପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଏନସିସି ଅଫିସର ତଥା ବରିଷ୍ଠ ଶିକ୍ଷକ ପ୍ରଦୀପ୍ତ ବର୍ଦ୍ଧନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା।

# 'ପ୍ରତି ପଞ୍ଚାୟତରେ ସୂଚନା କର୍ମୀ ସୃଷ୍ଟି କର'

ରଘୁନାଥପୁର,୩।୧୦(ରାଜେନ୍ଦ୍ର ନାରାୟଣ ସିଂହ)



ବୈଠକରେ ଯୋଗଦେଇଥିବା ଦୁର୍ନୀତି ବିରୋଧୀ ଅଭିଯାନର ସଦସ୍ୟମାନେ।

ରଘୁନାଥପୁର ବ୍ଲକଛକସ୍ଥିତ ମଦନମୋହନ ମଠ ପରିସରରେ ଜିଲା ଦୁର୍ନୀତି ବିରୋଧୀ ଅଭିଯାନର ଏକ ସାଙ୍ଗଠନିକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ଜିଲା ଆବାହିକା ବିଜୟଲକ୍ଷ୍ମୀ ମହାପାତ୍ର ସଭାପତିତ୍ୱ କରିଥିଲେ। ସମାଜରେ ଦୁର୍ନୀତିର ଚେର ଲମ୍ୱି ଚାଲିଥିବାବେଳେ ପ୍ରତି ମୁହୂର୍ତ୍ତରେ ସାଧାରଣଜନତା ନିଷ୍ପେଷିତ ହେଉଛନ୍ତି। ଏହାକୁ ପ୍ରତିହତ କରିବା ପାଇଁ କେହି ସାହସ ଜୁଟାଇ ପାରୁନାହାନ୍ତି। ଏସବୁ ଦୁର୍ନୀତିକୁ ଲୋକଲୋଚନକୁ ଆଣିବାକୁ ପଡ଼ିବ। ଏଥିପାଇଁ ପ୍ରତି ପଞ୍ଚାୟତରେ ସୂଚନା କର୍ମୀ ସୃଷ୍ଟି କରିବାକୁ ପଡ଼ିବ ବୋଲି ବରିଷ୍ଠ ସାମାଜିକ କର୍ମୀ ଗୋବିନ୍ଦ ଓଝା ବୈଠକରେ ମତବ୍ୟକ୍ତ କରିଥିଲେ। ସେହିପରି ସୂଚନାକର୍ମୀ ହେମନ୍ତ ସାହୁ, ଶକ୍ତିଧର ମିଶ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ସେକନାସିର ଉଦ୍ଦିନ ପ୍ରମୁଖ ବିଭିନ୍ନ ବ୍ଲକରେ ସଙ୍ଗଠନର ପ୍ରସାର ଏବଂ ଜନସ୍ୱାର୍ଥ ସମ୍ବଳିତ ସରକାରୀ ତଥ୍ୟ ହାସଲ ଦିଗରେ ପ୍ରକାଶ କରିଥିଲେ। ସୂଚନାପ୍ରାପ୍ତ ହେବା ଆମର ସାମ୍ବିଧାନିକ ଅଧିକାର। ପ୍ରତ୍ୟକ ସୂଚନାକର୍ମୀ ଦଳ ମତ ନିର୍ବିଶେଷରେ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହି ଜଣେ ସାମାଜିକକର୍ମୀ ଭାବେ ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ଜନତାଙ୍କ ହକ ପାଇଁ ସଂଗ୍ରାମ କରିବାକୁ ଆଗେଇ ଆସିବା ଜରୁରୀ ବୋଲି ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ କର୍ମକର୍ତ୍ତା ଦେବୀପ୍ରସାଦ ମହାରଣା ଆହ୍ୱାନ କରିଥିଲେ। ସୂଚନାକର୍ମୀମାନେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କୃଷକ ସଙ୍ଗଠନର ରାଜ୍ୟ ସହସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ କହିଥିଲେ। ଶେଷରେ ନିଗମାନନ୍ଦ ଦାସ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ସମସ୍ତ ସଦସ୍ୟ ଏରଣ୍ଡପାଳସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ନିଶାମୁକ୍ତ ରାଜ୍ୟ ଆମର ଲକ୍ଷ୍ୟ ସମ୍ପର୍କିତ ସ୍ଲୋଗାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜଗବନ୍ଧୁ ଦାସ, ଯୋଗେନ୍ଦ୍ର ଦାସ, ପ୍ରଦୀପ ସେଠୀ, ଦେବାଶିଷ ସ୍ୱାଇଁ, ରାଜକିଶୋର ନାୟକ, ନାରାୟଣ ଲେଙ୍କା, ରାଜକିଶୋର ସ୍ୱାଇଁ, ଅଭିରାମ ସ୍ୱାଇଁ ଓ ପ୍ରଭାତ ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପାଣି ଡ୍ରମ୍‌ରେ ପଡ଼ି ଶିଶୁପୁତ୍ରର ମୃତ୍ୟୁ

**ଛତ୍ରପୁର,୩।୧୦(ଦିଲୀପ ସାମଲ)**

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ସାନଆର୍ଯ୍ୟପଲ୍ଲୀସ୍ଥିତ ଓଡ୍ରାଫ କଲୋନୀରେ ମଙ୍ଗଳବାର ଏକ ଦୁଃଖଦ ଘଟଣା ଘଟିଛି। ପାଣି ଡ୍ରମରେ ବୁଡ଼ି ଜଣେ ଦେଢବର୍ଷର ଶିଶୁର ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ୱାଇ ଅଜିତ। ସୂଚନା ମୁତାବକ ଗତ ଦେଢ ମାସ ତଳେ ୱାଇ ଡିଲମ୍ମା ତାଙ୍କ ଶିଶୁପୁତ୍ରଙ୍କ ସହ ଓଡ୍ରାଫ କଲୋନୀର ନିଜ ଭାଇ ଘରେ ରହୁଥିଲେ। ମଙ୍ଗଳବାର ଡିଲମ୍ମା ରୋଷେଇ କରୁଥିବା ବେଳେ ପୁଅ ଅଜିତ ଘର ଭିତରେ ଥିବା ପାଣି ଡ୍ରମ ନିକଟରେ ଖେଳୁଥିଲେ। ଏହି ସମୟରେ ସେ ଡ୍ରମରେ ପଡ଼ିଯାଇଥିଲେ। ତେବେ କିଛି ସମୟ ପରେ ଡିଲମ୍ମା ପୁଅ କୁଆଡେ ଗଲା ବୋଲି ଖୋଜାଖୋଜି କରି ପାଣି ଡ୍ରମରେ ପଡିଯାଇଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ପୁଅକୁ ଉଦ୍ଧାର କରି ଛତ୍ରପୁର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଶିଶୁପୁତ୍ରକୁ ମୃତ ଘୋଷଣା କରିଥିଲେ।

### ବରାଳିନୀ ଅଟୋ ମାଲିକ ସଂଘର ବୈଠକ

**ଜି.ଉଦୟଗିରି,୩।୧୦(ଶିଶିର ପଟ୍ଟନାୟକ**

ଜି.ଉଦୟଗିରି ବରାଳିନୀ ଅଟୋ ମାଲିକ ସଂଘର ସାଧାରଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦୁର୍ଗା ମାଧବ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅଟୋ ଚାଳକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ସଂପର୍କରେ ଆଲୋଚନା ହୋଇଥିଲା। ଅଟୋ ଷ୍ଟାଣ୍ଡ ପାଇଁ ଦାବି କରାଯିବା ସହିତ ଶୃଙ୍ଖଳିତ ଗାଡି ଚଳେଇବା, ବିଭିନ୍ନ ସାମାଜିକ ସାମୁହିକ କାର୍ଯ୍ୟକ୍ରମରେ ସାମିଲ କରିବା ଆଦି ବିଷୟରେ ବିଶେଷ ଆଲୋଚନା ହୋଇଥିଲା। ବୈଠକରେ ଉପ ସଭାପତି ସଞ୍ଜୟ କୁମାର ପଣ୍ଡା, କୋଷାଧ୍ୟକ୍ଷ ରାମହରି ପଣ୍ଡା ପ୍ରମୁଖ ଯୋଗ ଦେଇଥିବା ବେଳେ ଭିକି ପଟ୍ଟନାୟକ, ଟିକି ସାହୁ, ରାଜୁ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅଟୋ ଚାଳକ ସୁରକ୍ଷା ଓ ନିରାପତ୍ତା ଉପରେ ଆଲୋଚନା ହୋଇଥିଲା।

### ପୋଷାକ ବଣ୍ଟନ ମେଳା

**ଆସିକା,୩।୧୦(ସୁରେନ୍ଦ୍ରନାଥ ସାହୁ)**

ଆସିକା ବ୍ଲକ ଖାରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା । ଏହି ମେଳାରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀଯାଏଁ ପଢୁଥିବା ୩୬୦ଜଣ ଛାତ୍ରୀଛାତ୍ରଙ୍କୁ ପୋଷାକ ଦିଆଯାଇଛି। ପ୍ରଧାନ ଶିକ୍ଷକ ସାରଙ୍ଗଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ପ୍ରତିନିଧି ଭଗବାନ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ନିଜର ଅଧ୍ୟୟନ ପ୍ରତି ସଂକଳ୍ପବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ ।

### ଟାଟା ପାୱାର କର୍ମଚାରୀଙ୍କ ଆନ୍ଦୋଳନ

**ପାରଳାଖେମୁଣ୍ଡି,୩।୧୦ (ଗିରିଧାରୀ ପରିଛା)**

ଗଜପତି ଜିଲାକୁ ଟାଟା ପାୱାର ହାତକୁ ନେବା ପୂର୍ବରୁ ଅନେକ ଲୋକ ଠିକା କର୍ମଚାରୀ ଭାବେ କାମ କରି ଆସୁଥିଲେ। ବର୍ତ୍ତମାନ ଟାଟା କମ୍ପାନୀ ଅସ୍ଥାୟୀ କର୍ମଚାରୀଙ୍କୁ ରାତି ଅଧିଆ ବାହାର କରିବା ନିଷ୍ପତ୍ତିକୁ ବିରୋଧ କରି ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀ ମିଳିତ ଭାବେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କ ଅଭିଯୋଗ ଟାଟା କମ୍ପାନୀ ବଡ଼ବଡ଼ିଆଙ୍କୁ ଆବଶ୍ୟକ ନ ଥିବା ପଦବୀରେ ନିଯୁକ୍ତି ଦେଇ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛି । ଅନ୍ୟପଟେ ଯେଉଁ କର୍ମଚାରୀ ରାତିଦିନ କଷ୍ଟ କରୁଛନ୍ତି ସେହିପରି ତଳସ୍ତର କର୍ମଚାରୀଙ୍କୁ ଛଟେଇ କରିବାକୁ ବସିଛି, ଯାହା କେବେବି ବରଦାସ୍ତ କରାଯିବ ନାହିଁ । ଯଦି ଟାଟା ପାୱାର ନିଜ ନିଷ୍ପତ୍ତି ନ ବଦଳାଏ ତେବେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ବିଦ୍ୟୁତ କର୍ମଚାରୀମାନେ କହିଛନ୍ତି।

### ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ମାନ ପାଇବେ କୌଶିକ ସାହୁ

**ବାଲିଗୁଡା,୩।୧୦(ସଞ୍ଜୟ କୁମାର ପାଣିଗ୍ରାହୀ)**

କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ବରିଷ୍ଠ ଆଇନଜୀବୀ କୌଶିକ ସାହୁ ଚଳିତ ବର୍ଷର ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି। ୧୯୯୭ରୁ କନ୍ଧମାଳ ଜିଲା ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାବେ କାର୍ଯ୍ୟ କରିବା ସହ ସେ ଜଙ୍ଗଲ ସୁରକ୍ଷା, ବୃକ୍ଷ ରୋପଣ ଏବଂ ବନ୍ୟପ୍ରାଣୀମାନଙ୍କ ସୁରକ୍ଷା ଦିଗରେ ଦୀର୍ଘ ଦିନ ଧରି କାର୍ଯ୍ୟକରି ଆସୁଛନ୍ତି। ଆସନ୍ତା ୭ ତାରିଖରେ ଜିଲା ସଦର ମହକୁମା ଫୁଲବାଣୀସ୍ଥିତ ଜିଲା ବନ ବିଭାଗ କାର୍ଯ୍ୟାଳୟରେ ହେବାକୁ ଥିବା ଉତ୍ସବରେ ତାଙ୍କୁ ସମ୍ମାନିତ କରାଯିବ ବୋଲି ବିଭାଗ ପକ୍ଷରୁ ଜଣାପଡିଛି।

# ଭଲ ପ୍ରକଳ୍ପ ନେଇ ପଞ୍ଚାୟତର ବିକାଶ କରିବାକୁ ପରାମର୍ଶ

**ଶେରଗଡ, ୩।୧୦(ସୂର୍ଯ୍ୟ ନାରାୟଣ ଦାଶ)**


ମହୁପଦର ପଞ୍ଚାୟତରେ ଅଭିଯୋଗ ଶୁଣୁଛନ୍ତି ଯୁଗ୍ମ ସଚିବ।

### ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବଙ୍କ ଶେରଗଡ଼ ଗସ୍ତ

ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଶୁଭ୍ରାଂଶୁ କୁମାର ମିଶ୍ର ମଙ୍ଗଳବାର ଗଞ୍ଜାମ ଜିଲାର ଶେରଗଡ ବ୍ଲକ ଗସ୍ତ କରିଛନ୍ତି। ଏହି ଅବସରରେ ମିଶ୍ର ବ୍ଲକର ୪ ପଞ୍ଚାୟତ ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିଥିଲେ। ଗୋବିନ୍ଦପୁର ପଞ୍ଚାୟତର ସେଟେଲମେଣ୍ଟ ଜରିଆରେ ବନ୍ଦୋବସ୍ତ କରିବା, କଲ୍ୟାଣ ମଣ୍ଡପ ନିର୍ମାଣ କରିବା, ଏକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା, ଡେଙ୍ଗାପଦର-ବାକିଲିକଣା ରାସ୍ତାକୁ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ, ବାତ୍ୟା ଆଶ୍ରୟସ୍ଥଳ ପୋଖରୀ ପୁନରୁଦ୍ଧାର, କରଡା ପଞ୍ଚାୟତର ବାହାଡବନ୍ଧ ଓ ରାସ୍ତାର ପୁନରୁଦ୍ଧାର, କେନାଲର ସୁରକ୍ଷା ପ୍ରାଚୀର, ମହୁପଦର ପଞ୍ଚାୟତରେ ଡାକ୍ତରଖାନା ପ୍ରତିଷ୍ଠା, ପାନୀୟ ଜଳ ଯୋଗାଣ, ଡିଙ୍ଗିଶାଳ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକଶିକ୍ଷୟିତ୍ରୀ ନିଯୁକ୍ତି ଆଦି ସମସ୍ୟା ସଂକ୍ରାନ୍ତରେ ଅବଗତ ହୋଇଥିଲେ। ପରେ ସଚିବ ଆମ୍ଭୁଆବାଡି ଛକ ମିଶନଶକ୍ତି କେନ୍ଦ୍ର ପରିଦର୍ଶନ କରିଥିଲେ। ତାଲିମ ମହିଳାମାନଙ୍କଠାରୁ ସିଲେଇ କୌଶଳ ପଚାରି ବୁଝିଥିଲେ। ପଞ୍ଚୁଆଣି ତାରାତାରିଣୀ ପୀଠ ବୁଲି ଦେଖିଥିଲେ। ସେଠାରେ ପର୍ଶୁରାମ ସ୍ୱାଇଁ ଓ ସୂର୍ଯ୍ୟନାରାୟଣ ଦାଶ ପୂର୍ଣ୍ଣାଙ୍ଗ ପାଇଁ ୪୫ ଲକ୍ଷ ଟଙ୍କା ଦରକାର, ୨୦ ଲକ୍ଷ ଅନୁଦାନ ଦେବା ପାଇଁ ଅନୁରୋଧ କରିଥିଲେ। ପରେ ବ୍ଲକଠାରେ ନିର୍ବାଚିତ ପ୍ରତିନିଧିଙ୍କ ସହିତ ଆଲୋଚନା କରି ଭଲ ପ୍ରକଳ୍ପ ହାତକୁ ନେଇ ପଞ୍ଚାୟତର ବିକାଶ କରିବାକୁ କହିଥିଲେ। ବିଡିଓ ଶିବାଶିଷ ବରାଳ, ତହସିଲଦାର ତ୍ରିଦେବ ରଥ, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ଦାଶ, ଗୋବିନ୍ଦପୁର ସରପଞ୍ଚ କୁନି ସ୍ୱାଇଁ, ସମିତିସଭ୍ୟା ତଅପୋଇ ସ୍ୱାଇଁ, ଜିତେନ୍ଦ୍ର ପ୍ରଧାନ, ଡେଙ୍ଗାପଦର ସରପଞ୍ଚ ପ୍ରମିଳା ସେଠୀ, ଦିଲୀପ ପଲେଇ, ଶ୍ୟାମ ସୁନ୍ଦର ସ୍ୱାଇଁ, ତାକରଡା ସରପଞ୍ଚ ରାଜେନ୍ଦ୍ର ସେଠୀ, ଅବନୀ କୁମାର ଦାଶ, ମହୁପଦର ସରପଞ୍ଚ ଟୁକୁନା ଦାଶ, ଚୋରିଆ ପ୍ରଧାନ, ଧ୍ରୁବ ଚରଣ ନାୟକ, ମୁରଲୀ ସେଠୀ ଉପସ୍ଥିତ ଥିବା ବେଳେ ହୃଷିକେଷ ପାଢୀ, ହୀନ ବେହେରା, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ଯୁବ ବିଜେଡ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ମୋ ମାଟି, ମୋ ଦେଶ କାର୍ଯ୍ୟକ୍ରମ

**ବୁଗୁଡା,୩।୧୦(କଳୀଚରଣ ଦାଶ)**

ବୁଗୁଡା ବ୍ଲକ ଘୋଲପୁର ଗ୍ରାମରେ ଭାଜପା ପକ୍ଷରୁ ମଙ୍ଗଳବାର 'ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଘୁମୁସର ସାଙ୍ଗଠନିକ ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ ଦେଶ ପାଇଁ ବଳିଦାନ ଦେଇଥିବା ବୀର ଶହିଦମାନଙ୍କ ପାଇଁ ସମର୍ପିତ ଅଭିଯାନ 'ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମରେ ଘରକୁ ଘର ଯାଇ ଅମୃତ କଳସରେ ମାଟି ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସାଧାରଣ ସମ୍ପାଦକ ନୀଳମାଧବ ପାତ୍ର, ବରିଷ୍ଠ ନେତା ବିନାୟକ ତ୍ରିପାଠୀ, ବୁଢୁଡ଼ା ବ୍ଲକ ଆବାହକ ହରିକୃଷ୍ଣ ସାହୁ, ଗ୍ରାମ ସଭାପତି ଖଦାଳ ଗୌଡ, ସଙ୍କୁରୁ ସରପଞ୍ଚ ସୁଶାନ୍ତ କୁମାର ରାଉତ, ଭାବଗ୍ରାହୀ ମହାନ୍ତି, ରାଜକିଶୋର ସ୍ୱାଇଁ, ପୋଲସରା ବିସ୍ତାରକ ସୌମ୍ୟରଞ୍ଜନ ସାହୁଙ୍କ ସମେତ ବହୁ ଯୁବ ଭାଜପା କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ଓଡ଼ିଶା ମୋ ପରିବାରର ରକ୍ତଦାନ ଶିବିର

**ମୋହନା,୩।୧୦(ମନ୍ମଥ ମିଶ୍ର)**

ଗଜପତି ଜିଲା ମୋହନାସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ମହାତ୍ମା ଗାନ୍ଧୀଙ୍କ ୧୫୪ତମ ପବିତ୍ର ଜୟନ୍ତୀ ଅବସରରେ ଓଡ଼ିଶା ମୋ ପରିବାର ପକ୍ଷରୁ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୮୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତର ମତି ଚନ୍ଦନ ମେକାପ, ଏଲଟି-ଏ-କୁସୁମା, ଅରୁଣ କୁମାର ପାତ୍ର, ଡିଏମଏ-ପିଙ୍କି କୁମାରୀ ପାଢୀ, ପି. ବାବୁଲା, ଚକ୍ରଧର ପ୍ରଧାନ ପ୍ରମୁଖ କର୍ମଚାରୀଙ୍କ ସହଯୋଗରେ ରକ୍ତ ସଂଗ୍ରହ ହୋଇଥିଲା। ଏହି ଶିବିରରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଏମ୍‌ପି ପ୍ରତିନିଧି ଭାସ୍କର ସାହୁ, ବିଜେଡି ଜିଲା ସଭାପତି ଜଗବନ୍ଧୁ ଦାସ, ଉପସଭାପତି ଅନ୍ତର୍ଯ୍ୟାମୀ ଗମାଙ୍ଗ, ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର, ସଭାନେତ୍ରୀ ପୂର୍ଣ୍ଣବାସୀ ନାୟକ, ମୋହନା ଜିଲା ପରିଷଦ ସଭ୍ୟ ଚନ୍ଦ୍ର କୁମାର ମଳିକ, ବରିଷ୍ଠ ନେତା ହାଡିଆ କନ୍ଧ, ରାଜୀବ ମଳିକ, ବାଲେନ୍ତିନ ମାଝି, ମୋଶା ମାଝି , ଯୁବ ବିଜେଡି ଉପସଭାପତି ଫିରୋଜ ପଟ୍ଟନାୟକଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ ଓ ଦଳୀୟ କର୍ମୀ ଯୋଗଦେଇଥିଲେ।

# ଗାନ୍ଧୀ ଜଣେ ବ୍ୟକ୍ତି ନୁହନ୍ତି, ଏକ ଚିନ୍ତାଧାରା


ଫୁଲବାଣୀଠାରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଅତିଥି ।

**ଫୁଲବାଣୀ,(ରାକେଶ କୁମାର ରାଉତ/ ଦିଗପହଣ୍ଡି (ଅଶେଷ ନାଥ ମିଶ୍ର) ୩।୧୦**

ଜିଲା ପ୍ରଶାସନ ଓ ମୋହନଦାସ କରମଚାନ୍ଦ ସାଂସ୍କୃତିକ ପରିଷଦ ମିଳିତ ଆନୁକୂଲ୍ୟରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ନରେଶ ଚନ୍ଦ୍ର ଶବର, ବିଡିଓ ପ୍ରବୀଣ କୁମାର ବାଣୁଆ, ତହସିଲଦାର ଦୀନମଣି ନାୟକ, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ, ସହକାରୀ ଜିଲାପାଳ ଦୀପ୍ତିମୟୀ ପ୍ରଧାନ, ଏମ୍.କେ.ଏସ୍.ପି. ସଭାପତି ବିଜୟକୃଷ୍ଣ ପଟ୍ଟନାୟକ, ସମ୍ପାଦକ ଶରତ କୁମାର ସାହୁ ଯୋଗଦେଇଥିଲେ। ଅନନ୍ତ ଚରଣ ମିଶ୍ର ହିନ୍ଦୁଧର୍ମ ପକ୍ଷରୁ ପ୍ରତିନିଧିତ୍ୱ କରି ଶ୍ରୀମଦ୍ ଭଗବତ୍ ଗୀତାରୁ କୀୟଦଂଶ ପାଠ କରିଥିବା ବେଳେ ପ୍ରଣବ କୁମାର ମଣ୍ଡଳ ଖ୍ରୀଷ୍ଟଧର୍ମ ପକ୍ଷରୁ ବାଇବେଲ ଏବଂ ମହମ୍ମଦ୍ ଅବଦୁଲ୍ ୟାକୁବ୍ ଖାନ୍ ମୁସଲିମ ଧର୍ମ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।

ସନ୍ଧ୍ୟାରେ ଏମ୍.କେ.ଏସ୍.ପି.ର ରିପବ୍ଲିକାନ୍ ହଲ୍‌ରେ ଗାନ୍ଧୀ ବିଚାର ଓ ଦର୍ଶନ ଉପରେ ଆଲୋଚନା ହୋଇଥିଲା। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ସାଂସ୍କୃତିକ ପରିଷଦର ଉନ୍ନତି ପାଇଁ ତାଙ୍କ ସହଯୋଗ ରହିଛି ଏବଂ ଆଗକୁ ମଧ୍ୟ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରଦନ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସୁବାସ ଚନ୍ଦ୍ର ପ୍ରଧାନ ଯୋଗଦେଇ ଗାନ୍ଧୀ ଜଣେ ବ୍ୟକ୍ତି ନୁହନ୍ତି ବରଂ ଏକ ଚିନ୍ତାଧାରା ବୋଲି କହିଥିଲେ। ଏହି ପୁରାତନ ଅନୁଷ୍ଠାନରୁ ଆଗକୁ ବଢ଼ିଥିବା କ୍ରୀଡ଼ାବିତ୍ ଲମ୍ବୋଦର କହଁର, ଗଦାଧର ବେହେରାଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ବନନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଦିଗପହଣ୍ଡି ନଗର ଓ ବ୍ଲକ ବିଜେଡି ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ବ୍ଲକ କମିଟି ସଭାପତି ବିଭୂତି ଭୂଷଣ ମହାପାତ୍ର, ଗଞ୍ଜାମ ଜିଲା ବିଜେଡି ଉପସଭାପତି ବି. କ୍ରିଷ୍ଣାରାଓ ସୁବୁଦ୍ଧି, ଦିଗପହଣ୍ଡି ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ଭି. ରବିନାରାୟଣ ରାଜୁ, ଏମ.ପି. ପ୍ରତିନିଧି ନିରୁପମା ପଟ୍ଟନାୟକ, ଚିତ୍ରସେନ ଗୌଡ, ପ୍ରଶାନ୍ତ କୁମାର ପ୍ରଧାନ, ରାଧାକାନ୍ତ ମହାଙ୍କୁଡ, ସମୀର ସ୍ୱାଇଁ, ସନ୍ତୋଷ ଦୋରା, ଆଦିତ୍ୟ ସାହୁ, ମନୋଜ ପଟ୍ଟନାୟକ, ଭୀମସେନ ସାହୁ, ରୋହିତେଶ୍ୱର ରେଡ୍ଡୀଙ୍କ ଉପସ୍ଥିତ ଥିଲେ।

### ପାଟଖଣ୍ଡା ଏଜେନ୍ସି ଗୋଦାମରେ ଅଗ୍ନିକାଣ୍ଡ

**ବାଲିଗୁଡ଼ା,୩।୧୦(ସଞ୍ଜୟ କୁମାର ପାଣିଗ୍ରାହୀ)**

ବାଲିଗୁଡ଼ା ସହର ମଧ୍ୟ ଭାଗରେ ଥିବା ପାଟଖଣ୍ଡା ସାହିର ପାଟଖଣ୍ଡା ଏଜେନ୍ସି ଗୋଦାମରେ ମଙ୍ଗଳବାର ଶଟ୍‌ସର୍କିଟରୁ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ସକାଳୁ ଗୋଦାମ ଘର ଭିତରୁ ଧୂଆଁ ବାହାରୁଥିବା ଦେଖି ପଡ଼ୋଶୀ ଗୋଦାମ ମାଲିକ ଅନନ୍ତ କୁମାର ଦାସଙ୍କୁ ଜଣାଇଥିଲେ। ସେ ଆସି ଦେଖିବା ବେଳକୁ ନିଆଁ ଅଣାୟତ୍ତ ହୋଇଯାଇଥିଲା। ସଙ୍ଗେ ସଙ୍ଗେ ଦମକଳ ବାହିନୀକୁ ଫୋନ କରିବା ପରେ ଦମକଳ ବାହିନୀ ପହଞ୍ଚି ଦୀର୍ଘ ତିନି ଘଣ୍ଟା ପରେ ନିଆଁକୁ ଆୟତ୍ତ କରାଯାଇଥିବା ଫାୟାର ଅଫିସର ସୂର୍ଯ୍ୟ ନାରାୟଣ ଭୋଇ ପ୍ରକାଶ କରିଥିଲେ। ଉକ୍ତ ଗୋଦାମରେ ବିସ୍କେଟ୍, ଚକୋଲେଟ ଓ ବିଭିନ୍ନ ଗ୍ରୋସରୀ ସାମଗ୍ରୀ ଜଳି ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାପଡିଛି।

### ଗ୍ରେସିଙ୍ଗିଆରେ କ୍ଲଷ୍ଟରସ୍ତରୀୟ ସୁରଭି

**ଜି.ଉଦୟଗିରି,୩।୧୦(ଶିଶିର ପଟ୍ଟନାୟକ)**

ଜି.ଉଦୟଗିରି ନିକଟସ୍ଥ ଗ୍ରେସିଙ୍ଗିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଶତପଥିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଏବିଇଓ ବୈକୁଣ୍ଠ ନାଥ ସାହୁ ମୁଖ୍ୟ ଅତିଥି, ମୋ ସ୍କୁଲ ଅଭିଯାନ ସଭାପତି ରାଧା କୃଷ୍ଣ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗ୍ରେସିଙ୍ଗିଆ ପଞ୍ଚାୟତର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟ ସାମିଲ ହୋଇଥିଲେ। ଜୁନିୟର ଏବଂ ସିନିୟର ବର୍ଗରେ ମୋଟ ୧୪ ଟି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀ ମାନେ ବ୍ଲକ ସ୍ତରକୁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ସିଆରସିସି ରଶ୍ମୀତା ମହାରଣା ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂତନ ବିଡିଓ, ତହସିଲଦାରଙ୍କ ଯୋଗଦାନ

**ଖଜୁରିପଡ଼ା,୩।୧୦(ବିଦୁର ବେହେରା)**

କନ୍ଧମାଳ ଜିଲା ଖଜୁରୀପଡ଼ା ବ୍ଲକରେ ନୂତନ ବିଡିଓ ଭାବେ ଜର୍ଜ ଡଙ୍ଗଡଙ୍ଗ ମଙ୍ଗଳବାର ଯୋଗ ଦେଇଛନ୍ତି। ସେ ପୂର୍ବରୁ ମୟୁରଭଞ୍ଜ ଜିଲା ସୁଲିଆପଦର ବ୍ଲକର ବିଡିଓ ଭାବେ ଅବସ୍ଥାପିତ ଥିଲେ। ନିଜ ପ୍ରତିକ୍ରିୟାରେ କହିଛନ୍ତି, ବ୍ଲକରେ ଥିବା ସମସ୍ୟାଗୁଡ଼ିକ ଯଥାଶୀଘ୍ର ସମାଧାନ କରାଯିବା ଦିଗରେ ଦୃଷ୍ଟି ଦେଇ ବ୍ଲକକୁ ବିକାଶର ପଥରେ ଆଗେଇ ନେବେ। ସେହିପରି ନୂତନ ତହସିଲଦାର ଭାବେ ଭିକାରୀ ସାହୁ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ ନୟାଗଡ଼ ତହସିଲରେ ଅବସ୍ଥାପିତ ଥିଲେ।

# କୋଦଳା ଥାନାରେ ରକ୍ତଦାନ ଶିବିର



**କୋଦଳା,୩।୧୦(ଅମିତ କୁମାର ପଟ୍ଟନାୟକ)**

କୋଦଳା ଥାନା ପରିସରରେ ଆମ ପୋଲିସ ସମିତି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଉମାକାନ୍ତ ସାହୁଙ୍କ ଉପସ୍ଥିତିରେ ପୁରୁଷୋତ୍ତମପୁର ଏସଡିପିଓ ରଜନୀ କାନ୍ତ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଶିବିରରୁ ୧୨୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବ୍ରହ୍ମପୁର ରକ୍ତ ଭଣ୍ଡାର କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# 'ସ୍ୱପ୍ନର ପଦ୍ମବନ' ପୁସ୍ତକ ଉନ୍ମୋଚିତ


ଜିଲାପାଳଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

**ରମ୍ଭା,୩।୧୦(ବନବାସୀ ସେଠୀ)**

ଏପିଜେ ଅବଦୁଲ କଲାମ ଚାରିଟେବଲ ଟ୍ରଷ୍ଟର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ ରାଜଭବନରେ ଗଞ୍ଜାମ ଜିଲାର ନାରୀ କବି ତ୍ରିଧାରା ସାହିତ୍ୟ ସଂସଦର ସହ ସଂପାଦିକା ସୌଦାମିନୀ ମିଶ୍ରଙ୍କ ପୁସ୍ତକ 'ସ୍ୱପ୍ନର ପଦ୍ମବନ' ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏହି ସମୟରେ ସୌଦାମିନୀ ମିଶ୍ରଙ୍କ ସ୍ୱାମୀ ପ୍ରଦୀପ୍ତ କୁମାର ମିଶ୍ର, ଝିଅ ତନିଶା ମିଶ୍ର, ପୂର୍ବତନ କାଉନସିଲର ଶକୁନ୍ତଳା ବେହେରା ଉପସ୍ଥିତ ଥିଲେ। ପୁସ୍ତକଟିକୁ ରାଜ୍ୟପାଳ କିଛି ସମୟ ପଢ଼ି ପ୍ରଶଂସା କରିଥିଲେ।

# କନ୍ଧୁଣୀ ଦେବୀ ମହୋତ୍ସବ ଉଦ୍‌ଘାଟିତ

**ସୋରଡା,୩।୧୦(ଲମ୍ବୋଦର ପାଣିଗ୍ରାହୀ)**



ଅତିଥିମାନଙ୍କୁ ପେନସିଲ ଚିତ୍ର ଉପହାର ଦେଉଛନ୍ତି ଛାତ୍ର।

ପ୍ରସିଦ୍ଧ ମା' କନ୍ଧୁଣି ଦେବୀଙ୍କ କଣ୍ଟାପିଢା ଯାତ୍ରାର ୭ମ ଦିବସରେ ରଥପଦା ଠାରେ କନ୍ଧୁଣୀ ଦେବୀ ମହୋତ୍ସବର ସୋମବାର ସନ୍ଧ୍ୟାରେ ଉଦଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ବିଧାନସଭା ଉପବାଚସ୍ପତି ରଜନୀକାନ୍ତ ସିଂ, ଉଦଘାଟକ ଭାବେ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା, ସମାନିତ ଅତିଥି ଭାବେ ଆସିକା ଏମପି ପ୍ରମିଳା ବିଶୋଇ, ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ଆସ୍କା ବିଧାୟିକା ମଞ୍ଜୁଳା ସାଇଁ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ବିଧାୟକ ତଥା ମହୋତ୍ସବ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ସୋରଡା ନଗରପାଳ ଶିବଶଙ୍କର ପଣ୍ଡା, ସମ୍ପାଦକ ଦୁର୍ଗାଚରଣ ଶତପଥୀ, କୋଷାଧ୍ୟକ୍ଷ ପ୍ରମୋଦ ଅଧିକାରୀ, ଉପସଭାପତି କୈଳାସ ପଣ୍ଡା, ମନ୍ଦିର ସଦସ୍ୟ ଶିବପ୍ରସାଦ ସୁଆର ପ୍ରମୁଖ ଉପସ୍ଥିତ ଥିଲେ। ଶଶିଭୂଷଣ ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ଶୁଭମ ସାହୁ ପେନସିଲରେ ଚିତ୍ର ଆଙ୍କି ଉପହାର ଦେଇଥିଲେ। କ୍ରିଡାମନ୍ତ୍ରୀ ତୁଷାରକାନ୍ତ ବେହେରା ଶୁଭମକୁ ମାନପତ୍ର ପ୍ରଦାନ କରିଥିଲେ। ଏଥିସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

**ପାରଳାଖେମୁଣ୍ଡି,୩।୧୦ (ଗିରିଧାରୀ ପରିଛା)**

ଗଜପତି ଜିଲା ସଦରମହକୁମା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଏସ୍‌ପି ସ୍ୱାତୀ ଏସ. କୁମାର, ବନଖଣ୍ଡ ଅଧିକାରୀ ଏସ.ଆନନ୍ଦ, ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସ ଯୋଗଦେଇଥିଲେ। ଏଥିରେ ୪୯ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୪୨ଟି, ଗ୍ରାମଭିତ୍ତିକ ୭ଟି ଥିଲା। ୬ଟି ଅଭିଯୋଗକୁ ତୁରନ୍ତ ଫୈସଲା କରାଯାଇ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ଜଣଙ୍କୁ ୪୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପ୍ରଦାନ କରାଯାଇଥିବା ବେଳେ ରେଡକ୍ରସ ପାଣ୍ଠିରୁ ଜଣକୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ନାରାୟଣ ବେହେରା ଓ ନୋଡାଲ ଅଧିକାରୀ ନର୍ମଦା ନାୟକଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।




# ଭଙ୍ଗା ଗୃହ ବାରଣ୍ଡାରେ ଚାଲିଛି ଶିକ୍ଷାଦାନ

**ବାଲିଗୁଡା,୩।୧୦(ସଞ୍ଜୟ କୁମାର ପାଣିଗ୍ରାହୀ)**


ବାରଣ୍ଡାରେ ଚାଲିଛି ଶିକ୍ଷାଦାନ।

ସରକାର ସଭିଏ ପଢନ୍ତୁ ଓ ସଭିଏ ବଢନ୍ତୁ ନାରା ଦେଇ ଶିକ୍ଷାକୁ ସାର୍ବଜନୀନ କରି ରାଜକୋଷରୁ କୋଟି କୋଟି ଅର୍ଥ ବ୍ୟୟ ବରାଦ କରୁଥିବା ବେଳେ ଭଙ୍ଗା ଶ୍ରେଣୀ ଗୃହରେ ଚାଲିଛି ଭବିଷ୍ୟତ ଗଢା। ଏହା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ବାଲିଗୁଡ଼ା ବ୍ଲକରେ। ସିନ୍ଦ୍ରିଗାଁ ଗ୍ରାମପଞ୍ଚାୟତର ମେଣ୍ଡିପାଙ୍ଗା ପ୍ରାଥମିକ ବିଦ୍ୟାଳୟ ବର୍ତ୍ତମାନ ୪୩ ବର୍ଷରେ ପଦାର୍ପଣ କରିଥିବା ବେଳେ ଶ୍ରେଣୀ ଗୃହ ଭଗ୍ନ ଅବସ୍ଥାରେ ରହିଛି। ବିପଦପୂର୍ଣ୍ଣ ଭାବେ ଶ୍ରେଣୀ ଗୃହ ଥିବାରୁ ଗୋଟିଏ କୋଠରିରେ ପ୍ରଥମରୁ ପଞ୍ଚମ ଯାଏ ପାଞ୍ଚଟି ଶ୍ରେଣୀକୁ ପଢ଼ାନ୍ତି ଦୁଇ ଶିକ୍ଷକ। ୧୯୮୦ରେ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟରେ ସର୍ବମୋଟ ୨୩ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ସ୍ଥାନ ଅଭାବରୁ ଖରା ବର୍ଷା ଶୀତଦିନେ ବାରଣ୍ଡାରେ ବାଧ୍ୟ ହୋଇ ପାଠପଢା ଚାଲିଛି ବୋଲି ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ବେହେରା କହିଛନ୍ତି।

କିଛିଦିନ ତଳେ ସେହି ଗ୍ରାମପଞ୍ଚାୟତର କିଲୁପଡ଼ା ପ୍ରାଥମିକ ବିଦ୍ୟାଳୟରେ ସ୍କୁଲ୍ ଛାତ ଭୁଶୁଡ଼ି ଯିବାରୁ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ ଛାତ୍ରୀଛାତ୍ର। ତଥାପି ବ୍ଲକ୍ ପ୍ରଶାସନ ବିଭାଗୀୟ ଅଧିକାରୀଙ୍କ ଚେତା ପଶୁନି। କିଲୁପଡ଼ା ସ୍କୁଲ ଛାତ ଭୁଶୁଡ଼ିବା ଘଟଣା ପରେ ଭୟରେ ଅଭିଭାବକ ପିଲାଙ୍କୁ ସ୍କୁଲକୁ ଛାଡୁ ନାହାନ୍ତି। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଭାଗୀୟ ଅଧିକାରୀ ବ୍ଲକ ପ୍ରଶାସନକୁ ବହୁବାର ଲିଖିତ ଅଭିଯୋଗ କରିଥିଲେ ବି କାହାର ନିଘା ନାହିଁ ବୋଲି ସହକାରୀ ଶିକ୍ଷକ ସୁରେଶ ଚନ୍ଦ୍ର ଦାସ ପ୍ରକାଶ କରିଛନ୍ତି। ସେହିଭଳି ପିଲାଙ୍କ ମଧ୍ୟାହ୍ନ ଭୋଜନ ରୋଷେଇ ମଧ୍ୟ ଭଙ୍ଗା ଘରେ ଚାଲିଛି ବୋଲି ପାଚିକା ସିନନ୍ତୀ ମଲିକ କହିଛନ୍ତି। ନଳକୂପ ଅଚଳ ଅବସ୍ଥାରେ ରହିଛି, ଫଳରେ ଚୁଆ ପାଣିରେ ପ୍ରସ୍ତୁତ ହେଉଛି ମଧ୍ୟାହ୍ନଭୋଜନ। ପିଲାମାନେ ବାଧ୍ୟ ହୋଇ ଚୁଆପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରନ୍ତି ବୋଲି ଅଭିଭାବିକା ସୁଶୀଳା ମଲିକ କହିଛନ୍ତି। ପ୍ରଶାସନ କ'ଣ ଆଉ ଏକ ଦୁର୍ଘଟଣାକୁ ଅପେକ୍ଷା କରିଛି କି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠୁଛି। ତେବେ ପରତ୍ୟକ୍ତ ସ୍କୁଲ୍ ଘରକୁ ଭାଙ୍ଗି ପ୍ରଶାସନ କେବେ ନୂତନ କୋଠା ନିର୍ମାଣ କରୁଛି ତାହା ଅଞ୍ଚଳବାସୀ ତଥା ଅଭିଭାବକ ଅପେକ୍ଷା କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୪ ଅକ୍ଟୋବର, ୨୦୨୩



## ସଂକ୍ଷେପରେ

### ଓଲଟିଲା ହାଇୱା, ବର୍ତ୍ତିଲେ ଚାଳକ



ପାଣିକୋଇଲି,୩।୧୦(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ପଥରପଦା ପଞ୍ଚାୟତର ଖୋସାଲପୁର ଗ୍ରାମ ରାସ୍ତାରେ ମଙ୍ଗଳବାର ଏକ ପାଉଁଶ ବୋଝେଇ ହାଇୱା ଓଲଟି ପଡ଼ିଥିବାବେଳେ ଚାଳକ ବର୍ତ୍ତି ଯାଇଛନ୍ତି। ଖୋସାଲପୁର ଗ୍ରାମ ରାସ୍ତା କଡ଼ରେ ଏକ ପାଉଁଶ କାରଖାନା ରହିଛି। ଉକ୍ତ କାରଖାନାକୁ ପାଉଁଶ ନେଇ ଏକ ହାଇୱା (ଓଡି-୧୫-ଏନ-୧୮୬୦) ଆସିଥିବାବେଳେ ରାସ୍ତା ଅବସ୍ଥା ଖରାପ ଯୋଗୁ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ପରେ କାରଖାନା ମାଲିକଙ୍କ ପକ୍ଷରୁ ଉକ୍ତ ହାଇୱାକୁ ଜେସିବି ଦ୍ୱାରା ଉଠାଯାଇଥିଲା।

### ମହୁଲି ବିକ୍ରି ଅଭିଯୋଗରେ ଜଣେ ଗିରଫ

ପାଣିକୋଇଲି,୩।୧୦(ବିକାଶ ମଲ୍ଲିକ):

ମହୁଲି ବିକିବା ଅଭିଯୋଗରେ ପାଣିକୋଇଲି ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ତାଙ୍କ ନିକଟରୁ ୮ ଲିଟର ମହୁଲି ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ମୂଳାପାଳ ପଞ୍ଚାୟତ କ୍ଷୀରୋ ଗ୍ରାମର ଶରତ ଦଳେଇ। ସେ ମହୁଲି ବିକ୍ରି କରୁଥିବା ଖବର ପାଇ ପୋଲିସ ତାଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ନଂ.୨୭୬/୨୩ରେ ଏକ ମାମଲା ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ପ୍ରତାପ ଗଡ଼ନାୟକ ସୂଚନା ଦେଇଛନ୍ତି।

### ରୋଟାରି, ଇନରହୁଇଲ କ୍ଲବ ପକ୍ଷରୁ ମନ୍ଦିର ସଫେଇ

ଧର୍ମଶାଳା,୩।୧୦(ବଟକୃଷ୍ଣ ପରିଡ଼ା):

ଜାରକା ରୋଟାରି ଓ ଇନରହୁଇଲ କ୍ଲବର ମିଳିତ ଉଦ୍ୟମରେ ଧର୍ମଶାଳାର ପ୍ରସିଦ୍ଧ ଶୈବପୀଠ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ସଫେଇ କରାଯାଇଛି। ଦୀର୍ଘ ଦିନ ଧରି ବେଢ଼ା ପରିସରରେ ଆଳିଆ ଆବର୍ଜନା ପଡ଼ି ରହି ଦୁର୍ଗନ୍ଧ ସୃଷ୍ଟି ହେଉଥିଲା। ଦୈନନ୍ଦିନ ପ୍ରସାଦ ସେବନ ପରେ ଭକ୍ତମାନେ ଖଲି ପତ୍ରଗୁଡ଼ିକୁ ପାର୍ଶ୍ୱ ଡ୍ରେନରେ ପକାଇ ଦେଉଥିବାରୁ ଏହା ମନ୍ଦିର ପରିବେଶକୁ ନଷ୍ଟ କରୁଥିଲା। କ୍ଲବ ସଭାପତି ବିପିନ କିଶୋର ଷଡ଼ଙ୍ଗୀ, ସମ୍ପାଦକ ଜୟଗୁରୁ ପାତ୍ର, ଇନରହୁଇଲ ସଭାନେତ୍ରୀ ଶୁଭଲକ୍ଷ୍ମୀ କର, ସମ୍ପାଦିକା ବିଶ୍ୱମିତ୍ରା ସାହୁ, ରୋଟାରିଆନ ଲକ୍ଷ୍ମୀକାନ୍ତ ଚ୍ୟାଉଚ୍ଚନାୟକ, ନିରଞ୍ଜନ ପାଣିଗ୍ରାହୀ, ପ୍ରମୋଦ ସାମଲ, ସୁକାନ୍ତ ସ୍ୱାଇଁ, ପ୍ରଶାନ୍ତ ପୃଷ୍ଟି, ମାଧୁରୀ ଶତପଥୀ, ମିନତି ସାହୁ, ବିନୋଦ ପରିଡ଼ା, ଯତୀନ୍ଦ୍ର ମିଶ୍ର, ଅଶୋକ ମହାପାତ୍ର, ରାଜେନ୍ଦ୍ର ପଲେଇ ଓ ଧରଣୀଧର ଦାସ ପ୍ରମୁଖ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ରାମଗଡ଼କୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି

ଜେନାପୁର,୩।୧୦(ଅଶୋକ ଦାସ):

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ତାଳଜଙ୍ଗ ଗ୍ରାମ ନିକଟସ୍ଥ ପାହାଡ଼ରେ ଥିବା ରାମଗଡ଼ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ତେଣୁ ଏହାର ପୁନରୁଦ୍ଧାର କରିବା ସହ ଏହାକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେବାକୁ ଜେନାପୁର ଗୋପବନ୍ଧୁ ପ୍ରେସ୍ କ୍ଲବର ସଦସ୍ୟ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏନେଇ ପ୍ରେସ୍ କ୍ଲବ ସଭାପତି ଅଶୋକ ଦାସ, ଉପସଭାପତି ବାବୁଲି ରାଉତ, ସମ୍ପାଦକ ଚିତ୍ରସେନ ନାଥ, ସହସମ୍ପାଦକ ବସନ୍ତ ମଲ୍ଲିକ, କୋଷାଧ୍ୟକ୍ଷ ସୁନୀଲ ପାଢ଼ୀ, ପ୍ରଶାନ୍ତ ସାମଲ, ନିଷ୍କାନ୍ତ ଖଟୁଆ, ବିନୟ ଜେନାମଣି ଓ ଅସିତ ନାୟକ ପ୍ରମୁଖ ୫-ଟି ସଚିବଙ୍କୁ ଚିଠି ଲେଖିଛନ୍ତି।

ଜିଲାରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଓ ଐତିହାସିକ ସ୍ଥାନ ମଧ୍ୟରୁ ରାମଗଡ଼ ଅନ୍ୟତମ। ପାହାଡ଼ ପାଦ ଦେଶରୁ ଏହା ପ୍ରାୟ ୮୦୦ ମିଟର ଉଚ୍ଚରେ ଅବସ୍ଥିତ। ଐତିହାସିକ ଓ ପୌରାଣିକ ଗାଥା ଗାଉଥିବା ରାମଗଡ଼ ପାହାଡ଼କୁ ନେଇ ରହିଛି ଅନେକ କିମ୍ବଦନ୍ତୀ। ଏଠାରେ



ରାମଗଡ଼ ପାହାଡ଼ରେ ଥିବା ଗୁପ୍ତଗଙ୍ଗା।

ପ୍ରଭୁ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ପୂଜା ପାଉଛନ୍ତି। ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ବନବାସ ସମୟରେ ମାତା ସୀତାଙ୍କ ତୃଷ୍ଣା ମେଣ୍ଟେଇବା ପାଇଁ କୌଣସି ଜଳର ସନ୍ଧାନ ପାଇ ନ ଥିଲେ। ତେଣୁ ପର୍ବତ ପାଦ ଦେଶରେ ପ୍ରଭୁ ଶରବିଦ୍ଧ କରି ଏକ ଝରଣା ସୃଷ୍ଟି କରିଥିଲେ। ସେହି ଦିନଠାରୁ ଏଠାରେ ଗୁପ୍ତଗଙ୍ଗା ନାମରେ ଚିରସ୍ରୋତା ଝରଣା ପ୍ରବାହିତ ହେଉଛି। ଖାଲି ସେତିକି ନୁହେଁ, ଶ୍ରଦ୍ଧାଳୁ ମାନସିକ କରିବା ସହ ଏହି ଗୁପ୍ତଗଙ୍ଗା ଝରଣା ପାଣିକୁ ବ୍ୟବହାର କରି ମାନସିକ ପୂର୍ଣ୍ଣ କରିଥାନ୍ତି। ଶବର ରାଜା ଏଠାରେ ବାସ କରୁଥିଲେ ବୋଲି ଶୁଣିବାକୁ ମିଳେ। ଚତୁଃପାର୍ଶ୍ୱରେ ପାହାଡ଼ ବନଘେରା ପରିବେଶଟିରେ ଏକ ସ୍ୱତନ୍ତ୍ର ଅନୁଭୂତି ଅନୁଭବ ହୁଏ। ବର୍ଷସାରା ବିଭିନ୍ନ ପର୍ବପର୍ବାଣୀରେ ପର୍ଯ୍ୟଟକମାନେ ଏଠାକୁ ବୁଲିବାକୁ ଆସି ଖୁବ ଆନନ୍ଦିତ ହେବା ସହିତ ବଣଭୋଜିର ଆଶର କରିଥାନ୍ତି। ତାଳଜଙ୍ଗ ଗ୍ରାମ ନିକଟରୁ ଏହାର ଦୂରତା ପ୍ରାୟ ଦେଢ଼ କିଲୋମିଟର ହେବ। ଗମନାଗମନର କୌଣସି ସୁବିଧା ନ ଥିବାରୁ ପର୍ଯ୍ୟଟକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ ଜିଲା ପ୍ରଶାସନ କିମ୍ବା ପର୍ଯ୍ୟଟନ ବିଭାଗ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

# ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ବାପା

ପାଣିକୋଇଲି,୩।୧୦(ବିକାଶ ମଲ୍ଲିକ):

**ଗାଡ଼ି ସାଇଡ୍ ମରାକୁ ନେଇ ଯୁବକଙ୍କୁ ଆକ୍ରମଣ ଘଟଣା**

ଗାଡ଼ି ସାଇଡ୍ ମରାକୁ ନେଇ ଯୁବକଙ୍କୁ ଆକ୍ରମଣ ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ତେଣୁ ବାଧ୍ୟହୋଇ ଆକ୍ରମଣର ଶିକାର ବ୍ୟକ୍ତିଙ୍କ ବାପା ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ମୁତାବକ, ଯାଜପୁର ସଦର ଥାନା ଅନ୍ତର୍ଗତ କଣ୍ଟାବଣିଆ ଗ୍ରାମର ସିଦ୍ଧେଶ୍ୱର ମଳିକଙ୍କ ପୁଅ ପ୍ରଦୀପ ମଳିକ ଏକ ବାଇକ ଯୋଗେ ଖରସ୍ରୋତୀ ନଦୀ ବନ୍ଧରେ ଜହଲ ଗ୍ରାମକୁ ଯାଉଥିଲେ। ଏହି ସମୟରେ ଏକ କଳା ରଙ୍ଗର କାରରେ ଆର୍ତ୍ତ ନାୟକ ଆସି ପ୍ରଦୀପଙ୍କ ବାଇକ ସମ୍ମୁଖରେ ଆଡ଼ା ପକାଇବା ସହିତ ବାଇକ ପଛକୁ ଘୁଞ୍ଚା ବୋଲି କହି ଅଶ୍ରାବ୍ୟ ଓ ଜାତିଆଣ ମନ୍ତବ୍ୟ ଦେଇ ଗାଳିଗୁଲଜ କରିଥିଲେ। ପରେ ତାଙ୍କର ୫/୬ଜଣ ସାଙ୍ଗଙ୍କୁ ଡକାଇ ପ୍ରଦୀପଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ସିଦ୍ଧେଶ୍ୱର ଥାନାରେ ଗତ ମାସ ୨୦ ତାରିଖରେ ଅଭିଯୋଗ କରିଥିଲେ। ହେଲେ ଏଯାଏ ପୋଲିସ କୌଣସି ପଦକ୍ଷେପ ନ ନେବାରୁ ସିଦ୍ଧେଶ୍ୱର ଯାଜପୁର ଏସ୍‌ପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି।

# ଦେଓଦା ସମବାୟ ସମିତିର ନୂତନ ଗୃହ ଉଦ୍‌ଘାଟିତ



ଧର୍ମଶାଳା,୩।୧୦(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅଧୀନ ଦେଓଦା ପ୍ରାଥମିକ କୃଷି ସମବାୟ ସମିତିର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ସମବାୟ ସମିତି ସଭାପତି ବିକାଶ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଏହି ଗୃହକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ସମବାୟ ସମିତି ସମୂହ ଯାଜପୁର ମଣ୍ଡଳର ସରକାରୀ ନିବନ୍ଧକ ଶରତ ଚନ୍ଦ୍ର ମଲ୍ଲିକ, କ୍ଷେତ୍ରାଧିକାରୀ ଭାଗବତ୍ ମରାଣ୍ଡି, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକ ସଦସ୍ୟ ଦୁଃଶାସନ ସାହୁ, ଶାଖା ପରିଚାଳକ ପ୍ରିୟରଞ୍ଜନ ସାହୁ, ୧୫ନଂ. ଜୋନ ଜିଲା ପରିଷଦ ସଭ୍ୟ ଚକ୍ରଧର ବେହେରା, ବିଧାୟକଙ୍କ ପ୍ରତିନିଧି ନିର୍ମଳ ଚନ୍ଦ୍ର ପ୍ରଧାନ, ୧୪ ନଂ. ଜୋନ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି ଓ ୧୫ ନଂ. ଜୋନର ପୂର୍ବତନ ଜିଲା ପରିଷଦ ସଭ୍ୟା ମମତା ଦଣ୍ଡପାଟ ପ୍ରମୁଖ ଯୋଗ ଦେଇଥିଲେ। ବିରୁପାକ୍ଷ ଶରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମିତିର ପୂର୍ବତନ ସଭାପତି ହୃଷୀକେଶ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ତରାଇ, ଅକ୍ଷୟ କୁମାର ମିଶ୍ର ଓ ପୂର୍ବତନ ସମ୍ପାଦକ ସୁରେନ୍ଦ୍ର କୁମାର ପାଣିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେଓଦା ସରପଞ୍ଚ ଆତୁଳା ନନ୍ଦ ମଳିକ, ଉତ୍ତରପ୍ରତାପ ସରପଞ୍ଚ ନିମାଇଁ ମଳିକ ଓ ମଙ୍ଗଳପୁର ସରପଞ୍ଚ ପ୍ରମୋଦ କୁମାର ଜେନାଙ୍କ ସମେତ ସମସ୍ତ ସ୍ଥାନୀୟ ସମିତି ସଭ୍ୟାସଭ୍ୟ ଓ ଅଗ୍ରଣୀ ଚାଷୀ ଉପସ୍ଥିତ ଥିଲେ। ସମିତି ଉପସଭାନେତ୍ରୀ ବାସନ୍ତୀ ସାହୁ ଧନ୍ୟବାଦ ଦେଇଥିଲେ।

# ଉଦିୟମାନର ବାର୍ଷିକ ଉତ୍ସବ



ବାର୍ଷିକ ମୁଖପତ୍ର 'ଆଶା'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

ଚଣ୍ଡିଖୋଲ,୩।୯(ପ୍ରଦୀପ୍ତ କୁମାର ପୃଷ୍ଟି):

ଉଦ୍ଦିୟମାନ ଅନୁଷ୍ଠାନର ୨୨ତମ ବାର୍ଷିକ ଉତ୍ସବ, ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଚଣ୍ଡିଖୋଲ ବାଳିକା ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହାକୁ ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର କୁମରବର ଦାସ ଉଦ୍‌ଘାଟନ କରି ପିଲାଙ୍କ ସୃଜନିଶକ୍ତି ବୃଦ୍ଧି ଦ୍ୱାରା ସାମାଜିକ ଓ ଅର୍ଥନୈତିକ ବିକାଶ ସମ୍ଭବ ହୋଇ ପାରିବ। ତେଣୁ ଯୁବଶକ୍ତି ପଥ ଭ୍ରଷ୍ଟ ନ ହୋଇ ଗାନ୍ଧୀ, ଶାସ୍ତ୍ରୀଙ୍କ ମୂଲ୍ୟବୋଧକୁ ଅନୁଶୀଳନ କରିବା ଉଚିତ ବୋଲି ମତ ରଖିଥିଲେ। ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ଆଶା'କୁ ଲୋକାର୍ପଣ କରି କହିଥିଲେ, ଆମ ଜିଲାର ସାହିତ୍ୟ ସଂସ୍କୃତିକୁ ଉର୍ଦ୍ଧ୍ୱରେ ତୋଳିଧରିବାରେ ଉଦିୟମାନ ଅନୁଷ୍ଠାନ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ସୁବର୍ତାର ସମ୍ପାଦକ ତଥା ସ୍ତମ୍ଭକାର ପ୍ରଦ୍ୟୁମ୍ନ ଶତପଥୀ ଯୋଗଦେଇ ପୂଜ୍ୟପୂଜା ଏ ଜାତିର ପାତାଳି ଭେଦି ସଂସ୍କୃତି ବୋଲି ମତ ରଖିଥିଲେ। ଡ. କେଦାର ନାଥ ଦାଶ, ପ୍ରାକ୍ତନ ପ୍ରଧାନଶିକ୍ଷକ କାହ୍ନୁଚରଣ ସାହୁ, ଡ. ଦିଲୀପ କୁମାର ନାୟକ ଓ ସାମାଜିକ କର୍ମୀ ଚନ୍ଦନ କୁମାର ନାୟକ ପ୍ରମୁଖ ଯୋଗଦେଇ ଗାନ୍ଧୀ, ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ।

ଉତ୍ସବରେ ବରିଷ୍ଠ ଖବରଦାତା ବେଣୁଧର ପଣ୍ଡା, ପ୍ରଦୀପ୍ତ କୁମାର ପୃଷ୍ଟି, ବିବେକାନନ୍ଦ ରାୟ, ଆଦର୍ଶ ଶିକ୍ଷକ ଶ୍ରୀଚରଣ ଦାସ ଓ ଆଇନଜୀବୀ ଦେବରାଜ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୦ ଜିଲାର ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୨୨ ବର୍ଷ ପାଇଁ ସିନିୟର ବିଭାଗରେ ସ୍ୱୟଂ ସମ୍ପୂର୍ଣ୍ଣା ପୃଷ୍ଟି, ଜୁନିୟର ବିଭାଗରେ ସାଇ ଦିବ୍ୟସିଂ ଶତପଥୀଙ୍କୁ ଶ୍ରେଷ୍ଠ ପ୍ରତିଯୋଗୀ ଭାବରେ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ବିଚାରକ ଭାବେ ଗାୟିକା ତନୁଶ୍ରୀ ମଲ୍ଲିକ, ସଂଗୀତ ନିର୍ଦ୍ଦେଶକ ହିମାଂଶୁ ମହାପାତ୍ର, ଅଭିନେତା ରୁଦ୍ର ମନୁ, ଗୁରୁ ପତିତପାବନ ସାହୁ, ଅମ୍ବିକା ମିଶ୍ର, କବୟିତ୍ରୀ ପ୍ରମୋଦା ମଞ୍ଜୁରୀ ବଳ ଯୋଗ ଦେଇଥିଲେ। ଅନୁଷ୍ଠାନ ସଭାପତି ଅବିନାଶ ଜେନା ଉତ୍ସବରେ ପୌରୋହିତ୍ୟ କରିଥିଲେ। ଉଦିୟମାନ ମହିଳା ସଂଗଠନର ସଭାନେତ୍ରୀ ଦେବଜାନୀ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦିକା ଅରୁଣୀ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବକୁ ସମ୍ପାଦକ ଅନିଲ ଦାସ, ଉପସଭାପତି ପ୍ରକାଶ କୁମାର ନାୟକ, ସୁଜାତା ସାମଲ, ହରପ୍ରିୟା ମହାନ୍ତି, ସରୋଜିନୀ ପଣ୍ଡା, କାଦମ୍ବିନୀ ମିଶ୍ର, ସ୍ନେହଲତା ବାରିକ, ତାପସ ରଞ୍ଜନ ସ୍ୱାଇଁ, ଶିବ ନାୟକ, ପ୍ରତ୍ୟୁଷ ସାମଲ ଓ ଗୀତାଞ୍ଜଳୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଆଇନଜୀବୀ ହେମନ୍ତ ମାହାଲା ଧନ୍ୟବାଦ ଦେଇଥିଲେ।

### ପାଚେରି ଭାଙ୍ଗିବା ଅଭିଯୋଗରେ ୩ ଗିରଫ

ଯାଜପୁରରୋଡ୍,୩।୧୦(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର ରୋଡ ଆଦର୍ଶ ଥାନା ପୋଲିସ ମଙ୍ଗଳବାର ପାଚେରି ଭାଙ୍ଗିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହ ସେମାନଙ୍କ ନିକଟରୁ କୋର୍ଟଙ୍କ ନିର୍ଦ୍ଦେଶପତ୍ର, ଜମି କାଗଜପତ୍ର ଏବଂ ଏକ ପେନ୍‌ଡ୍ରାଇଭ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଚୋରଦା ଗ୍ରାମର ହେମନ୍ତ ମଳିକ(୨୩), ଚୋରଦା ତଳ ସାହିର ଖଗେଶ୍ୱର ସେଠୀ(୩୪) ଏବଂ ଝଟିଆସାହି ଗ୍ରାମର ରାଜକିଶୋର ଜେନା(୨୮)। ଅଭିଯୋଗ ମୁତାବକ, ଗତ ସୋମବାର ସହରସ୍ଥିତ ଅଭିରାମ ମାର୍କେଟ କମ୍ପ୍ଲେକ୍ସରେ ଲକ୍ଷ୍ମୀମାର୍କେଟ ନଟପଡ଼ାର ବାସିନ୍ଦା ରଙ୍ଗାଧର ମହାପାତ୍ରଙ୍କ ସ୍ତ୍ରୀ ବିଶ୍ୱବନ୍ଦିତା ମହାପାତ୍ର(୫୫)ଙ୍କ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଏକ ପାଚେରି ନିର୍ମାଣ ଚାଲୁଥିଲା। ଏହି ସମୟରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ହୋଟେଲ ପ୍ରିୟା ବାର ଏବଂ ଲଜିଂର ମାଲିକ ଶ୍ରୀପତି ମହାପାତ୍ରଙ୍କ ପୁତ୍ର ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶରେ ତାଙ୍କ ବାରର ଉପରୋକ୍ତ କର୍ମଚାରୀ ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ପାଚେରିକୁ ଭାଙ୍ଗି ଦେଇଥିଲେ। ତାଙ୍କ ପୁତୁରା ଦେବବ୍ରତ ମହାପାତ୍ରଙ୍କୁ ଧକ୍କା ମାରିବା ସହ ପରିବାରର ସମସ୍ତଙ୍କୁ ମାରିଦେବାର ଧମକ ଦେଇଥିଲେ। ଏନେଇ ବିଶ୍ୱବନ୍ଦିତା ଅଭିଯୋଗ କରିବା ପରେ ପୋଲିସ ନଂ.୪୭୦/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ମିନିଟ୍ରକ ଦୁର୍ଘଟଣାଗ୍ରସ୍ତ, ଚାଳକ ଆହତ

ପାଣିକୋଇଲି,୩।୧୦ (ବିକାଶ ମଲ୍ଲିକ):



ବାଲେଶ୍ୱରରୁ କଟକ ଯାଉଥିବା ଏକ ମିନିଟ୍ରକ ଟ୍ରକ୍ (ଓଡି-୦୫-ଏ-୩୬୪୬) ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଟିକର ଛକରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ମିନିଟ୍ରକ ଟ୍ରକ୍ ଚାଳକ ପୁରୀ ଜିଲା କଣାସ ଥାନା ଅଞ୍ଚଳର ସୁରେଶ ହରିଚନ୍ଦନ ଆହତ ହୋଇଛନ୍ତି। ତାଙ୍କ ଗୋଡ଼ ଚାପି ହୋଇ ରହିଥିବାବେଳେ ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ, ହାବିଲଦାର ସୁଲୋଚନ ବେହେରା, ମନମୋହନ ବାରିକ ଓ ଆମେ ଆପଣଙ୍କ ପାଇଁ ଡେଲପିଙ୍ଗ ଗ୍ରୁପର ସଦସ୍ୟମାନେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମିନିଟ୍ରକ୍‌ଟି ଆଗରେ ଯାଉଥିବା ଏକ ଟ୍ରକ ପଛରେ ପିଟି ହୋଇଯିବା କରଣରୁ ଏହି ଦୁର୍ଘଟଣା ଘଟିଛି।

# ଦୟନୀୟ ଅବସ୍ଥାରେ ବିଶ୍ୱନାଥଙ୍କ ପରିବାର



ବିଶ୍ୱନାଥ ଓ ତାଙ୍କ ପରିବାର ସଦସ୍ୟ।

କାଏମା,୩।୧୦(ଶିବପ୍ରସାଦ ମହାନ୍ତି):

- କେହି ରୋଜଗାର କ୍ଷମ ନାହାନ୍ତି
- ସରକାରୀ ସହାୟତା ପାଇଁ ଦାବି

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ପାଖର ପଞ୍ଚାୟତ ଛେଳିଆପଦା ଗ୍ରାମର ବିଶ୍ୱନାଥ ଦେହୁରିଙ୍କ ପରିବାର ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ୬୮ ବର୍ଷୀୟ ବିଶ୍ୱନାଥ ଏବେ ପକ୍ଷାଘାତ ରୋଗରେ ପୀଡ଼ିତ। ସେ ଗାଁରେ ଠାକୁରାଣୀଙ୍କ ପୂଜା କରି ଯାହା ରୋଜଗାର କରୁଥିଲେ ସେଥିରେ ତାଙ୍କ ପରିବାର ଦୁଃଖ କଷ୍ଟରେ ଚଳୁଥିଲା। ହେଲେ ଏବେ ସେ ରୋଗରେ ଆକ୍ରାନ୍ତ ହୋଇ କଥା ବି କହି ପାରୁ ନାହାନ୍ତି। ବିଶ୍ୱନାଥଙ୍କ ପରିବାର କହିଲେ ତାଙ୍କ ସ୍ତ୍ରୀ, ବୋହୂ, ଦୁଇ ନାତୁଣୀ ଓ ଜଣେ ନାତି। ହେଲେ ରୋଜଗାର କରିବାକୁ କେହିନାହାନ୍ତି। ବିଶ୍ୱନାଥଙ୍କ ସ୍ତ୍ରୀ କହିଛନ୍ତି, ସେମାନେ ମାଗି ଯାଚି ଖାଇ ଜୀବନ ବଞ୍ଚାଉଛନ୍ତି। ପରିବାର ଅବସ୍ଥା ଅତି ଶୋଚନୀୟ। ପୁଅ ସୁଶାନ୍ତଙ୍କ ୩୫ ବର୍ଷ ବୟସରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ହୋଇଛି। ସେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ୭ ବର୍ଷ ତଳେ କୌଣସି କାରଣରୁ ତାଙ୍କ ଗୋଡ଼ କଟିଯାଇଥିଲା। ସେ ଘରେ ବସି ରହିଥିଲେ। ପରେ ମାନସିକ ଚାପରେ ଥିବାବେଳେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିଲେ। ସରକାରୀ ସହାୟତା ହିସାବରେ କେବଳ ଚାଉଳ ମିଳୁଛି। ହେଲେ ସେତିକିରେ ତାଙ୍କ ପରିବାର ଚଳିବା କଷ୍ଟକର ହୋଇପଡୁଛି। ଏ ଖବର ପାଇ ଅସହାୟ ପରିବାର ପକ୍ଷରୁ ଗଣେଶ୍ୱର ନାୟକ ଏବଂ ସଂଗଠନର ଅନ୍ୟ ସଦସ୍ୟା ଯାଇ ତାଙ୍କ ପରିବାରକୁ ସହାୟତାର ହାତ ବଢ଼ାଇଥିଲେ। ସଂଗଠନ ପକ୍ଷରୁ ଡା. ପ୍ରତ୍ୟୁଷ କୁମାର ମହାରଣା ବିଶ୍ୱନାଥଙ୍କୁ ଚିକିତ୍ସା ମଧ୍ୟ କରିଥିଲେ। ତେଣୁ ସରକାର ଏହି ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

କାଏମା,୩।୧୦(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ବଡ଼ କାଏମା ପଞ୍ଚାୟତ ଗୋପନଗର ଗ୍ରାମରେ ସାପ କାମୁଡ଼ାରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଦେବେନ୍ଦ୍ର ରାଉତଙ୍କ ପୁଅ ଜ୍ୟୋତିରଞ୍ଜନ ରାଉତ(୩୩)। ସେ ସୋମବାର ରାତିରେ ତାଙ୍କ ଗ୍ରାମରେ ଥିବା ପାଣି ପମ୍ପ ଘରେ ସାଙ୍ଗମାନଙ୍କ ସହ ଶୋଇଥିଲେ। ଏହି ସମୟରେ ତାଙ୍କୁ କିଛି ଆଘାତ ଲାଗିଥିଲା। ସେ ନିଦରେ ଏହାକୁ ଧ୍ୟାନ ଦେଇ ନ ଥିଲେ। ରାତିପ୍ରାୟ ୨ଟାରେ ନିଦରୁ ଉଠି ଦେହ କ'ଣ ହେଉଛି ବୋଲି ସାଙ୍ଗମାନଙ୍କୁ କହିଥିଲେ। ସାଙ୍ଗମାନେ ତାଙ୍କୁ ଧର୍ମଶାଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ମୃତ ଯୁବକଙ୍କ ଜଣକ ଏକ ଛୋଟ ଦୋକାନ କରି ପରିବାର ଚଳାଉଥିଲେ। ତାଙ୍କ ରୋଜଗାର ଉପରେ ପରିବାର ନିର୍ଭର କରୁଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ



ହେବାପରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# କ୍ରାଇମବ୍ରାଞ୍ଚ୍ ତଦନ୍ତ ଦାବି କଲା ନାଗରିକ କମିଟି

**ବ୍ୟାସନଗର ମହାବିଦ୍ୟାଳୟରେ ଯୌନ କେଳେଙ୍କାରୀ ଘଟଣା**

ଯାଜପୁରରୋଡ୍,୩।୧୦ (ପବିତ୍ର ରଞ୍ଜନ ମହାନ୍ତି):




ବୈଠକରେ ଯୋଗଦେଇଥିବା ବ୍ୟାସନଗର ନାଗରିକ କମିଟି କର୍ମକର୍ତ୍ତା।

ବ୍ୟାସନଗର ମହାବିଦ୍ୟାଳୟର ଜଣେ ଛାତ୍ରୀ କଲେଜ ପରିଚାଳନା କମିଟି ସଭାପତି, ଛାତ୍ରୀନିବାସ ଅଧୀକ୍ଷକଙ୍କ ନାମରେ କରିଥିବା ଯୌନ କେଳେଙ୍କାରୀ ଅଭିଯୋଗକୁ ନେଇ ବ୍ୟାସନଗର ନାଗରିକ କମିଟି ପକ୍ଷରୁ ଏକ ସଭା ହୋଟେଲ ରୟାଲ କଳିଙ୍ଗଠାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ରାଉତ ମଞ୍ଚ ପରିଚାଳନା କରିଥିଲେ। କମିଟି ସଭାପତି ଡ. ହେମନ୍ତ କିଶୋର ସାହୁଙ୍କ ଅଧ୍ୟକ୍ଷତାରେ ବ୍ୟାସନଗର ସହରାଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗଦେଇ ସରକାର ଏହାର ଏକ କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ଦାବି କରିଥିଲେ। କ୍ରାଇମବ୍ରାଞ୍ଚ ତଦନ୍ତ ହେଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ଏବଂ ଯଦି କେହି ଏପରି ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ତେବେ ସେ ଦଣ୍ଡିତ ହେବା ଉଚିତ ବୋଲି କହିଥିଲେ। ଏକ ବେନାମୀ ଦରଖାସ୍ତ ଉପରେ ଉଚ୍ଚ ଶିକ୍ଷା ସଚିବଙ୍କ ତଦନ୍ତ ନିର୍ଦ୍ଦେଶ ସାମନାକୁ ଆସିଲା ପରେ ମହାବିଦ୍ୟାଳୟ, ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ, ପରିଚାଳନା ସମିତି ଓ ସଭାପତି ଆଦିଙ୍କ ସମ୍ମାନ କ୍ଷୁଣ୍ଣ ହୋଇଥିବାରୁ ନାଗରିକ କମିଟି ଉଦ୍‌ବେଗ ପ୍ରକାଶ କରିଛି। ଏଠାରେ ଯେଉଁ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଛି ତାହା ମହାବିଦ୍ୟାଳୟର ଗୌରବ କ୍ଷୁଣ୍ଣ କରିବା ସହ ବ୍ୟାସନଗର ସଚେତନ ନାଗରିକମାଙ୍କୁ ମାନସିକ ଆଘାତ ଦେଇଛି। ସରକାର ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଏବଂ ସମସ୍ତେ ଏହାର ଫଳାଫଳକୁ ଅପେକ୍ଷା କରିବା ସହ ଆରୋପ ପ୍ରତ୍ୟାରୋପରୁ ବିରତ ରହିବା ଆବଶ୍ୟକ। ଏଥିପାଇଁ ଜିଲା ପ୍ରଶାସନ, ସ୍ଥାନୀୟ ଜନ ପ୍ରତିନିଧି, ଅଧ୍ୟକ୍ଷ ଏବଂ ଅଧ୍ୟାପିକାଅଧ୍ୟାପକ ଚେଷ୍ଟା କରିବା ଦରକାର। କ୍ୟାମ୍ପସରେ ବାହାର ଲୋକଙ୍କ ପ୍ରବେଶ ଉପରେ ପୋଲିସ ପକ୍ଷରୁ କଟକଣା କରାଯିବା ଉଚିତ। ଖୁବ୍‌ଶୀଘ୍ର ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ସ୍ଥିର କରାଯାଇଛି। ବୈଠକରେ ହୃଦାନନ୍ଦ ସାମଲ, ଡ. ଦୁଷ୍ମନ୍ତ କୁମାର ନାୟକ, ବିବେକାନନ୍ଦ ମହାନ୍ତି, ପ୍ରଫେସର ନିହାର ରଞ୍ଜନ ଜେନା, ପ୍ରଫୁଲ୍ଲ ନାୟକ, ଚନ୍ଦ୍ରଶେଖର ପଣ୍ଡା, ଶିବଚରଣ ମାଝି, ନିରଞ୍ଜନ ଘଡ଼େଇ, ସନ୍ତୋଷ କୁମାର ମହାନ୍ତି, ମହେଶ ଧଳ ଅମୂଲ୍ୟ କୁମାର ନାୟକ, ଆଲମୁନି ସମ୍ପାଦକ ନିତ୍ୟାନନ୍ଦ ମହାଳିକ, ହୃଷୀକେଶ ସାହୁ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବିଶ୍ୱଜିତ ମହାନ୍ତି, ପ୍ରଣବ ବିଶ୍ୱାଳ, ପ୍ରଫୁଲ୍ଲ କୁମାର ନାୟକ, ମାଧବାନନ୍ଦ ବଳ, ଜ୍ଞାନରଞ୍ଜନ ରାଉତ ଓ ଦାମୋଦର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଆଲୁମୁନି ସଭାପତି ବିଦ୍ୟାଧର ମହାନ୍ତି ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ଅର୍ବାନ ବ୍ୟାଙ୍କ ସିଇଓ ହେଲେ ଭାଗ୍ୟଲକ୍ଷ୍ମୀ ପଣ୍ଡା

**କେନ୍ଦ୍ରାପଡ଼ା, ୩।୧୦(ଜଗନ୍ନାଥ ଧଳ):** କେନ୍ଦ୍ରାପଡା ଅର୍ବାନ ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ଭାଗ୍ୟଲକ୍ଷ୍ମୀ ପଣ୍ଡା ମଙ୍ଗଳବାର ଯୋଗ ଦେଇଛନ୍ତି। ପୂର୍ବତନ ସିଇଓ ରାଜୀବଲୋଚନ ପଣ୍ଡାଙ୍କଠାରୁ ଦାୟିତ୍ୱ ଗ୍ରହଣ ପରେ ବ୍ୟାଙ୍କର ସାଧାରଣ ପ୍ରବନ୍ଧକ ସୁରେଶ ଚନ୍ଦ୍ର ପରିଡ଼ା,



ମୀନାକ୍ଷୀ ପାଣି, ରବୀନ୍ଦ୍ର କୁମାର ପାତ୍ର, ସୁକାନ୍ତ କୁମାର କର, ହିମାଂଶୁ ଲେଙ୍କା, ବିବେକାନନ୍ଦ ମହାନ୍ତି ପ୍ରମୁଖ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଛନ୍ତି। ସିଇଓ ଭାଗ୍ୟଲକ୍ଷ୍ମୀ ଏହି ବ୍ୟାଙ୍କର ବିଭିନ୍ନ ଶାଖାରେ ନିଜର କାର୍ଯ୍ୟଭାର ତୁଲାଇ ଥିଲେ। ଏହି ସମୟରେ ବ୍ୟାଙ୍କର ଜମା ବୃଦ୍ଧି, ଋଣ ବ୍ୟୟ କ୍ଷେତ୍ରରେ ପାରଦର୍ଶିତା ଦେଖାଇଥିଲେ। ତାଙ୍କର କାର୍ଯ୍ୟଭାର ଗ୍ରହଣ ପରେ ବ୍ୟାଙ୍କ ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ଅଳପୁଆ ପଞ୍ଚାୟତରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ

**ପଟ୍ଟାମୁଣ୍ଡାଇ,୩।୧୦(କଳ୍ପତରୁ ନାୟକ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତି ଲୋକାର୍ପିତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା ଓ ଗଗନ ମହାଳିକଙ୍କ ସଂଯୋଜନାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ କରାଯାଇଥିଲା। ଏଥିରେ ଜିଲା ପରିଷଦ ସଭ୍ୟା ପ୍ରିୟଦର୍ଶିନୀ ତରାଇ, ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତିସଭ୍ୟ ନିରଞ୍ଜନ ବାରିକ, ପେଣ୍ଠପାଳ ସମିତସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ସିଂହଗାଁ ସମିତିସଭ୍ୟ ଅଭୟ ସ୍ୱାଇଁ, ଅଳପୁଆ ପୂର୍ବତନ ସରପଞ୍ଚ ରମେଶ ଦାସ, ରବୀନ୍ଦ୍ର ଧଳ, ପୂର୍ବତନ ସମିତିସଭ୍ୟା ନମିତା ଦାସ, ରଶ୍ମୀକାନ୍ତ ବେହେରା, ପିଇଓ ସ୍ମୃତି ରଞ୍ଜନ ଦାସ, ଜିଆରଏସ୍ ପ୍ରଶାନ୍ତ ସାହୁ ଓ ସନ୍ତୋଷ ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ଦିଲୀପ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ

**ଡେରାବିଶ, ୩।୧୦(ବେବର୍ତ୍ତା ଅଜୟ ଦାସ) :** ଡେରାବିଶ ବ୍ଲକ ଅଧୀନ ଛୋଟିର ପୂର୍ବତନ ସରପଞ୍ଚ କୁମାର ଚନ୍ଦ୍ର ବଳଙ୍କ ସୋମବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତର ଖାନାରେ ବିୟୋଗ ହୋଇଥିଲା । ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଦକ୍ଷ ସଙ୍ଗଠକ ଭାବେ ପରିଚିତ ଥିଲେ। କୁମାରଙ୍କ ବିୟୋଗରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ଉଠାଜଳସେଚନ ନିଗମ ଅଧକ୍ଷ ଅମରେଶ ପତ୍ରୀ, ସାମାଜିକ କର୍ମୀ ପ୍ରାଧାପକ ଅଜୟ ରାଉତ, ରାଜେଶ ପଣ୍ଡା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଛନ୍ତି।

# ମହାତ୍ମା ଗାନ୍ଧୀ, ରଘୁନାଥଙ୍କ ସମ୍ପର୍କ ଓଡ଼ିଆ ଜାତିର ପ୍ରେରଣା

**ରାଜକନିକା, ୩।୧୦(ସଞ୍ଜୟ କୁମାର ଦାଶ)**

ଗାନ୍ଧୀ ଓ ରଘୁନାଥଙ୍କ ଜୀବନଦର୍ଶନ ଅଗାମୀ ପିଢି ପାଇଁ ପ୍ରେରଣା। ଜଣେ ମହାତ୍ମା ଆଉ ଜଣେ ତାଙ୍କ ସେବକ। ବଗିଚାର ମାଳି। ଯେଉଁ ବଗିଚାରେ ପ୍ରତିଦିନ ପ୍ରାର୍ଥନା ସଭା କରୁଥିଲେ ଗାନ୍ଧୀ। ଜୀବନର ଶେଷ ସମୟରେ ହିଁ ଓଡ଼ିଆ ପୁଅ ରଘୁନାଥଙ୍କ କୋଳରେ ଜାତିର ପିତା ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଏହାସହ ଗାନ୍ଧୀଙ୍କ ହତ୍ୟାର ଓଡ଼ିଆ ସାକ୍ଷୀ ଥିଲେ। ତେଣୁ ମହାତ୍ମା ଗାନ୍ଧୀ ଏବଂ ରଘୁନାଥଙ୍କ ସମ୍ପର୍କ ଓଡ଼ିଆ ଜାତି ପାଇଁ ପ୍ରେରଣାର ଉତ୍ସ ବୋଲି ରାଜକନିକା ବ୍ଲକ ଜାଗୁଲାଇପଡ଼ା ଗାଁ ମୁଣ୍ଡରେ ଥିବା ଗାନ୍ଧୀ, ରଘୁନାଥ ପ୍ରତିମୂର୍ତ୍ତିଠାରେ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ରାଜକନିକା ବ୍ଲକ ଜାଗୁଲାଇପଡ଼ା ଗାଁ ମୁଣ୍ଡରେ ଥିବା ଗାନ୍ଧୀ ଏବଂ ରଘୁନାଥଙ୍କ ପ୍ରତିମୂର୍ତ୍ତିରେ ନିଆରା ଢଙ୍ଗରେ ଗାନ୍ଧୀରଘୁ ସ୍ମୃତି କମିଟି, ଗ୍ରାମବାସୀ ଏବଂ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଗାନ୍ଧୀ ଓ ରଘୁଙ୍କ ମିଳିତ ପ୍ରତିମୂର୍ତ୍ତିରେ ବିଦ୍ୟାଳୟର



ମହାତ୍ମା ଗାନ୍ଧୀ ଓ ରଘୁନାଥ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

ଛାତ୍ରୀଛାତ୍ରଙ୍କ ସହିତ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗାନ୍ଧିଜୀଙ୍କ ପ୍ରିୟ ଭଜନ ରଘୁପତି ରାଘବ ରାଜା ରାମକୁ ଛାତ୍ରୀଛାତ୍ରମାନେ ଗାନ କରିଥିଲେ। ଗାନ୍ଧୀ ରଘୁ ସ୍ମୃତି କମିଟି ଆୟୋଜିତ ଉତ୍ସବରେ ରାଜକନିକା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ଫିରୋଜ ବେହେରା, ଜାଏମାଲବ ନୋଡ଼ାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ସାହୁ, ଶିକ୍ଷୟିତ୍ରୀ ସ୍ନିଗ୍ଧାମୟୀ ନାୟକ ଏବଂ ଶିକ୍ଷୟିତ୍ରୀ ମମତା ଦାସ ପ୍ରମୁଖ ଯୋଗଦେଇଥିଲେ। ସେମାନେ କହିଥିଲେ ଭାରତରେ ଗାନ୍ଧୀ ଏବଂ ତାଙ୍କ ସେବକ ରଘୁଙ୍କ ଏକାଠି ପ୍ରତିମୂର୍ତ୍ତି କେବଳ ଏଇଠାରେ ଅଛି। ଏହା ଏକ ବିରଳ ସଂଯୋଗ। ଆମେ ଏହି ଦୁଇ ମହାନ ପୁରୁଷଙ୍କ ଆଦର୍ଶକୁ ନେଇ ଜୀବନ ଅତିବାହିତ କରିବାର ଆବଶ୍ୟକତା ଅଛି। ଆତତାୟୀ ନାଥୁରାମଙ୍କ ବନ୍ଧୁକ ଗୁଳିରେ ଗାନ୍ଧୀ ଟଳି ପଡ଼ିଥିଲେ। ଆଉ ସେହି ସମୟରେ ବିରଲା ଭବନର ମାଳି ଭାବେ କାର୍ଯ୍ୟରତ ଓଡ଼ିଆ ପୁଅ ରଘୁନାଥ ନାୟକ ବୀରତ୍ୱର ସହିତ ନାଥୁରାମଙ୍କୁ କାବୁ କରି ପୋଲିସର ଜିମା ଦେଇଥିଲେ। ଗାନ୍ଧିଜୀଙ୍କୁ ସଙ୍ଗେ ସଙ୍ଗେ କୋଳକୁ ରଘୁ ଟେକି ନେଇଥିଲେ। ଗାନ୍ଧୀ ସେବକ ରଘୁଙ୍କ କୋଳରେ ମଥା ରଖି 'ହେ-ରାମ'କହି ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ରଘୁଙ୍କ ବୀରତ୍ୱ ଓ ସାହାସିକତା ପାଇଁ ତତ୍କାଳୀନ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦଙ୍କଠାରୁ ମିଳିଥିଲା ୫୦୦ଟଙ୍କା ଅର୍ଥ ପୁରସ୍କାର ସହିତ ଏକ ସନନ୍ଦପତ୍ର। ଏହା ଭିତରେ ବିତିଯାଇଛି ଅନେକ ବର୍ଷ। ହେଲେ ରଘୁନାଥଙ୍କୁ ଜୀବିତ ଅବସ୍ଥାରେ ଓଡ଼ିଆ ଜାତି ସମ୍ମାନ ଦେଇ ପାରିନାହିଁ। ଆର୍ଥିକ ଅନଟନ ମଧରେ ୧୯୮୩ ଅଗଷ୍ଟ ୧୩ ରେ ରଘୁନାଥ ନାୟକ ୭୨ ବର୍ଷ ବୟସରେ ରୋଗଶଯ୍ୟାରେ ପଡ଼ି ମୃତ୍ୟୁ ହୋଇଥିଲା। ୨୦୦୫ରେ ଏକ ଖବର କାଗଜରେ ଅବହେଳିତ ରଘୁଙ୍କ ସମ୍ପର୍କରେ ପ୍ରକାଶିତ ହେବା ପରେ ଜର୍ମାନୀର ଏକ ଅଟୋମୋବାଇଲ କମ୍ପାନୀ ଡ଼ାମଲର ଖ୍ରୀସଲରର ମୁଖ୍ୟବର୍ଣ୍ଣ ଆଲ୍ଫର ରଘୁଙ୍କ ଜନ୍ମସ୍ଥାନ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଜାଗୁଲାଇପଡ଼ା ଗ୍ରାମରେ ପହଞ୍ଚି ଥିଲେ। ବିଦେଶୀ ଗାନ୍ଧୀ ପ୍ରେମୀ ଜାଗୁଲାଇପଡ଼ା ଗ୍ରାମରେ ଗାନ୍ଧୀ-ରଘୁଙ୍କ ମିଳିତ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିଥିଲେ।

# ଜବରଦଖଲ: ହୋଟେଲ, ଘେରି ଉଚ୍ଛେଦ ପାଇଁ ଦାବି

**ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ଡିଏଫ୍‌ଓ ଓ ତହସିଲଦାରଙ୍କୁ ଦାବିପତ୍ର**



ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପୁରାତନ ମଞ୍ଚର ସଦସ୍ୟ ଦାବିପତ୍ର ଦେଉଛନ୍ତି।

**ରାଜନଗର, ୩।୧୦(ଭାସ୍କର ରାଉତରାୟ)**

ଭିତରକନିକା ଏବେ ଦେଶ ବିଦେଶର ପରିବେଶପ୍ରେମୀ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ପାଲଟିଛି। ମାତ୍ର ଭିତରକନିକା ପ୍ରବେଶ ପଥ ନିକଟରେ ଜଙ୍ଗଲ ଓ ସରକାରୀ ଜମି ଜବରଦଖଲ କରାଯାଇ ୫ ଗୋଟି ହୋଟେଲ ନିର୍ମାଣ ହୋଇଛି। ରାଜସ୍ୱ ଓ ଜଙ୍ଗଲ ଜମିରେ ହୋଟେଲ ନିର୍ମାଣ ହେବା ଯୋଗୁ ପର୍ଯ୍ୟଟକମାନେ ଯାତାୟାତ ଓ ଗାଡି ମୋଟର ରଖିବାରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏପରିକି ଭିତରକନିକା ନିକଟରେ ପରିବେଶକୁ ପ୍ରଭାବିତ କରି ଜଙ୍ଗଲ ଓ ରାଜସ୍ୱ ଜମିରେ ଚିଙ୍ଗୁଡି ଘେରି ନିର୍ମାଣ ହୋଇଛି। ୭ଦିନ ଭିତରେ ଏ ନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ଆଜି ରାଜନଗର ଡିଏଫ୍‌ଓ ଏବଂ ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ସେମାନଙ୍କ ଦାବି ମୁତାବକ, ଭିତରକନିକା ଜାତୀୟ ଉଦ୍ୟାନ ଫାଟକକୁ ଲାଗି ହୋଟେଲ ଭିତରକନିକା, ହୋଟେଲ ରେଡକ୍ରାବ୍, ହୋଟେଲ ସତ୍ୟପ୍ରିୟ ଏବଂ ୧୦୦ ମିଟର ଦୂରରେ ଏକ ରିସର୍ଟ ନିର୍ମାଣ ହୋଇଛି। ଯେଉଁମାନଙ୍କର ଗୋଟିଏ ଇଞ୍ଚ ମଧ ପଟ୍ଟା ଜାଗା ନାହିଁ। ଏପରିକି ଭିତରକନିକା ଷ୍ଟେଟ ବ୍ୟାଙ୍କ ନିକଟରେ ସରକାରୀ ଓ ଜଙ୍ଗଲ ଜମିରେ ମ୍ୟାନଗ୍ରୁଭ ପିଟା ହୋମ ଷ୍ଟେ ନିର୍ମାଣ ହୋଇଥିବା ନେଇ ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିସହ ଡାଙ୍ଗମାଳ ନିକଟରେ ଡାଙ୍ଗମାଳ-ତାଳଚୁଆ ରାସ୍ତାରେ ପାଣି ନାଳ, ଝାଟି ଜଙ୍ଗଲ ଓ ଗ୍ରାମ୍ୟ ଜଙ୍ଗଲ ପ୍ରାୟ ୧୦ ଏକରରୁ ଅଧିକ ଜବରଦଖଲ କରି ଚିଙ୍ଗୁଡି ଘେରି ଓ ଘର ନିର୍ମାଣ ହୋଇଥିବା ନେଇ ଅଭିଯୋଗ କରାଯାଇଛି। ମଞ୍ଚର କର୍ମକର୍ତ୍ତା ଆଇନଜୀବୀ ଦେବଦତ୍ତ ସେଠୀଙ୍କ ନେତୃତ୍ୱରେ ଦୀପକ ରାଉତ, ଦେବାଶିଷ ରାଉଳ, ଶିବ ପ୍ରସାଦ ନାୟକ, କ୍ଷୀରୋଦ ନାୟକ, ପଦ୍ମଲୋଚନ ପରିଡ଼ା, ଆକାଶ ରାଉତ, ରାହୁଲ ସ୍ୱାଇଁ, ରାଘବେନ୍ଦ୍ର ମହାନ୍ତି ପ୍ରମୁଖ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ଭେଟି ଦାବିପତ୍ର ଦେବା ସହ ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ରଖିଥିଲେ। ଏଥିସହ ମଞ୍ଚର ସଦସ୍ୟମାନେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କୁ ଭେଟି ଦାବିପତ୍ର ଦେବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ପଟ୍ଟାମୁଣ୍ଡାଇରେ ସାଇବର ସଚେତନତା ରଥ



ଏମ୍ଏନ୍ ହାଇସ୍କୁଲ ଗେଟ ସମ୍ମୁଖରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ପୋଲିସ ଅଧିକାରୀ ସାଇବର ସଚେତନତା ରଥକୁ ସ୍ୱାଗତ କରୁଛନ୍ତି।

**ପଟ୍ଟାମୁଣ୍ଡାଇ ୩।୧୦ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇ ସାଇବର ସଚେତନତା ରଥ ମଙ୍ଗଳବାର ପଟ୍ଟାମୁଣ୍ଡାଇ ସହରର ପହଞ୍ଚିଛି। ରଥ ସାଇବର ଅପରାଧ ସମ୍ପର୍କରେ ଅଞ୍ଚଳର ଲୋକଙ୍କୁ ସଚେତନ କରିବ। ପ୍ରଥମେ ଏହି ରଥ ପଟ୍ଟାମୁଣ୍ଡାଇ ମେଡିକାଲ ଛକରେ ପହଞ୍ଚିବା ପରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡା ଓ ଆଦର୍ଶ ଥାନା ଆଇଆଇସି ରଞ୍ଜିତ ମହାନ୍ତି, ବଣିକ ସଂଘ ଉପସଭାପତି ମୋହନ ଦାସ, ଖବରଦାତା ଅକ୍ଷୟ ସାହୁ, ପତିତପାବନ ଭଦ୍ର, ପ୍ରବୀର ନାୟକ, ଉପେନ୍ଦ୍ର ନାୟକ, କିଶୋର ଜେନା ପ୍ରମୁଖ ବହୁ ବ୍ୟକ୍ତି ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ପରେ ପଟ୍ଟାମୁଣ୍ଡାଇ ଏମ୍ଏନ୍ ହାଇସ୍କୁଲ ଓ ପଟ୍ଟାମୁଣ୍ଡାଇ କଲେଜରେ ସଭା ଅନୁଷ୍ଠିତ ହୋଇଥିଲା। ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲଠାରେ ଆୟୋଜିତ ସଚେତନତା ସଭାରେ କେନ୍ଦ୍ରାପଡ଼ା ଡିଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ପଣ୍ଡା, ଆଇଆଇସି ମହାନ୍ତି ସାଇବର ଅପରାଧ ରୋକିବାର ବିଭିନ୍ନ ଦିଗ ଉପରେ କହିଥିଲେ। ଏଥିରେ ଏମଏନ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗଗନ ବିହାରୀ ସୂତାର, ଶିକ୍ଷକ ଅଶୋକ ଦାଶ, ଶିକ୍ଷୟିତ୍ରୀ ସସ୍ମିତା ସିଂ ଓ ଅନିତା ଧଳ, କ୍ରୀଡା ଶିକ୍ଷକ ଶଶାଙ୍କ ଶେଖର ସାହୁ ଓ ହାଇସ୍କୁଲ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏମଏନ ହାଇସ୍କୁଲ ଗେଟ ନିକଟରେ ପୋଲିସ ବାହିନୀ, ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ରଥକୁ ସ୍ୱାଗତ କରିଥିଲେ।

## ଭାଜପା ପକ୍ଷରୁ ବସ୍ତି ସମ୍ପର୍କ ଅଭିଯାନ

**ପଟ୍ଟାମୁଣ୍ଡାଇ,୩।୯(କଳ୍ପତରୁ ନାୟକ):** ପଟ୍ଟାମୁଣ୍ଡାଇ ବ୍ଲକ ଖଡିଅଣ୍ଟା ପଞ୍ଚାୟତ ଜିଗରଣ ଗ୍ରାମରେ ଭାଜପା ପକ୍ଷରୁ ବସ୍ତି ସମ୍ପର୍କ ଅଭିଯାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଘରକୁ ଘର ବୁଲି ପ୍ରଧାମନ୍ତ୍ରୀଙ୍କ ଗରିବ କଲ୍ୟାଣ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଉକ୍ତ କାର୍ଯକ୍ରମରେ ଭାଜପା ନେତା ଅଜୟ ବେହେରା, ଭାଜପା ଏସ୍‌ସି ମୋର୍ଚ୍ଚା ଜିଲା ସଭାପତି ଅନ୍ତର୍ଯ୍ୟାମୀ ମଳିକ, ରାଜ୍ୟ କୃଷକ ମୋର୍ଚ୍ଚା ସଭ୍ୟ ରାଜକିଶୋର ସାହୁ, ସୁଶାନ୍ତ ଦାସ, ଅମୂଲ୍ୟ ଦାସ, ଖଡିଅଣ୍ଟା ସମିତି ସଭ୍ୟା ଲିଲି ମଳିକ, କବିତା ମଳିକ, ପ୍ରଦୀପ ମଳିକ, ସଞ୍ଜୟ ମଳିକ, ଅଭୟ ମଳିକ, ଦୈତାରୀ ସାହୁ, ରବୀନ୍ଦ୍ର ମଳିକ, ସୁକାନ୍ତ ମଳିକ, ପୁରୁଷୋତ୍ତମ ମଳିକ, ନିରଞ୍ଜନ ମଳିକ, ପଞ୍ଚାନନ ମଳିକ ଓ ସୋମନାଥ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଡେରାବିଶ କଲେଜ ସମାଜ ବିଜ୍ଞାନ ବିଭାଗର ଆଲୋଚନାଚକ୍ର




ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥିମାନେ।

**ଡେରାବିଶ, ୩।୧୦(ବେବର୍ତ୍ତା ଅଜୟ ଦାସ) :** ଡେରାବିଶ କଲେଜ ସମାଜ ବିଜ୍ଞାନ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ଆଲୋଚନା ଚକ୍ର କଲେଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଚନ୍ଦ୍ରଶେଖର ନାୟକ ଏହି ଆଲୋଚନାଚକ୍ରରେ ଅଧକ୍ଷତା କରିଥିଲେ। ନିଜ ବକ୍ତବ୍ୟରେ ପୁରାଣ ଯୁଗ ଓ ଆଧୁନିକ ଯୁଗର ମହିଳାଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ପୁରାଣ ଯୁଗରେ ମହିଳାମାନେ ସମ୍ମାନ ପାଉଥିବା ବେଳେ ବର୍ତ୍ତମାନ ମହିଳାମାନେ ନିଜକୁ କିଭଳି ଅସୁରକ୍ଷିତ ମଣୁଛନ୍ତି ଏହା ଉପରେ ଅଧକ୍ଷ ନାୟକ ବକ୍ତବ୍ୟ ରଖିଥିଲେ। ସ୍ୱାବଲମ୍ବୀ ହୋଇ ସମାଜ ଗଠନରେ ମହିଳାମାନେ ନିଜକୁ ସାମିଲ କରିବାକୁ ନାୟକ କହିଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ଗୁରୁଚରଣ ସେଠୀ ଆଲୋଚନାରେ ଭାଗ ନେଇ ନାରୀମାନଙ୍କ ପ୍ରତି ହିଂସା ଓ ଏହାକୁ ରୋକିବା ପାଇଁ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିଜର ମତ ରଖିଥିଲେ। ଏହି ଆଲୋଚନାଚକ୍ରରେ ଇନ୍ଦୁପୁରସ୍ଥିତ ବିରୂପା ମହାବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ଅଧାପକ ଭବାନୀ ପ୍ରସାଦ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ସମାଜରେ ବଢୁଥିବା ମହିଳାଙ୍କ ମୃତ୍ୟୁହାର ଏକ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ଏହାର ନିରାକରଣ ହେବା ସହ ମହିଳାମାନେ ସ୍ୱାବଲମ୍ବୀ ହୋଇ ସମାଜ ଗଠନରେ ନିଜକୁ ସାମିଲ କରିବା ସହିତ ଏକ ସମୃଦ୍ଧ ସମାଜ ଗଠନ ପାଇଁ ପଣ୍ଡା କହିଥିଲେ। ଏହି ଆଲୋଚନାଚକ୍ର ସହ ସମାଜ ବିଜ୍ଞାନ ବିଭାଗରେ ନବାଗତ ଛାତ୍ରୀଛାତ୍ରଙ୍କୁ ପୁରାତନ ଛାତ୍ରୀଛାତ୍ରମାନେ ସ୍ୱାଗତ କରିଥିଲେ। ପ୍ରାଧ୍ୟାପିକା ପ୍ରତିମା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବାନାମ୍ବର ମଳିକ, ଛାତ୍ର ଚନ୍ଦ୍ରଭାନୁମହାନ୍ତି, ଆକାଶ ବେହେରା, ସ୍ୱଳିଆ ପ୍ରିୟଦର୍ଶିନୀ ପ୍ରମୁଖ ପରିଚାଳନା କରିଥିଲେ।

# ନୂତନ ସୋସାଇଟି ପଞ୍ଜୀକୃତ, କାର୍ଯ୍ୟକାରିତାରେ ଆଶଙ୍କା

**ପଟ୍ଟାମୁଣ୍ଡାଇ,୩।୧୦(ଅକ୍ଷୟ ବିଶ୍ୱାଳ) :** ସମବାୟ ଆନ୍ଦୋଳନକୁ ଲୋକାଭିମୁଖୀ କରିବା ସହ ସାଧାରଣ ଚାଷୀମାନେ ସମବାୟ ବିଭାଗ ଦ୍ୱାରା ଉପକୃତ ହେବାର ଲକ୍ଷ୍ୟ ରଖି ରାଜ୍ୟ ସମବାୟ ବିଭାଗ, କେନ୍ଦ୍ର ସମବାୟ ବିଭାଗ ସହଯୋଗରେ ରାଜ୍ୟରେ ନୂତନ ସୋସାଇଟି ଗଠନ କରିବାକୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌର ପରିଷଦ ମଧରେ କାର୍ଯ୍ୟକ୍ଷମ ଥିବା ୧୬ଟି ସୋସାଇଟିକୁ ବୃଦ୍ଧି କରି ୨୩ଟି ସୋସାଇଟି କାର୍ଯ୍ୟକ୍ଷମ କରାଇବା ପାଇଁ ନୂତନ ଭାବରେ ୭ଟି ସୋସାଇଟିକୁ ସହକାରୀ ନିବନ୍ଧକ ପଞ୍ଜୀକୃତ କରାଇଛନ୍ତି। ନୂତନ ଗଠିତ ସୋସାଇଟି ମଧରେ ତରଡ଼ିପାଳ, ଅମୃତମଣୋହି, ବଲୁରିଆ, ମୋହିନୀଦେବୀ (ବାଲିପାଟଣା), ଶ୍ରୀରାମପୁର, ଡିହାପଡା, ଗଙ୍ଗାରାମପୁର ସୋସାଇଟି ଗଠନ କରାଯାଇ ପଞ୍ଜୀକୃତ କରାଯାଇଛି। ଏମାନଙ୍କର ପଞ୍ଜୀକୃତ ନମ୍ବର ଯଥାକ୍ରମେ ୨୦୮/୨୧।୭।୨୩, ୧୯୧/୨୦।୪।୨୩, ୧୮୫/୧୮।୩।୨୩, ୧୮୪/୨୦।୩।୨୩, ୨୩୧/୯।୬।୨୩, ୧୯୯/୨୧।୪।୨୩ ଓ ୧୯୨/୨୦।୪।୨୩ ହୋଇଥିବା ବେଳେ ଏହାକୁ କାର୍ଯ୍ୟକାରୀ କରାଯିବାରେ ଆଶଙ୍କା ସୃଷ୍ଟି ହୋଇଛି। ଅପରପକ୍ଷରେ ସହକାରୀ ନିବନ୍ଧକ କେନ୍ଦ୍ରାପଡ଼ା ନୂତନ ସୋସାଇଟି ପଞ୍ଜୀକରଣକୁ ସମ୍ପୂର୍ଣ୍ଣ ମନମୁଖି ଓ ବେଆଇନ ଭାବେ କରିଥିବା ପୁରାତନ ସୋସାଇଟିଗୁଡିକ ଅଭିଯୋଗ ଉଠାଇଛନ୍ତି। ପୁରାତନ ସୋସାଇଟି ପେଣ୍ଠପାଳ, ଅଣ୍ଟରା, କଷଣଅଣ୍ଟା, ଡାମରପୁର, ନରସିଂହପୁର, ଆୟବା ସୋସାଇଟିକୁ ପଞ୍ଜୀକରଣ ପୂର୍ବରୁ ସହକାରୀ ନିବନ୍ଧକ ଜଣାଇ ନାହାନ୍ତି। ସମିତିର ସଭ୍ୟମାନଙ୍କୁ ଅବଗତ କରାଇନାହାନ୍ତି କି ନୂତନ ସୋସାଇଟିରେ ସଭ୍ୟାସଭ୍ୟ ତାଲିକା ସହିତ ପରିଚାଳନା ପରିଷଦର କର୍ମକର୍ତ୍ତା ତାଲିକାକୁ ପୁରୁଣା ସୋସାଇଟିରେ ଯାଞ୍ଚ କରିନାହାନ୍ତି। ଫଳରେ ପୁରୁଣା ସୋସାଇଟିରେ ବହୁ ସଭ୍ୟାସଭ୍ୟ ନୂତନ ସୋସାଇଟିରେ ପୁନର୍ବାର ସଭ୍ୟ ହୋଇଛନ୍ତି। ସମବାୟ ବିଭାଗର ନିୟମ ଅନୁସାରେ ଜଣେ ୨ଟି ଜାଗାରେ ସଭ୍ୟ ହୋଇପାରିବେ ନାହିଁ। ଅପରପକ୍ଷରେ ପୁରୁଣା ସୋସାଇଟିରେ ଋଣ କାରବାର କରୁଥିବା ବେଳେ ସେମାନେ ନୂତନ ସୋସାଇଟି ନ ଯିବାକୁ ଜଣାଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ନିବନ୍ଧକ କୋର୍ଟରେ ନବଗଠିତ ଅମୃତମଣୋହି ସୋସାଇଟି ବିରୋଧରେ ଡିସପୁଟ କେସ୍ ନଂ. ୨୪/୨୩, ବଲୁରିଆ ନଂ.୨୫/୨୩, ଗଙ୍ଗାରାମପୁର ଆରପି-ନଂ. ୨୫/୨୩, ମୋହିନଦେବୀ ଆରପି ନଂ. ୩୫/୨୩ରେ ପୁରୁଣା ସମିତି ସଭ୍ୟମାନେ ମାମଲା ଦାଖଲ କରିଛନ୍ତି। ଏହି ମାମଲାଗୁଡିକ ବିଚାରାଧୀନ ରହିଛି। ସେହିପରି ବିଭାଗୀୟ ମନମୁଖି ବେଆଇନ ପଞ୍ଜୀକରଣ ବିରୋଧରେ ପୁରୁଣା ସୋସାଇଟିରେ ପରିଚାଳନା ପରିଷଦ ପକ୍ଷରୁ ସହଯୋଗ ନ କରିବା ଓ ରେକର୍ଡ ପତ୍ର ହସ୍ତାନ୍ତର ନ କରିବା ପାଇଁ ସଭାର ରିଜୋଲ୍ୟୁଶନ ସମସ୍ତ ବିଭାଗକୁ ପ୍ରଦାନ କରିଥିବା ଜଣାଯାଇଛି। ଫଳରେ ପଞ୍ଜୀକୃତ ହୋଇଥିବା ନୂତନ ଗଠିତ ସୋସାଇଟିଗୁଡ଼ିକ କାର୍ଯ୍ୟକାରୀ କରାଯିବାରେ ଆଶଙ୍କା ଦେଖାଦେଇଛି ବୋଲି ସାଧାରଣରେ ଆଲୋଚନା ହେଉଛି।

# ଦୁର୍ଗାପୂଜା ପାଇଁ ପୂର୍ବ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ପୂଜା କମିଟିର ସଦସ୍ୟମାନେ।

**ରାଜକନିକା,୩।୧୦(ସଞ୍ଜୟ କୁମାର ଦାଶ)**

ଆଗକୁ ପାର୍ବଣ ଋତୁ ଆସୁଥିବା ବେଳେ, ଚଳଚଞ୍ଚଳ ଦେବୀ ପୀଠ। ସେହି ପ୍ରରିପେକ୍ଷୀରେ ରାଜକନିକା ସାର୍ବଜନୀନ ଦୁର୍ଗାପୂଜା କମିଟି ପୂଜା ଧୁମଧାମରେ ପାଳନ କରିବାକୁ ଯାଉଛି। ପୂଜା ପାଇଁ ପ୍ରାକ୍ ପ୍ରସ୍ତୁତି ସାଧାରଣ ସଭ୍ୟମାନଙ୍କୁ ନେଇ ବୈଠକ ୨ ଥର ସରିଥିବା ବେଳେ, ମଙ୍ଗଳବାର ମା' କନିକେଶ୍ୱରୀ ଦୁର୍ଗାଙ୍କ ପୀଠ ପରିସରରେ କମିଟିର ଉପଦେଷ୍ଟା, କର୍ମକର୍ତ୍ତା, କାର୍ଯ୍ୟକାରୀ ସଭ୍ୟ, ପ୍ରଶାସନିକ ଅଧିକାରୀ ଓ ଗଣମାଧମ ପ୍ରତିନିଧିମାନଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

କମିଟିର ସଭାପତି ବୈକୁଣ୍ଠ ନାଥ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ କପିଳେନ୍ଦ୍ର ମଲ୍ଲିକ ସ୍ୱାଗତ ଭାଷଣ ଦେବା ସହ ପୀଠରେ ବିଧି ମୁତାବକ ମା'ଙ୍କ ନବରାତ୍ର ପୂଜା ଓ ନୀତିକାନ୍ତି ଅକ୍ଟୋବର ୧୫ରୁ ଆରମ୍ଭ ହୋଇ ପୀଠେ ଦଶହରା ୨୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। କୋଣାର୍କ ଗଣନାଟ୍ୟ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମରେ ଯାତ୍ରା ପରିବେଷଣ ଅକ୍ଟୋବର ୨୫ରୁ ୨୮ ପର୍ଯ୍ୟନ୍ତ ଚାଲିବା ନେଇ ସୂଚନ ଦେଇଥିଲେ। ୧୪ ଦିନ ହେବାକୁ ଥିବା ଏହି କାର୍ଯ୍ୟକ୍ରମ କିପରି ଶାନ୍ତି ଶୃଙ୍ଖଳାରେ ସମ୍ପାଦିତ ହେବ ସେ ନେଇ ସମସ୍ତଙ୍କୁ ନିବେଦନ କରିଥିଲେ। କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ରାଜକନିକା ବିଡିଓ ରବିନାରାୟଣ ଆଚାର୍ଯ୍ୟ, ଅଗ୍ନିଶମ ବିଭାଗୀୟ ଅଧିକାରୀ ସୁଶାନ୍ତ ଦାସ, ବିଦ୍ୟୁତ୍ ବିଭାଗୀୟ ଅଧିକାରୀ(କମର୍ସିଆଲ ଜେଇ) ରଶ୍ମିକାନ୍ତ ପାଇକରାଏ, ଆର୍.ଏନ୍.ହାଇସ୍କୁଲର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଦଳାଇ, ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବିଚିତ୍ର କୁମାର ଦାସ, ବ୍ଲକ ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ରହି ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କମିଟିର ଉପଦେଷ୍ଟା ବିପିନ୍ ବିହାରୀ ରାଉତ, କବିପ୍ରସାଦ ସାମଲ, ରଙ୍ଗାଧର ବେହୁରା, ରବୀନ୍ଦ୍ର ନାଥ ରାଉତ, କୋଷାଧକ୍ଷ ବସନ୍ତ ବିଶ୍ୱାଳ, ସଞ୍ଜୟ କୁମାର ଦାଶ, କେଶବ ଚନ୍ଦ୍ର ବେହେରା, କୁଳମଣୀ ବେହେରା, କପିଳ ତରାଇ, ଖବରଦାତା ଅଜିତ ବେହୁରିଆ, ଅଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ମନୋଜ ସେନାପତି ଧନ୍ୟବାଦ ଦେଇଥିଲେ।

# ମୂଳ ଖାତାକୁ ଫେରିଲା ୫. ୭୮ ଡିସିମିଲ ବିକ୍ରି ଜମି

**ଭୂତ ଜମି ବିକିବା ଘଟଣା**

**ରାଜନଗର, ୩।୧୦(ଭାସ୍କର ରାଉତରାୟ)**

ମୃତ ବ୍ୟକ୍ତିଙ୍କୁ ଜୀବତ ଦର୍ଶାଇ ଭୂତ ବିକିଥିବା ଜମି ଘଟଣାର ରହସ୍ୟ ଉପରୁ ପରଦା ହଟିଛି। କେନ୍ଦ୍ରାପଡ଼ା ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, କେନ୍ଦ୍ରାପଡ଼ା ଏସ୍‌ପିଙ୍କ ଜମି ମାଲିକ ମୃତ ଉପେନ୍ଦ୍ର ଖିଲାରଙ୍କ ଝିଅ ମଞ୍ଜୁଲତା ଖିଲାର ଦ୍ୱାରସ୍ଥ ହେବା ପରେ ଜିଲା ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ନେଇଛି। ରାଜନଗର ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ୨୫ ବର୍ଷ ତଳେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ଜମି ବିକ୍ରି ଘଟଣାରେ ବଡ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଜମି ବିକିଥିବା ଲୋକ ନକଲି, ଜମିର ପ୍ରକୃତ ମାଲିକ ୨୫ ବର୍ଷ ତଳୁ ମୃତ୍ୟୁବରଣ କରିଥିବା ପ୍ରଶାସନ ସ୍ପଷ୍ଟ ହେବା, ପ୍ରମାଣ ପାଇବା ପରେ ୨ଟି ଦଲିଲ ଓ ମ୍ୟୁଟେସନକୁ ଖାରଜ କରାଯାଇ ମୂଳ ଖାତାକୁ ଜମି ଫେରାଇ ଅଣାଯାଇଛି।

ରାଜନଗର ତହସିଲ ଅନ୍ତର୍ଗତ ଭାଟପଡା ମୌଜାର ଖାତା ନଂ. ୮ , ପ୍ଲଟ ନଂ. ୧୬୫ ରକବା ୫ ଏକର ୭୮ ଡିସିମିଲ ଜମି ମାଲିକ ଭଦ୍ରକ ଜିଲା ସାହାଡାକଚେରୀ ସାହିର ଉପେନ୍ଦ୍ର ଖିଲାର। ଉପେନ୍ଦ୍ର ୧୯୯୮ରେ ମୃତ୍ୟୁବରଣ କରିସାରିଛନ୍ତି। ୨୦୨୩ ମେ ୨ରେ ଭଦ୍ରକ ଜିଲା ଜାଗୁଲା ଗାଁର କାର୍ତ୍ତିକ ଖିଲାର ନିଜକୁ ଉପେନ୍ଦ୍ର ଖିଲାର ବୋଲି ଦର୍ଶାଇ ଏହି ୫ ଏକର ୭୮ ଡିସିମିଲ ଜମିକୁ ରାଜନଗର ଥାନା ଅନ୍ତର୍ଗତ କୁଶାଇଲୋ ଗାଁର କ୍ଷୀରୋଦ କୁମାର ରାଉତରାୟଙ୍କ ପତ୍ନୀ ରାଧାରାଣୀ ରାଉଳଙ୍କୁ ବିକ୍ରି କରି ଦେଇଛନ୍ତି। କାର୍ତ୍ତିକ ଖିଲାର ନିଜର ଆଧାରକାର୍ଡକୁ ନକଲ କରି ଉପେନ୍ଦ୍ର ଖିଲାର ନାଁରେ ଆଧାରକାର୍ଡ ପ୍ରସ୍ତୁତ କରି ଏହି ଜମି ବିକ୍ରି କରି ଦେଇଥିଲେ। ପ୍ରକୃତ ଜମି ମାଲିକ ମୃତ ଉପେନ୍ଦ୍ରଙ୍କ ଝିଅ ମଞ୍ଜୁଲତା ଏହା ଜାଣିବା ପରେ ଥାନା ଓ ତହସିଲରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ଭଦ୍ରକ ଓ ଚାନ୍ଦବାଲି ତହସିଲର ଚିଠି ଜମି ହଡପ ପାଇଁ ହୋଇଥିବା ଯୋଜନାବଦ୍ଧ ଷଡଯନ୍ତ୍ରକୁ ସ୍ପଷ୍ଟ କରିଥିଲା। ଭଦ୍ରକ ତହସିଲ ପକ୍ଷରୁ ଦିଆଯାଇଥିବା ଚିଠିରେ ସାହାଡାକଚେରୀ ସାହିର ଉପେନ୍ଦ୍ର ଖିଲାର ଦୀର୍ଘବର୍ଷ ତଳୁ ମୃତ୍ୟୁ ବରଣ କରି ସାରିଛନ୍ତି। ସେ କଲିକତାରେ ରହୁଥିଲେ ଓ କଲିକତାରେ ମୃତ୍ୟୁବରଣ କରି ସାରିଛନ୍ତି ବୋଲି ଦର୍ଶାଯାଇଥିଲା। ୧୯୬୮ରେ ଉପେନ୍ଦ୍ର ଖିଲାର ଏହି ଜମିକୁ କିଣିଥିଲେ। ସେତେବେଳେ ତାଙ୍କର ବୟସ ୪୦ବର୍ଷ ଥିଲା। ଅର୍ଥାତ୍ ବର୍ତ୍ତମାନ ତାଙ୍କର ବୟସ ୯୫ ବର୍ଷ ହୋଇଥାନ୍ତା। ମାତ୍ର ଜମି ବିକିଥିବା ନକଲି କାର୍ତ୍ତିକ ଖିଲାରଙ୍କ ବୟସ ୬୯ବର୍ଷ ଦଲିଲରେ ଉଲ୍ଲେଖ ରହିଛି। ଏହାବାଦେ ଚାନ୍ଦବାଲି ତହସିଲ ପକ୍ଷରୁ ଯେଉଁ ନୋଟିସ ଜାଗୁଲା ଗାଁକୁ ପଠାଯାଇଥିଲା। ଜାଗୁଲା ଗାଁରେ ଉପେନ୍ଦ୍ର ଖିଲାର ନାଁରେ କେହି ନ ଥିବା ତହସିଲ କର୍ମଚାରୀ ଓ ଜାଗୁଲା ଗାଁର ପୋଷ୍ଟ ମାଷ୍ଟର ଲିଖିତ ଭାବେ ରାଜନଗର ତହସିଲକୁ ଜଣାଇଛନ୍ତି। ଜାଗୁଲା ଗାଁରେ ଉପେନ୍ଦ୍ର ଖିଲାର ନାଁରେ କେହି ବ୍ୟକ୍ତି ନ ଥିବା ବେଳେ ଜାଗୁଲା ଗାଁର ଉପେନ୍ଦ୍ର ଖିଲାର ଜମି ବିକି ଥିବାରୁ ଉପେନ୍ଦ୍ର ଯେ ନକଲି ତାହା ତହସିଲଦାର ଓ ପ୍ରଶାସନ ନିଶ୍ଚିନ୍ତ ହୋଇଥିଲେ। ସବ୍‌ରେଜିଷ୍ଟାର କ୍ରେତା, ବିକ୍ରେତା, ସାକ୍ଷୀ, ଚିହ୍ନଟି ହାଜର ହୋଇ ନ ଥିଲେ ମଧ ଭଦ୍ରକ ଓ ଚାନ୍ଦବାଲି ତହସିଲର ଚିଠି ପରେ ଉପେନ୍ଦ୍ର ଖିଲାର ମୃତ ଏହା ସତ। ସେହି ଆଧାରରେ ହୋଇଥିବା କବଲାକୁ ବାତିଲ କରି ମୂଳ ଖାତାକୁ ଜମି ଫେରାଇ ଆଣିବାକୁ ଜିଲା ପ୍ରଶାସନକୁ ରିପୋର୍ଟ ଦେଇଥିଲେ। କେନ୍ଦ୍ରାପଡ଼ା ଉପଜିଲାପାଳଙ୍କ କୋର୍ଟରେ ମ୍ୟୁଟେସନ କେସ୍ ନଂ. ୧୮୦୧/୨୩ ଓ ୧୮୦୨/୨୩କୁ ଖାରଜ କରାଯାଇ ମୂଳ ଖାତା ଭାଟପଡା ମୌଜାର ଖାତା ନଂ. ୮, ପ୍ଲଟ ନଂ. ୧୬୫ରେ ଦରଜ କରିବା ପାଇଁ ରାଜନଗର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୂତ ଜମି ବିକ୍ରି ଘଟଣାରେ ଦୁଇଟି ଦଲିଲ ହୋଇଥିଲା। ପ୍ରତ୍ୟେକ ଦଲିଲ ୨ ଏକର ୮୯ ଡିସିମିଲ ଲେଖାଏ ହୋଇଥିଲା। ଏହାକୁ ମ୍ୟୁଟେସନ କରି ନୂଆ ଖାତା ୧୭୪/୨୩୮ ଓ ୧୭୪/୨୩୯ ହୋଇଥିଲା। ରାଜନଗର ତହସିଲ ପକ୍ଷରୁ ଏହାକୁ ଖାରଜ କରାଯାଇ ମୂଳ ଖାତା ୮ ଓ ପ୍ଲଟ ନଂ. ୧୬୫କୁ ୫ ଏକର ୭୮ ଡିସିମିଲ ଜମି ଫେରାଇ ଅଣାଯାଇଛି ବୋଲି ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ସୂଚନା ଦେଇଛନ୍ତି। ଭୂତ ଜମି ବିକ୍ରି ଘଟଣା ରାଜନଗର ତହସିଲ ପାଇଁ ଅପବାଦ ଆଣିଥିଲା। ରାଜନଗର ତହସିଲଦାର ଭୂତ ଜମି ବିକ୍ରି ଘଟଣା ଜାଣିବା ପରେ ଏ ନେଇ ନିଜ ପକ୍ଷରୁ କାର୍ଯ୍ୟାନୁଷ୍ଠାନକୁ ତ୍ୱରାନ୍ୱିତ କରିଥିଲେ। ମାତ୍ର ୪ ମାସ ମଧ୍ୟରେ ଭୂତ ଜମି ବିକିବା ଦୁଇଟି ଦଲିଲକୁ ଖାରଜ କରାଯାଇ ମୂଳ ଖାତାକୁ ଜମି ଫେରିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୪ ଅକ୍ଟୋବର , ୨୦୨୩



## ୩୭ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଜେଲ ଗଲେ

ନୟାଗଡ଼,(ଲୋକନାଥ ମିଶ୍ର): ନୟାଗଡ ଜିଲା ଅବକାରୀ ସ୍କ୍ୱାର୍ଡ ଶରଣକୁଳ ଥାନାର ଶିଖରପୁର ଆଞ୍ଚା ଚଉରା ଉପରେ ଚଢ଼ାଉ କରି ୩୭ ଗ୍ରାମ ବ୍ରାଉନସୁଗାର ଜବତ କରିଛି । ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ଶିଖରପୁର ଗାଁର ଜିତେନ୍ଦ୍ର ନାୟକ(୩୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଜିତେନ୍ଦ୍ରଙ୍କୁ ନୟାଗଡ ସବଜେଲକୁ ପଠାଇ ଦିଆଯାଇଛି । ଅନ୍ୟପକ୍ଷେ ୨୦୩/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଜିଲା ଅବକାରୀ ସ୍କ୍ୱାର୍ଡ ଆଇଆଇସି ଭକ୍ତ ବତ୍ସଳ ବର୍ମାଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା ବୋଲି ଏସପି କରୁଣା ଶଙ୍କର ତିୱାରୀ ସୂଚନା ଦେଇଛନ୍ତି ।

### ସଂକ୍ଷେପରେ

## ବୃଦ୍ଧାଶ୍ରମରେ ବିଶ୍ୱ ବୟୋବୃଦ୍ଧ ଦିବସ

**ନୟାଗଡ଼,୩।୧୦(ଲୋକନାଥ ମିଶ୍ର):** ନୟାଗଡ଼ ଲେଖନପୁରସ୍ଥିତ ସମର୍ପଣ ବୃଦ୍ଧାଶ୍ରମରେ ମଙ୍ଗଳବାର ବିଶ୍ୱ ବୟୋବୃଦ୍ଧ ଦିବସ ପାଳିତ ହୋଇଯାଇଛି । ସପ୍ତାହବ୍ୟାପୀ ବିଶ୍ୱ ବୟୋବୃଦ୍ଧ ଦିବସ ପାଳନ ହେବ । ଏହି ପରିପ୍ରେକ୍ଷୀରେ ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁଷ୍ପା ନିଳିମା ଲାକ୍ରା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅଶୋକ କୁମାର ସାହୁ, ଜିଲା ଅଣସଂକ୍ରାମକ ରୋଗ ପରିଚାଳକ ଦୀନବନ୍ଧୁ ସାହୁ, ସ୍ୱାସ୍ଥ୍ୟକର୍ମୀ ସ୍ୱପ୍ନେଶ୍ୱର ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଅଞ୍ଜଳି ସାହୁ ଓ ଆଶିଷ କୁମାର ମଲିକ ସମର୍ପଣରେ ପହଞ୍ଚି ସମସ୍ତ ଅନ୍ତେବାସୀଙ୍କୁ ଫୁଲ ଚନ୍ଦନ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହିତ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ପରେ ସମସ୍ତ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସ୍ୱାସ୍ଥ୍ୟ ସୁରକ୍ଷା ଓ ବାର୍ଦ୍ଧକ୍ୟଜନିତ ବିଭିନ୍ନ ସମସ୍ୟାର ସମାଧାନ ବିଷୟରେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମର୍ପଣ ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ଅରୁଣ କୁମାର ମହାନ୍ତି ଓ ସମ୍ପାଦକ ଶ୍ରୀଧର ସାହୁ, ସଦସ୍ୟ ଶ୍ରୀକାନ୍ତ ପଟ୍ଟନାୟକ ଓ ମ୍ୟାନେଜର ସୀତାରାମ ପ୍ରଧାନ ସହଯୋଗ କରିଥିଲେ ।

## ୪୭ ୟୁନିଟ୍ ରକ୍ତ ସଂଗ୍ରହ

**ଶରଣକୁଳ,୩।୧୦(ଦୀପକ କର):** ଶରଣକୁଳ ନିକଟସ୍ଥ ବାଉଁଶିଆ ଗ୍ରାମରେ ଥିବା ଆଶ୍ରୟ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆଶ୍ରୟ ସେବାଗ୍ରାମ ପରିସରରେ ଅନୁଷ୍ଠିତ ହୋଇଥିଲା । ଦିବ୍ୟାଙ୍ଗ ଓ ସାଧାରଣ ବର୍ଗର ୪୭ଜଣ ରକ୍ତଦାତା ଏହି ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଆଶ୍ରୟ ପକ୍ଷରୁ ସକାଳେ ସଫେଇ କାର୍ଯ୍ୟକ୍ରମ ତଥା ଅସହାୟଙ୍କୁ ସହାୟତା ପ୍ରଦାନ ପରେ ସାଧାରଣ ସଭା ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଶ୍ରୟର ପ୍ରତିଷ୍ଠାତା ଲୋକନାଥ ଦାଶଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା ପରିଷଦ ସଭାପତି ଇଂ.ଦେବାଶିଷ ପଟ୍ଟନାୟକ, ନାରୀନେତ୍ରୀ ଲିଙ୍କନ ସୁବୁଦ୍ଧି, ଅବିନାଶ ଶତପଥୀ, ଆଇନଜୀବି ରଣଜିତ ଦାଶ, ସଙ୍ଗଠକ ବିକ୍ରମ କୁମାର ଦାଶ, ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ଖବରଦାତା ସତ୍ୟନାରାୟଣ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ ।

## ଅତିରିକ୍ତ ବିଡିଓଙ୍କୁ ଖଣ୍ଡପଡ଼ା ବିଡିଓ ଦାୟିତ୍ୱ

**ଖଣ୍ଡପଡା,୩।୧୦(ଅଜୟ କୁମାର ମହାରଣା):** ଖଣ୍ଡପଡା ବିଡିଓ ଅରୁଣୀମା ସାହୁଙ୍କର ଅନ୍ୟତ୍ର ବଦଳି ପରେ ତାଙ୍କ ସ୍ଥାନରେ ଏଠାରେ ଆଉ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ । ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଖଣ୍ଡପଡା ବ୍ଲକରେ କାର୍ଯ୍ୟରତ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ସେଠୀଙ୍କୁ ବିଡିଓ ଭାବେ କାର୍ଯ୍ୟ ତୁଲାଇବା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି ।

# ଶୂନ୍ୟ ମୃତାହତ ଉପରେ ଗୁରୁତ୍ୱ

## ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା କର୍ମଶାଳା

ଭଞ୍ଜନଗର,୩।୧୦(ବାବୁଲା ପ୍ରଧାନ)

ଭଞ୍ଜନଗରଠାରେ ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା କର୍ମଶାଳା ମଙ୍ଗଳବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ବିଡିଓ ଶଶୀଭୂଷଣ ମହାପାତ୍ରଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ କର୍ମଶାଳାରେ ଶୂନ୍ୟ ମୃତାହତ ଉପରେ ଗୁରୁତ୍ୱ ଦିଆଯାଇଛି । ବିପର୍ଯ୍ୟୟ ବେଳେ ଲୋକ ପ୍ରତିନିଧିଙ୍କ ଭୂମିକା ରହୁଥିବାରୁ ଜିଲା ପ୍ରଶାସନ ଏବଂ ବାର୍ଡ ଅନୁଷ୍ଠାନର ମିଳିତ ସହଯୋଗରେ ଅନୁଷ୍ଠିତ କର୍ମଶାଳାକୁ ୧୦ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଡକା ଯାଇଥିଲା । ସରକାର ମହିଳାମାନଙ୍କୁ ଗୁରୁତ୍ୱ ଦେଉଥିବା ବେଳେ ଅଧିକାଂଶ ମହିଳା ସରପଞ୍ଚ ଓ ସମିତିସଭ୍ୟ ବୈଠକକୁ ଆସିନଥିଲେ । ଫଳରେ ସରକାରଙ୍କ ଲକ୍ଷ୍ୟ ସାଧନରେ ବାଧା ଉପୁଜିବା ସମ୍ଭାବନା ରହିଛି । ଏହିଭଳି ପରିସ୍ଥିତିରେ ଆଜିର ବୈଠକରେ ତହସିଲଦାର ଅଚ୍ୟୁତାନନ୍ଦ ଜାନି ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାର



ତହସିଲଦାର ଉଦବୋଧନ ଦେଉଛନ୍ତି ।

ଲକ୍ଷ୍ୟ ସମ୍ପର୍କରେ କହିଥିଲେ । ବ୍ଲକ, ପଞ୍ଚାୟତ ଏବଂ ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ସମିତି ଗଠନ କରାଯାଇ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରାଯିବ । ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ଚିର ସହଚର । ତେଣୁ ସରକାରୀ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟ କରାଯିବ । ଜିଲା ଜରୁରୀକାଳୀନ କାର୍ଯ୍ୟାଳୟର ପ୍ରକଳ୍ପ ଅଧିକାରୀ ଦେବେନ୍ଦ୍ର ନାୟକ ବିପର୍ଯ୍ୟୟ ପରିଚାଳନା ବାବଦରେ ତାଲିମ ଦେଇଥିଲେ । ବ୍ଲକ ଅଧକ୍ଷ ନରିସଭା ନାୟକ ସଭାପତିତ୍ୱ କରିଥିଲେ । ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମଘନ ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ, ସିଡିପିଓ ବିଷ୍ଣୁପ୍ରିୟା ସେଠୀ ପ୍ରମୁଖ ମଞ୍ଚାସିନ ରହିଥିଲେ । ବାର୍ଡ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

## ପ୍ରଫେସର ବାସୁଦେବ ସାହୁଙ୍କ ଜୟନ୍ତୀ ପାଳିତ

ଓଡ଼ଗାଁ,୩।୧୦
(ଆଦର୍ଶ କୁମାର ପଟ୍ଟନାୟକ )

ଓଡ଼ଗାଁ ପଞ୍ଚାୟତ ସମିତି ସଭାଗୃହରେ ଶ୍ରୀ ଶ୍ରୀ ରଘୁନାଥ ସାରସ୍ୱତ ସଂସଦ ପକ୍ଷରୁ ବିଶିଷ୍ଟ ଭାଷାବିତ୍, ସାହିତ୍ୟିକ ତଥା ପ୍ରଫେସର ସ୍ୱର୍ଗତ ଡ.ବାସୁଦେବ ସାହୁଙ୍କ ୮୪ତମ ଜିଲାସ୍ତରୀୟ ଜୟନ୍ତୀ ସମାରୋହ, ଆଲୋଚନାଚକ୍ର, କବିତା ପାଠ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପଞ୍ଚାନନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ସାହିତ୍ୟିକ ଓ ନାଟ୍ୟକାର ଡ.ବିଜୟ କୁମାର ଚୌଧୁରୀ ମୁଖ୍ୟଅତିଥି, ଡ.ଅଧିବାସ ପଣ୍ଡା ମୁଖ୍ୟବକ୍ତା, ଡ.ବେଣୁଧର ଦାସ ସ୍ୱତନ୍ତ୍ର ଅତିଥି, ସାହିତ୍ୟିକ ଦିବାକର ନାୟକ ଓ ଲୋକନାଥ ମିଶ୍ର (ଭରଦ୍ୱାଜ) ଓ ରଙ୍ଗଣୀପାଟଣା ସରପଞ୍ଚ ସସ୍ମିତା ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହୁଙ୍କ ସ୍ମୃତି ଚାରଣ କରିଥିଲେ । ଏହାପରେ ସ୍ଥାନୀୟ ଖବରଦାତାମାନଙ୍କ ସହ ନୟାଗଡ଼ ଜିଲାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଏବଂ ଓଡ଼ଗାଁ ବ୍ଲକର ବିଭିନ୍ନ କ୍ଷେତ୍ରରେ କତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟତମ ଅତିଥି ପ୍ରଧାନୀ ବନ୍ଦାବନ ମହାପାତ୍ର, ନିର୍ମଳ ଚନ୍ଦ୍ର ଶୂରଦେଓ,ପତିତପାବନ ସାହୁ,ଉଷାମଣି ମିଶ୍ର, ଶରତଚନ୍ଦ୍ର ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ପ୍ରଶାନ୍ତ କୁମାର ଦାଶ ଓ ବବିତାରାଣୀ ମହାପାତ୍ରଙ୍କ ସଂଯୋଜନାରେ ନୟାଗଡ଼ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ୮୪ ଜଣ କବୟିତ୍ରୀ,କବିଙ୍କୁ ନେଇ କବିତା ଆସର ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ମୁଖ୍ୟ ପରିଚାଳକ ରଞ୍ଜନ କୁମାର ଦାଶ ଓ ସମ୍ପାଦକ ଯଶୋବନ୍ତ ପଟ୍ଟନାୟକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରମାକାନ୍ତ ପ୍ରଧାନ, ପରମାନନ୍ଦ ସ୍ୱାଇଁ, ଦ୍ୱିତୀକୃଷ୍ଣ ମିଶ୍ର, ରାଜୀବ ଲୋଚନ ବରାଡ଼, ରବୀନ୍ଦ୍ର କୁମାର ଘଡେଇ, ପ୍ରଭାତ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ ।


ଜୟନ୍ତୀ ସଭାରେ ଯୋଗ ଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତି ।

## ନୀଳମାଧବଙ୍କୁ ଦର୍ଶନକଲେ ହାଇକୋର୍ଟ ବରିଷ୍ଠ ବିଚାରପତି


ନୀଳମାଧବ ମନ୍ଦିରରେ ବରିଷ୍ଠ ବିଚାରପତି ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀଙ୍କୁ ନୀଳମାଧବଙ୍କ ଫଟୋ ପ୍ରଦାନ କରାଯାଉଛି ।

ଖଣ୍ଡପଡା,୩।୧୦
(ଅଜୟ କୁମାର ମହାରଣା)

- ପୂଜକ ସମାଜ ପକ୍ଷରୁ ପ୍ରସାଦ ଦିଆଗଲା
- ଦେବୋତ୍ତର ବିଭାଗ ପକ୍ଷରୁ ନୀଳମାଧବଙ୍କ ଫଟୋଚିତ୍ର ପ୍ରଦାନ

ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବାର ଅବ୍ୟବହିତ ପୂର୍ବରୁ ସୋମବାର ଅପରାହ୍ନରେ ବିଚାରପତି ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ସସ୍ତ୍ରୀକ ଭାପୁର ବ୍ଲକ୍ ଅଧୀନ ପଥରଚକଡାସ୍ଥ ମା'ନାରାୟଣୀଙ୍କୁ ଦର୍ଶନ କରିବା ସହ କଣ୍ଟିଲୋ ଆସି ଶ୍ରୀ ନୀଳମାଧବଙ୍କୁ ଦର୍ଶନ କରିଥିଲେ । ନୀଳମାଧବ ଜୀଉଙ୍କୁ ଦର୍ଶନ କରିବା ପରେ ଦେବୋତ୍ତର ମ୍ୟାନେଜର ହରିହର ଦାଶ ବିଚାରପତି ଷଡ଼ଙ୍ଗୀଙ୍କୁ ନୀଳମାଧବଙ୍କ ଏକ ଫଟୋଚିତ୍ର ପ୍ରଦାନ କରିଥିଲେ । ନୀଳମାଧବ ପୂଜକ ସମାଜ ପକ୍ଷରୁ ତାଙ୍କୁ ନୀଳମାଧବଙ୍କ ପ୍ରସାଦ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଭାପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗ ମାଜିଷ୍ଟ୍ରେଟ ବନିଲ କୁମାର ଖଟେଇ ଓ ଖଣ୍ଡପଡ଼ା ବରିଷ୍ଠ ଦେୱାନୀ ଜଜ୍ ବିଭୂତି ଭୂଷଣ ନାୟକ ଉପସ୍ଥିତ ଥିଲେ ।

## ଖଣ୍ଡପଡ଼ା ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମରେ ବିଳମ୍ବ

ଖଣ୍ଡପଡ଼ା,୩।୧୦
(ଅଜୟ କୁମାର ମହାରଣା)

କାର୍ଯ୍ୟ ସମ୍ପନ୍ନ ହେବା ପରେ ବି ଖଣ୍ଡପଡ଼ାା ନୂତନ ବସଷ୍ଟାଣ୍ଡଟି କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଖଣ୍ଡପଡା ସହରର ଉମାଦେବୀ ଛକ ପାର୍ଶ୍ୱସ୍ଥ ସରକାରୀ ଜାଗାରେ ରାଜ୍ୟ ସଡ଼କ ଓ ପରିବହନ ବିଭାଗ ପକ୍ଷରୁ ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଇତି ମଧ୍ୟରେ ଶେଷ ହୋଇଛି । ଏବେ ବସଷ୍ଟାଣ୍ଡର ମୁଖ୍ୟ ଫାଟକରେ ତାଲା ଝୁଲୁଥିବା ବେଳେ ନୂତନ ବସଷ୍ଟାଣ୍ଡଟି କେବେ କାର୍ଯ୍ୟକ୍ଷମ ହେବ ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ସୂଚନା ମିଳୁନାହିଁ । ଅପରପକ୍ଷେ ଖଣ୍ଡପଡ଼ା ଅଞ୍ଚଳ ଦେଇ ବିଭିନ୍ନ ସ୍ଥାନକୁ ଯାତ୍ରା କରୁଥିବା ଦୂରଗାମୀ ଯାତ୍ରୀବାହୀ ବସ୍‌ଗୁଡିକ ମୁଖ୍ୟ ରାସ୍ତା ଉପରେ ଅଟକି ରହି ଯାତ୍ରୀମାନଙ୍କୁ ନେବା ଆଣିବା କରୁଥିବାରୁ ସଦାସର୍ବଦା ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଏ ଦିଗରେ ପ୍ରଶାସନ ଅବଗତ ଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ନୀରବଦ୍ରଷ୍ଟା ସାଜିଛି । ନୂତନ ବସଷ୍ଟାଣ୍ଡଟି କାର୍ଯ୍ୟକ୍ଷମ ହେଲେ ବିଶେଷ କରି ଯାତ୍ରୀମାନେ ଉପକୃତ ହୋଇ ପାରିବେ ବୋଲି ସାଧାରଣରେ ଆଲୋଚନା ହେଉଛି । ନୟାଗଡ ଜିଲାପାଳ ଓ ରାଜ୍ୟ ସଡ଼କ ପରିବହନ ନିଗମ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଗାନ୍ଧୀ ବିଚାରର ମୃତ୍ୟୁ ନାହିଁ

ଦଶପଲ୍ଲା,୩।୧୦
(ପ୍ରକାଶ କୁମାର ପାଣି)

ସାହିତ୍ୟ ଅନୁଷ୍ଠାନ 'ମାଟିର ସ୍ୱର'ତରଫରୁ ଦଶପଲ୍ଲା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଗାନ୍ଧୀ ଜୟନ୍ତୀ ଅବସରରେ 'ହେ ଗାନ୍ଧୀ' ଶୀର୍ଷକ ପଥପ୍ରାନ୍ତ ପଲ୍ଲୀ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ପ୍ରାକ୍ତନ ମହିଳା କମିଶନ ଅଧକ୍ଷା ଲୋପାମୁଦ୍ରା ମହାନ୍ତି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ନାଟ୍ୟ ଗବେଷକ ଓ ନାଟ୍ୟକାର ପ୍ରଶାନ୍ତ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଗାଳ୍ପିକା ଡ. ବାସନ୍ତୀ ମହାନ୍ତି, ନାଟ୍ୟକାର ବିଶ୍ୱନାଥ ମହାପାତ୍ର, ବରିଷ୍ଠ ଲେଖକ ଓ ନାଟ୍ୟକାର ଲକ୍ଷ୍ମୀଧର ଦାଶ ଏବଂ ଶିକ୍ଷାବିତ୍ କୁଳମଣି ବାରିକ ଓ ପଲ୍ଲୀ ପାଠିକା ଶାନ୍ତିଲତା ସାହୁ ଅତିଥି ଭାବେ ଯୋଗଦେଇ ଗାନ୍ଧୀଙ୍କ ଆଦର୍ଶ ଓ ବିଚାର ଯୁଗେ ଯୁଗେ ଅମର ବୋଲି କହିଥିଲେ । ବିଶେଷ କରି ନୟାଗଡ଼, ଗଣିଆ, ଦଶପଲ୍ଲା ଅଞ୍ଚଳରେ ଥିବା ଅନେକ କଳାକାର, ନାଟ୍ୟକାର, ସାହିତ୍ୟିକ, କବି ନୃତ୍ୟ, ଗୀତ, କବିତା ଉପସ୍ଥାପନ କରିଥିଲେ । ପାରମ୍ପରିକ ବାଦ୍ୟ ଏକତାରା, ବୀଣା କାର, ମୁଣ୍ଡ ପୋତା ଗୀତ ପରିବେଷଣ କରାଯାଇଥିଲା । ଯୁବ କଳାକାରମାନଙ୍କ ତରଫରୁ 'ହେ ଗାନ୍ଧୀ' ଶୀର୍ଷକ କ୍ଷୁଦ୍ର ନାଟକ ମଞ୍ଚସ୍ଥ ହୋଇଥିଲା । ଏହି ଅବସରରେ ମାଟିର ସ୍ୱର ଇ ପତ୍ରିକାର ସପ୍ତମ ସଂସ୍କରଣ ଉନ୍ମୋଚନ ହେବା ସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ପଥପ୍ରାନ୍ତ ପଲ୍ଲୀ ନାଟ୍ୟ ସମ୍ମାନ, ପଲ୍ଲୀ ପାଠକ ସମ୍ମାନ ଓ ଚିତ୍ର ଗାଥା ସମ୍ମାନରେ ସମ୍ମାନିତ କରାଯାଇଥିଲା । କବି ସରୋଜ ପଣ୍ଡା ଏବଂ ସାମାଜିକ କର୍ମୀ ପ୍ରଭାତ କୁମାର ସାହୁ ଏ ମହୋତ୍ସବରେ ସଂଯୋଜନା କରିଥିଲେ ।


ପଥପ୍ରାନ୍ତ ପଲ୍ଲୀନାଟ୍ୟ ମହୋତ୍ସବରେ ମଞ୍ଚାସୀନ ଅତିଥି ।

## ଜାତୀୟ ରାଜପଥରେ ଅଜଣା ବୃଦ୍ଧାଙ୍କ ମୃତଦେହ

ନୟାଗଡ଼,୩।୧୦(ଲୋକନାଥ ମିଶ୍ର)

- କେହି ଫିଙ୍ଗି ଦେଇ ଚାଲିଥିବା ସନ୍ଦେହ
- ମୃତଦେହ ଜବତ କଲା ପୋଲିସ

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ.ଜାତୀୟ ରାଜପଥର ବଡପଣ୍ଡୁସରରେଠାରେ ଜଣେ ୮୫ ବର୍ଷର ବୃଦ୍ଧାଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲୋକଙ୍କ ଫୋନ କଲ୍ ପାଇ ଆମ୍ବୁଲାନ୍ସ ପହଞ୍ଚି ବୃଦ୍ଧାଙ୍କୁ ନୟାଗଡଜିଲା ମୁଖ୍ୟ ଚିକିତ୍ସାଳୟକୁ ମଙ୍ଗଳବାର ସନ୍ଧ୍ୟାରେ ଆଣିଛି । ଚିକିତ୍ସାଳୟରେ ପ୍ରାୟ ୧ ଘଣ୍ଟା ଧରି ମହିଳାଙ୍କ ମୃତଦେହ ପଡି ରହିଥିଲା । }ଖବର ପାଇ ଇଟାମାଟି ଥାନା ପୋଲିସ ବିଳମ୍ବରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି । ମୃତଦେହ ଫୋପଡ଼ା ଯାଇଛି ନାଁ କେହି ଜୀବନ୍ତ ମହିଳାଙ୍କୁ ଫୋପାଡି ଚାଲି ଯାଇଛନ୍ତି ତାହା ତଦନ୍ତସାପେକ୍ଷ । ଅପରପକ୍ଷେ କିଛି ସମୟ ରାଜପଥ ଉପରେ ମହିଳାଙ୍କ ମୃତଦେହ ପଡି ରହିବାରୁ ଯାନବାହାନ ମାଡିଯାଇ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ ବର୍ଷା ସମୟରେ ଏକ କାର ବଡପଣ୍ଡୁସରରେ କ'ଣ ପକାଇ ଦେଇ ଚାଲି ଯାଇଥିଲା । କିଛି ସମୟ ପରେ ଜଣେ ମହିଳା ପଡି ରହିଥିବା ଦେଖିବାକୁ ମିଳିଥିଲା । କାରରୁ ଫୋପାଡିବା ସମୟରେ ମହିଳା ମୃତ କି ଜୀବିତ ଥିଲେ ଜଣାପଡି ନ ଥିଲା । ଏନେଇ ଇଟାମାଟି ଥାନା ଆଇଆଇସି ଦିଲୀପ ସ୍ୱାଇଁ କୁହନ୍ତି ରାଜପଥରୁ ମିଳିଥିବା ମହିଳାଙ୍କ ପରିଚୟ ଜଣାପଡିନି । ବୟସ ପାଖାପାଖି ୮୫ ହେବ । କେହି ମେଡିକାଲକୁ ଦେଖାଇବାକୁ ଆଣୁଥିଲେ ବୋଧେ । ବାଟରେ ମରିଯିବାରୁ ରାଜପଥରେ ଫୋପାଡି ଚାଲିଯାଇଥିବା ଅନୁମାନ କରାଯାଉଛି । ତେବେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି ।

## ଭାପୁରରେ ଗାନ୍ଧୀ,ଶାସ୍ତ୍ରୀ ଜୟନ୍ତୀ ପାଳିତ

ଭାପୁର,୩।୧୦
(ଭରତ କୁମାର ବେହେରା )

ଭାପୁର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ, ବ୍ଲକ ଓ କୋର୍ଟ ପରିସରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ ଗାନ୍ଧୀଙ୍କ ଅହିଂସା ନୀତି, ଦେଶପ୍ରେମ ଉପରେ ଆଲୋଚନା କରାଯାଇଥିଲା । ଛାତ୍ରୀଛାତ୍ରମାନେ ଗାନ୍ଧୀ ବେଶରେ ନିଖୁଣ ଅଭିନୟ କରିଥିଲେ । ଗାନ୍ଧୀଙ୍କ ନୀତି ଆଦର୍ଶ ଅନୁକରଣ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ଶିକ୍ଷୟିତ୍ରୀ,ଶିକ୍ଷକ ଆହ୍ୱାନ କରିଥିଲେ । ସେହିପରି ଭାପୁର ବ୍ଲକ ପରିସରରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ନାୟକଙ୍କ ନେତୃତ୍ୱରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଥିଲା । ବ୍ଲକ ପରିସରରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଭାପୁର ବ୍ଲକର ପୂର୍ବତନ ଅଧକ୍ଷ ଶିବପ୍ରସାଦ ଷଡ଼ଙ୍ଗୀ, ଉପାଧକ୍ଷ ବେଣୁଧର ପ୍ରଧାନ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ନାୟକ, ଉପାଧକ୍ଷ ବେଣୁଧର ପ୍ରଧାନଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ, ଜନପ୍ରତିନିଧି ହାତରେ ଝାଡୁ ଧରି ବ୍ଲକ ପରିସର ସଫାସୁତୁରା କରିବା ସହ ବ୍ଲିଚିଂ ପାଉଡର ସିଞ୍ଚନ କରିଥିଲେ । ଏହାପରେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ସେହିପରି ଭାପୁର କୋର୍ଟରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ବନିଲ କୁମାର ଖଟାଇଙ୍କ ନେତୃତ୍ୱରେ ସମସ୍ତ ଆଇନଜୀବୀ, କର୍ମଚାରୀ ଉପସ୍ଥିତ ରହି କୋର୍ଟ ପରିସର ଏବଂ କୋର୍ଟ ନିକଟସ୍ଥ ବାଇପାସ ପାର୍ଶ୍ୱରେ ଥିବା ହନୁମାନ ମନ୍ଦିର ପ୍ରାଙ୍ଗଣରୁ ଅଳିଆ ଆବର୍ଜନା ସଫା କରିଥିଲେ ।


ଜନପ୍ରତିନିଧିମାନେ ବ୍ଲକ ପରିସରକୁ ସଫେଇ କରୁଛନ୍ତି ।

## ସହାୟତା ଅପେକ୍ଷାରେ ବାପ ମା' ଛେଉଣ୍ଡ ଭଉଣୀ ଭାଇ

ପୁରୁଷୋତ୍ତମପୁର,୩।୧୦(ସୀମାଞ୍ଚଳ ମିଶ୍ର)

ବାପା ମା'ଙ୍କୁ ହରାଇବା ପରେ ନିଜ ଭବିଷ୍ୟତକୁ ନେଇ ପୁରୁଷୋତ୍ତମପୁର ଏନ୍‌ଏସି ୱାର୍ଡ ନଂ ୫ ଚାଙ୍ଗୁଡିଆ ପଦର ସାହିର ନାବାଳକ ଭଉଣୀ ଭାଇ ମଧୁସ୍ମିତା ବେହେରା ଓ ଶସାଙ୍କ ବେହେରାଙ୍କ ସାତଦିନ ହେଲା ନିଦ ହଜିଯାଇଛି । ଆଖିରୁ ଲୁହ ଶୁଖୁନାହିଁ । ପୁରୁଷୋତ୍ତମପୁର ଚାଙ୍ଗୁଡିଆ ପଦର ସାହିର ଦିବ୍ୟାଙ୍ଗ ଯୁବକ କୃଷ୍ଣଚନ୍ଦ୍ର ବେହେରାଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା, ଝିଅ ମଧୁସ୍ମିତା, ପୁଅ ଶସାଙ୍କ ଓ ବୃଦ୍ଧା ମା' ହାଡିଆଣୀଙ୍କୁ ନେଇ ତାଙ୍କ ପରିବାର । କୃଷ୍ଣ ଜଣେ ଦିବ୍ୟାଙ୍ଗ ଅନୁସୂଚିତ ଜାତିର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଘର ସମ୍ମୁଖରେ ଏକ ଛୋଟିଆ କ୍ୟାବିନରେ ଦୋକାନଟିଏ କରି ପରିବାର ପୋଷୁଥିଲେ । ମାତ୍ର କରୋନାରେ କୃଷ୍ଣ ଆରପାରିକୁ ଚାଲିଗଲେ । ପୂରା ପରିବାର ଭୋକ ଉପାସରେ ବହୁକଷ୍ଟରେ ରହୁଥିବା ବେଳେ ୨୦୨୧ ସେପ୍ଟେମ୍ବର ୨୬ ତାରିଖରେ କୃଷ୍ଣଚନ୍ଦ୍ରଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟାଙ୍କୁ ଆଶା କର୍ମୀ ଭାବରେ ନିଯୁକ୍ତି ମିଳିଲା । ସେଥିରୁ ମିଳୁଥିବା ସ୍ୱଳ୍ପ ପଇସା ଓ ରାଶନ କାର୍ଡରେ ମିଳୁଥିବା ଚାଉଳରେ ସେ ବୃଦ୍ଧା ଶାଶୁ ଓ ଛୋଟ ଛୋଟ ଦୁଇ ପିଲାଙ୍କୁ ପ୍ରତିପୋଷଣ କରୁଥିଲେ । ଗତ କିଛିଦିନ ହେଲା ସେ ଶ୍ୱାସ ରୋଗରେ ଆକ୍ରାନ୍ତ ହୋଇଥିଲେ ମଧ


ଅନାଥ ଦୁଇ ପିଲାଙ୍କ ସହ ଆଶାକର୍ମୀ ।

ନିଜର ଆଶା କର୍ମୀ କାର୍ଯ୍ୟ କରିଚାଲିଥିଲେ । ହେଲେ ଗତ ମାସ ୨୬ ତାରିଖରେ ହଠାତ ଅସୁସ୍ଥ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା । ହେଲେ ଏବେ ଝିଅ ଓ ନବମ ଶ୍ରେଣୀରେ ପଢୁଥିବା ପୁଅର ପାଠରେ ପୂର୍ଣ୍ଣଚ୍ଛେଦ ପଡିଯିବାର ଏକ ପ୍ରକାର ସ୍ପଷ୍ଟ ହୋଇଛି । ଝିଅ ମଧୁସ୍ମିତା ଉପରେ ପରିବାରର ବୋଝ ପଡିଛି । ଏହାକୁ ନେଇ ଭାଇ ଭଉଣୀ କିଭଳି ବଞ୍ଚିବୁ, କିଏ ଆମକୁ ଖାଇବାକୁ ଦେବ, କିଏ ପଢାଇବ, କେମିତି ଚଳିବୁ ବୋଲି କହି ସରକାର ଓ ପ୍ରଶାସନକୁ ସାହାଯ୍ୟ ଲାଗି ନିବେଦନ କରିଛନ୍ତି । ସେହିପରି ବୃଦ୍ଧା ହାଡିଆଣୀଙ୍କ ମଧ୍ୟ ଗୋଡ ଭାଙ୍ଗିଯିବା ହେତୁ ଚଳ ପ୍ରଚଳ କରିପାରୁ ନାହାନ୍ତି । ମୁଁ ଚାଲି ପାରୁନି ଏବେ କରିବି କ'ଣ, ପିଲାଙ୍କୁ ପୋଷିବି କିପରି ବୋଲି କହିଛନ୍ତି । ବର୍ତ୍ତମାନ ହିଞ୍ଜୁଳା ଗ୍ରାମରୁ ମାମୁ ଜବନକୁମାର ବେହେରା ଆସି ଦେଖାଶୁଣା କରୁଛନ୍ତି, ମାତ୍ର ସେ ବି ଚିନ୍ତାରେ ପଡି ସହାୟତା ଲାଗି ସରକାର ଦୃଷ୍ଟି ଦେବାକୁ ଗୁହାରି କରିଛନ୍ତି । ପୁରୁଷୋତ୍ତମପୁର ବ୍ଲକ ଆଶା କର୍ମୀ ସଂଘ ସଭାନେତ୍ରୀ ରାଜଲକ୍ଷ୍ମୀ ପଣ୍ଡା ଓ ଗ୍ରାମବାସୀ ତୁରନ୍ତ ସରକାର ଓ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ସହାୟତା ଯୋଗାଇ ଦେବା ସହ ପିଲାଙ୍କ ପାଠପଢା ଓ ଭବିଷ୍ୟତ ଲାଗି ପଦକ୍ଷେପ ନେବାକୁ ଦାବି କରିଛନ୍ତି । ଏ ନେଇ ଏନ୍‌ଏସି ଅଧକ୍ଷା ପ୍ରିୟଙ୍କା ଗୌଡ କହିଛନ୍ତି ଯେ ବାପା ମା' ଛେଉଣ୍ଡ ଅନାଥ ଭାଇ ଭଉଣୀଙ୍କୁ ସହାୟତା ଲାଗି ସରକାର ଓ ପ୍ରଶାସନକୁ ଜଣାଇବି । ଯେପରି ଏହି ଛୋଟଛୋଟ ପିଲାମାନେ ଚଳିବା ସହ ପାଠ ପଢିପାରିବେ ସେଥିଲାଗି ସରକାର ଓ ଜିଲା ପ୍ରଶାସନକୁ ନିବେଦନ କରୁଛି ବୋଲି କହିଛନ୍ତି ।

# ସ୍ଲୋଗାନ୍‌ରେ ସୀମିତ ସ୍ୱଚ୍ଛତା ଅଭିଯାନ

## ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ସ୍ଥାନରେ ଆବର୍ଜନା



ବିଭିନ୍ନ ସ୍ଥାନରେ ଅଳିଆ ପଡ଼ିଛି ।



କେନାଲ କଡ଼ରେ କୁଢ଼ କୁଢ଼ ଅଳିଆ ଗଦା ହୋଇଛି ।

**ପଟ୍ଟାମୁଣ୍ଡାଇ,୩।୧୦ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ପକ୍ଷରୁ ସହରରେ ସ୍ୱଚ୍ଛତା ଅଭିଯାନ ଜାରି ରହିଛି। ସୋମବାର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ପୌର ପରିଷଦ ପକ୍ଷରୁ ବ୍ୟାପକ ସଫେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ହେଲେ ସହରର ବିଭିନ୍ନ ସ୍ଥାନରେ ଅଳିଆ ଗଦା ହୋଇ ରହି ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ତେବେ ପୌରାଞ୍ଚଳର ସ୍ୱଚ୍ଛତା ଅଭିଯାନ କାନ୍ଥରେ ଚିତ୍ର ଅଙ୍କା ଏବଂ ସ୍ଲୋଗାନ ଲେଖା ମଧ୍ୟରେ ସୀମିତ ହୋଇ ରହିଯାଇଛି। ସହର ସାରା କୁଢ଼ କୁଢ଼ ଅଳିଆ ଓ ଆବର୍ଜନା ପଡ଼ି ରହୁଥିବା ବେଳେ ଏହାକୁ ଉଠା ଯାଉ ନ ଥିବା ଦେଖିବାକୁ ମିଳିଛି।

ସହରବାସୀ ଅନନ୍ତ ଦାଶ କହିଛନ୍ତି, ପଟ୍ଟାମୁଣ୍ଡାଇ ସହର କିଭଳି ସ୍ୱଚ୍ଛ ରହିବ ସେ ନେଇ ବ୍ୟାପକ ଅର୍ଥ ଖର୍ଚ୍ଚ କରାଯାଉଛି। ଏ ନେଇ ସମସ୍ତ ସରକାରୀ ଅଫିସ ପାଚେରିରେ ଚିତ୍ର ଅଙ୍କାଯିବା ସହ ସ୍ଲୋଗାନ ଲେଖି କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏଥିସହ ବହୁ ସଂଖ୍ୟକ ସ୍ୱଚ୍ଛସାଥୀଙ୍କୁ ନିୟୋଜିତ କରାଯାଇ ସହରକୁ ଅଳିଆ ମୁକ୍ତ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଚାଲିବା ଏକ ପ୍ରହସନରେ ପରିଣତ ହୋଇଛି। ପଟ୍ଟାମୁଣ୍ଡାଇ ସହର ସମେତ ବିଭିନ୍ନ ୱାର୍ଡରେ ଗଦା ଗଦା ଅଳିଆ ପଡ଼ି ରହିଛି। ଫଳରେ କାଉ, କୁକୁରଙ୍କ ସହିତ ଅଳିଆ ପ୍ଲାଷ୍ଟିକ ଓ ଅନ୍ୟ ସାମଗ୍ରୀ ଗୋଟାଉଥିବା ଲୋକେ ବି ଆବର୍ଜନାକୁ ଘାଣ୍ଟିବାରେ ଲାଗୁଛନ୍ତି। ଏହାଦ୍ୱାରା ଏବେ ସହରର ଚାରିଆଡେ ରୋଗ ବ୍ୟାପିବା ଭଳି ସ୍ଥିତି ଉପୁଜିଲାଣି। ସହର ସାରା ଡଷ୍ଟବିନ୍ ଏବଂ ପୌରାଞ୍ଚଳର ପ୍ରମୁଖ ସ୍ଥାନରେ ଡଷ୍ଟୟାର୍ଡ ସ୍ଥାପନ କରାଯାଇଛି। ଏଥିସହ ସହରର ଡଷ୍ଟବିନ୍ ୟାର୍ଡଗୁଡ଼ିକରୁ ଅଳିଆ ଆବର୍ଜନା ଉଠାଇବା ପାଇଁ ଅଳିଆ ଉଠା ଗାଡ଼ି ମଧ୍ୟ ନିୟୋଜିତ କରାଯାଇଛି। ତଥାପି ସହରର ବିଭିନ୍ନ ସ୍ଥାନରେ ଅଳିଆ ପଡ଼ି ରହି ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରିଛି। ପଟ୍ଟାମୁଣ୍ଡାଇ ସହର ଆବର୍ଜନା ମୁକ୍ତ ନ ହେବା ଚିନ୍ତାର ବିଷୟ ପାଲଟିଛି। ବୁଦ୍ଧିଜୀବୀ ପ୍ରମୋଦ ସାହୁ କହିଛନ୍ତି, ପଟ୍ଟାମୁଣ୍ଡାଇ ପୌର ସଂସ୍ଥା ପକ୍ଷରୁ ବିଭିନ୍ନ ୱାର୍ଡରୁ ବାହାରୁଥିବା ଆବର୍ଜନା ସବୁକୁ ପଟ୍ଟାମୁଣ୍ଡାଇ କେନାଲ ବନ୍ଧର ବିଦ୍ୟୁତ୍ ଅଫିସ ନିକଟ ପୋଲ ପାଖ କେନାଲ କଡ଼ରେ ପକା ଯାଉଥିବାରୁ ସେଠାରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ସେହି ରାସ୍ତା ଦେଇ ଲୋକମାନେ ନାକରେ କପଡ଼ା ଦେଇ ଯା'ଆସ କରୁଛନ୍ତି। ସଫେଇ ଦାୟିତ୍ୱରେ ଥିବା କର୍ମଚାରୀମାନେ ଡଷ୍ଟବିନ୍‌ରେ ପଡୁଥିବା ଅଳିଆ ସବୁ ଆଣି ରସ୍ତାକଡ଼ରେ ଫିଙ୍ଗି ଦେଉଛନ୍ତି। ପରେ କୁକୁର ଓ କାଉ ତାକୁ ନେଇ ରାସ୍ତାଘାଟରେ ପକାଇ ସହରକୁ ଅପରିଷ୍କାର କରିବାରେ ଲାଗିଛନ୍ତି। ସହରର ବିଭିନ୍ନ ଗଳିକନ୍ଦିଠାରୁ ଆରମ୍ଭ କରି ହାଟ ବଜାର ପର୍ଯ୍ୟନ୍ତ ସମାନ ଅବସ୍ଥା ଦେଖିବାକୁ ମିଳୁଛି। ସାମାଜିକ କର୍ମୀ ମାନସ ବାରିକ କହିଛନ୍ତି, ପୁରୁଣା ପରିବହନ ବିଭାଗ ଭଗ୍ନ ବସ୍‌ଷ୍ଟାଣ୍ଡ ଭିତରେ ମାସ ମାସ ଧରି କୁଢ଼ କୁଢ଼ ଅଳିଆ ଗଚ୍ଛିତ ହୋଇ ରହୁଥିଲେ ସୁଦ୍ଧା ଉଠାଯାଉନାହିଁ। ସହରର ବିଭିନ୍ନ ସ୍ଥାନରେ ଆବର୍ଜନା ପଡ଼ି ରହୁଛି। କେବଳ ସହର ମୁଖ୍ୟରାସ୍ତାରୁ ଅଳିଆ ହଟାଯାଇ ସହର ଆବର୍ଜନାମୁକ୍ତ ଦର୍ଶାଯାଉଛି। କୋର୍ଟ ପାଖ ଗୋବରୀ ନଦୀରେ ପୁଳା ପୁଳା ଅଳିଆ ପଡି ରହିଛି। ସ୍ୱଚ୍ଛତା ଭିତ୍ତିକ ଜନସଚେତନତା ପାଇଁ ପୋଷ୍ଟର, ବ୍ୟାନର, କାନ୍ଥଲେଖା ସହ ସ୍କୁଲ, କଲେଜରେ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏଥିପାଇଁ କେବଳ ସବୁସ୍ତରରେ ସଚେତନ ହେବାରୁ ଆବଶ୍ୟକତା ରହିଛି। ଏ ନେଇ ପୌର ନିର୍ବାହୀ ଅଧିକାରୀ ଅଜିତ୍ ନାରାୟଣ ଗିରିଙ୍କୁ ପଚାରିବାରେ ସହରର ସ୍ୱଚ୍ଛତା ଦିଗରେ ସର୍ବଦା ପଦକ୍ଷେପ ନିଆଯାଉଛି। ଯଦି ସହରରେ ସ୍ୱଚ୍ଛତା ଦିଗରେ ଅବହେଳା ହେଉଛି ସେ ଦିଗରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ମଦ ଦୋକାନ ଖୋଲିବା ପ୍ରସ୍ତାବକୁ ବିରୋଧ



ମଦ ଦୋକାନ ଖୋଲିବାକୁ ବିରୋଧ କରି ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ରାଜକନିକା,୩।୧୦ (ସଞ୍ଜୟ କୁମାର ଦାଶ)**

ପଶ୍ଚିମ କନିକା ନମତରାଠାରେ ହୋଇଥିବା ମଦ ବିରୋଧ ଗୁଳିକାଣ୍ଡର ବିଭିଷିକା ମନରୁ ନ ଲିଭୁଣୁ ଆଉ ଏକ ମଦ ଦୋକାନ ଖୋଲିବାକୁ ସରକାର ଅଣ୍ଟା ଭିଡିଛନ୍ତି। ରାଜକନିକା ବ୍ଲକ ହାଟସାହି ପଞ୍ଚାୟତରେ ସରକାରୀ ମଦ ଦୋକାନ ଖୋଲିବାକୁ ଅଞ୍ଚଳବାସୀ ବିରୋଧ କରି ଆନ୍ଦୋଳନ ଚଳାଇଛନ୍ତି। ଗାନ୍ଧୀ ଜୟନ୍ତୀଠାରୁ ଏହି ବିରୋଧ ତୀବ୍ର ହେବାରେ ଲାଗିଛି। କିଛିଦିନ ପୂର୍ବେ ଏହି ଅଞ୍ଚଳରେ ମଦ ବିରୋଧୀ ଆନ୍ଦୋଳନର ମୁଣ୍ଡ ଟେକିଥିଲା। ଯେପର୍ଯ୍ୟନ୍ତ ପ୍ରସ୍ତାବିତ ମଦ ଦୋକାନକୁ ସରକାର ଏଠାରୁ ନ ଉଠେଇଛନ୍ତି ସେ ପର୍ଯ୍ୟନ୍ତ ମଦ ବିରୋଧୀ ଆନ୍ଦୋଳନ ଚାଲୁ ରହିବ ବୋଲି ଅଞ୍ଚଳବାସୀଙ୍କ ସମେତ କନିକାର ବୁଦ୍ଧିଜୀବୀ ଚେତାଇ ଦେଇଛନ୍ତି। ସରକାର ଏହି ପ୍ରସ୍ତାବକୁ ପ୍ରତ୍ୟାହାର ନ କଲେ ଆଗାମୀଦିନରେ ଏହି ଆନ୍ଦୋଳନ ତୀବ୍ର ହେବ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି। ପ୍ରସ୍ତାବିତ ମଦ ଦୋକାନ ଖୋଲାଯିବା ପ୍ରସ୍ତାବକୁ ବିରୋଧ କରି ସ୍ଥାନୀୟ ସରପଞ୍ଚ ସୀତାରାଣୀ ଦାସଙ୍କ ନେତୃତ୍ୱରେ ବିଧାନ ଦାସ, ନାରୀନେତ୍ରୀ ସବିତା ବରଜ, ଅମୀୟ ମାଝି, ସନ୍ତୋଷ ନାୟକ, ପିସିସି ସଭ୍ୟ ବାବୁରାମ ଜେନା, ଯଯାତି ପଟ୍ଟନାୟକ, କୈଳାସ ମଲ୍ଲିକ, ସୁଧାମୟୀ ବିଶ୍ୱାଳ, ଝରଣା ରାଉତ ଓ କାମିନୀ ନାୟକଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଯୋଗଦେଇ ପ୍ରସ୍ତାବିତ ମଦ ଦୋକାନକୁ ବନ୍ଦ କରିବାକୁ ଏକତ୍ରିତ ହୋଇଥିଲେ।

# ଚୋରି ଅଭିଯୋଗରେ ଜଣେ ଗିରଫ

**ଚଣ୍ଡିଖୋଲ,୩।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):** ପାଣି ପମ୍ପ ଚୋରି ଅଭିଯୋଗରେ ବଡ଼ଚଣା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଏଥିସହିତ ତାଙ୍କଠାରୁ ଚୋରି ପାଣିପମ୍ପ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ଖଇରା ଗ୍ରାମର ବିକାଶ ଦଳେଇ। ବଡ଼ଚଣା ଥାନା ଅନ୍ତର୍ଗତ କଢ଼େଇ ଛକ ନିକଟରେ ଥିବା ସନ ହୋମିଓ କ୍ଲିନିକରୁ ଗତ ୨୭ରେ ପାଣି ପମ୍ପ ଚୋରି ହୋଇଥିଲା। ଏନେଇ ହୋମିଓ କ୍ଲିନିକ ମାଲିକ ଡ. ସତ୍ୟଜିତ ଦାସ ବଡ଼ଚଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୨୭୫/୨୩ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତବେଳେ ବିକାଶ ପାଣି ପମ୍ପ ଚୋରି କରିଥିବା ପୋଲିସ ଜାଣିବାକୁପାଇଥିଲା ବୋଲିଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

# ଜାଗାବାଡ଼ି ବିବାଦ: ଦାଦା ପୁଅ ଆକ୍ରମଣରେ ବଡ଼ବାପା ପୁଅ ମୃତ

**ରାଜକନିକା, ୩।୧୦ (ସଞ୍ଜୟ କୁମାର ଦାଶ)**

କେନ୍ଦ୍ରାପଡା ଜିଲା ରାଜକନିକା ଥାନା ଅନ୍ତର୍ଗତ ମାନପୁର ଗାଁରେ ଜାଗାବାଡ଼ି ବିବାଦରୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଦାଦାପୁଅଙ୍କ ମାଡ଼ରେ ବଡ଼ବାପା ପୁଅଙ୍କ ସୋମବାର ମୃତ୍ୟୁ ଘଟିଛି।

ପୋଲିସ ସୂଚନା ମୁତାବକ, ମାନପୁର ଗାଁର ସ୍ୱର୍ଗତଃ ବାନାମ୍ବର ମଲିକ ଓ ସ୍ୱର୍ଗତଃ ନୃସିଂହ ମଲିକଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେବ ଜାଗାବାଡ଼ି ବିବାଦ ଲାଗି ରହିଥିଲା। ଅନେକ ଥର ଗାଁର ଲୋକମାନଙ୍କ ଦ୍ୱରା ସମାଧାନ କରାଯାଇଥିଲା। କିନ୍ତୁ ଜାଗାବାଡିକୁ ନେଇ ୨ ପରିବାରର ମଧ୍ୟରେ ବିବାଦ ଉଗ୍ରରୂପ ନେଇଥିଲା। ସୋମବାର ସନ୍ଧ୍ୟାରେ ବାନାମ୍ବର ମଲିକଙ୍କ ୨ ପୁଅ ବୁଲୁ, ଧୀରେନ୍ଦ୍ରଙ୍କ ସହ ନୃସିଂହ ମଲିକଙ୍କ ପୁଅ ସୁକାନ୍ତ ମଲିକଙ୍କ ବଚସାରୁ ଝଗଡ଼ା ଓ ପରେ ଠେଲାପେଲାରୁ ବିବାଦ ଉଗ୍ରରୂପ ନେଇଥିଲା। ସୋମବାର ବିଳମ୍ବିତ ରାତ୍ରିରେ ଏକ ହାତୁଡ଼ି ଓ ଭୁଜାଲି ଦ୍ୱାରା ବୁଲୁ ଓ ଧୀରେନ୍ଦ୍ର ସୁକାନ୍ତଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ମୁଣ୍ଡ, ପିଠି, ବେକ ଓ ଛାତିକୁ ଆଘାତ କରିଥିଲେ। ସୁକାନ୍ତ ସଂଜ୍ଞାହୀନ ଅବସ୍ଥାରେ ତଳେ ପଡ଼ିଯିବା ପରେ ଧୀରେନ୍ଦ୍ର ଓ ବୁଲୁ ଘଟଣାସ୍ଥଳରୁ ଫେରର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ପଡୋଶୀଙ୍କ ସହାୟତାରେ ସୁକାନ୍ତଙ୍କୁ ପ୍ରଥମେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ତାଙ୍କ ବଡ଼ ଭଉଣୀ ଲିଲି ମଲିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୩୦୨, ୩୪ରେ ନଂ. ୫୧୨/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅନାମ



@ ଆଶିଷ



@ ସ୍ମୃତିରଞ୍ଜନ



@ ସ୍ମୃତିପ୍ରଜ୍ଞା




@ ସୁବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଦ୍ୟାଳୟ, ରାସ୍ତାରେ ପାଣି ଜମିବାକୁ ନେଇ ରାସ୍ତାରୋକୋ

**ପ୍ରୀତିପୁର,୩।୧୦(ସୁଶାନ୍ତ ବେହୁରିଆ):** ଯାଜପୁର ଜିଲା ସଦର ମହକୁମା ସହିତ ଦଶରଥପୁର ବ୍ଲକର ଛାତ୍ରପଡ଼ା, ବିଞ୍ଝାରପୁର ବ୍ଲକର ପ୍ରୀତିପୁର ଓ ଡିହକୁଳା ବଜାରକୁ ସିଧାସଳଖ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ରାମବାଗ ଛକରେ ରାମବାଗ ଛକ ବ୍ୟବସାୟୀ ଓ ରାମବାଗ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ମଙ୍ଗଳବାର ରାସ୍ତାରୋକୋ କରିଥିଲେ। ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ସମସ୍ୟା ସମାଧାନ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା।

ରାମବାଗ-ପ୍ରୀତିପୁର ରାସ୍ତାର ରାମବାଗ ଛକ ଓ ଏହା ନିକଟରେ ଥିବା ରାମବାଗ ବାଳିକା ଉଚ୍ଚ ବିଦ୍ୟାଳୟରେ ବର୍ଷା ପାଣି ନିଷ୍କାସନ ନ ହୋଇ ଜମି ରହୁଛି। ଫଳରେ ବିଦ୍ୟାଳୟରେ ଶିକ୍ଷାଦାନ ପ୍ରଭାବିତ ହେବା ସହ ରାସ୍ତାରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପୁଣି ସମସ୍ୟାର ସମାଧାନ ହେଉନାହିଁ। ସରକାର ୫-ଟି ମାଧ୍ୟମରେ ଉକ୍ତ ବିଦ୍ୟାଳୟ ଭିତ୍ତିଭୂମି ବିକାଶ କରିଥିଲେ ମଧ୍ୟ ଜଳ ନିଷ୍କାସନ ପ୍ରତି ଦୃଷ୍ଟି ଦେଇନାହାନ୍ତି ବୋଲି ଅଭିଯୋଗ ହୋଇଛି। ବିଦ୍ୟାଳୟ କ୍ୟାମ୍ପସ, ରୋଷେଇ ଘର ଓ କ୍ଲାସ ରୁମରେ ପାଣି ପଶିଥିବାରୁ ଛାତ୍ରୀମାନେ ନାହିଁ ନ ଥିବା ଅବସ୍ଥା ଭୋଗୁଥିବା କହିଛନ୍ତି।



ରାମବାଗ ଛକ ବ୍ୟବସାୟୀମାନେ ରାସ୍ତା ଅବରୋଧ କରିଛନ୍ତି।

# ପାର୍ବଣ ପାଇଁ ବାଦ୍ୟଯନ୍ତ୍ର ନିର୍ମାଣକାରୀ ଉତ୍ସାହିତ

**କେନ୍ଦ୍ରାପଡା, ୩।୧୦ (ଜଗନ୍ନାଥ ଧଳ)**

ଶ୍ରୀଗଣେଶ ପୂଜାଠାରୁ ପାର୍ବଣ ଋତୁ ଆରମ୍ଭ ହୋଇଛି। ଏହା ମଧ୍ୟରେ ଶ୍ରୀଜୀଉଙ୍କ ଭସାଣି ଉତ୍ସବ ସରିଥିବା ବେଳେ ମା' ଖୁଦୁରୁକୁଣୀଙ୍କୁ ବିଦାୟ ଦିଆଯାଇଛି। ସେହିପରି ମା' ଦୁର୍ଗାଙ୍କର ପୂଜା ଉତ୍ସବ ଆଗକୁ ଆସୁଛି। ଏହା ପରେ ଆସନ୍ତା ୨୮ ତାରିଖଠାରୁ ନବଦିନ ବ୍ୟାପୀ କେନ୍ଦ୍ରାପଡ଼ା ଜିଲାର ଗଣପର୍ବ ମା' ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେବ। ପରେ ଶ୍ୟାମାକାଳୀ ପୂଜାର ମାହୋଲ ସୃଷ୍ଟି ହେବ। ଏହି ପାର୍ବଣ ଋତୁରେ ଜିଲାର ବାଦ୍ୟଯନ୍ତ୍ର ନିର୍ମାଣକାରୀ ଓ କଳାକାରଙ୍କ ମଧ୍ୟରେ ଉତ୍ସାହ ଭରି ଯାଇଛି। ଏହି ପାର୍ବଣ ଋତୁ ଆର୍ଥିକ ବିକାଶରେ ସହାୟକ ହେବ ବୋଲି ମତ ମିଳିଛି।

ଏ ସମ୍ପର୍କରେ ସହରର ଗୋପସ୍ଥିତ ଗୌରହରି ଦାସ(୭୨) କହିଛନ୍ତି, ପୂଜା ଉତ୍ସବ ବଞ୍ଚିବାର ରାହା ଦେଖାଇଛି। ଗ୍ରାମ୍ୟ କୃଷି ଅର୍ଥନୀତି ଆଧାରିତ ଏହି ଜିଲାରେ ଆର୍ଥିକ ସ୍ଥିତି ଭଲ ନାହିଁ। ଗ୍ରାମ୍ୟ କଳା ଓ ସଂସ୍କୃତି ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ମଧ୍ୟରେ ନିଶ୍ଚିହ୍ନ ହେବାକୁ ବସିଛି। ଡିଜେ ସଂସ୍କୃତି ଏବେ ବଢ଼ି ଚାଲିଛି। ତେବେ ସୁଖର କଥା ଡିଜେ ଶବ୍ଦକୁ ନେଇ ସଚେତନତା ସୃଷ୍ଟି କରାଯାଉଥିବାରୁ ଚଳିତବର୍ଷ ପାରମ୍ପରିକ ବାଦ୍ୟଯନ୍ତ୍ର ଓ କଳାକାରଙ୍କୁ ଖୋଜା ପଡ଼ିଲାଣି। ଚଳିତବର୍ଷ ଦୁର୍ଗାପୂଜା ପାଇଁ ୧୨ଟି ମୃଦଙ୍ଗ, ୬ଟି ସ୍ଥାନରୁ ତବଲା ଓ ଢୋଲ ନିର୍ମାଣ ପାଇଁ ବରାଦ ମିଳିଛି। ସେହିପରି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଏସବୁ ସାମଗ୍ରୀ ଯୋଗାଇବାକୁ ଅଗ୍ରୀମ ନିଆଯାଇଛି। ପୂଜା ପାଇଁ ଅଦ୍ୟାବଧି ୪୦ରୁ ଅଧିକ ବାଦ୍ୟଯନ୍ତ୍ର ଆୟୋଜକଙ୍କୁ ଯୋଗାଇ ଦିଆଯାଇଛି। ଅନ୍ୟତମ ବାଦ୍ୟଯନ୍ତ୍ର ଯୋଗାଣକାରୀ ମଧୁସୂଦନ ଦାସ କହିଛନ୍ତି, ଶବ୍ଦ ପ୍ରଦୂଷଣକୁ ଦୃଷ୍ଟିରେ ରଖାଯାଇ ଡିଜେ ଉପରେ ପ୍ରତିବନ୍ଧକ ଲଗାଯାଇଛି। ଭସାଣି ଉତ୍ସବରେ ପାରମ୍ପରିକ ବାଦ୍ୟଯନ୍ତ୍ର ବ୍ୟବହାର ହେବ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଯାହା ଆମ ପରି ପାରମ୍ପରିକ ବାଦ୍ୟଯନ୍ତ୍ର ନିର୍ମାଣକାରୀଙ୍କ ପାଇଁ ଏକ ଭଲ ଖବର। ତେବେ ନିର୍ମାଣକାରୀଙ୍କ ସଂଖ୍ୟା ଦିନକୁଦିନ କମୁଛି। ଜିଲାରେ ମାତ୍ର ୩୦ରୁ ସାମାନ୍ୟ ଅଧିକ ସ୍ଥାନରେ ଏସବୁ ନିର୍ମାଣ ହୋଇପାରୁଛି। ଉପଯୁକ୍ତ ସାମଗ୍ରୀ ସୁଲଭ ଦରରେ ମିଳୁ ନ ଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି। କଣ୍ଢେଇ କଳା ଓ ଭାଲୁନାଚ ସଙ୍ଗଠନର ସଭାପତି ଫକୀର ସିଂହ କହିଛନ୍ତି, ପାରମ୍ପରିକ ଭାଲୁ, କଣ୍ଢେଇ ନାଚଠାରୁ ଆରମ୍ଭ କରି ଷଣ୍ଢ ଲଢ଼େଇ ପୂଜା ପାର୍ବଣରେ ଆଗେ ଖୋଜା ପଡୁଥିଲା। ଏବେ ଭସାଣି ଉତ୍ସବରେ ଡିଜେକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ବୟସ୍କ ଓ ରୋଗୀଙ୍କ ପାଇଁ ଡିଜେ ଶବ୍ଦ ଘାତକ ହୋଇଥିବା ନେଇ ବିଭିନ୍ନ ଥାନାରେ ମାମଲା ହେଲାଣି। ଏହାକୁ ଦୃଷ୍ଟିରେ ରଖି ପୂଜା ଆୟୋଜକମାନେ ପାରମ୍ପରିକ ବାଦ୍ୟଯନ୍ତ୍ର ଓ କଳାକାରଙ୍କୁ ଖୋଜିବା ଆରମ୍ଭ କଲେଣି; ଯାହା କଳା ସଂସ୍କୃତିକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। ପୂଜା ଉତ୍ସବର ଭସାଣି ସମୟରେ କଳାକାରଙ୍କ ରୋଜଗାର ହୋଇଥାଏ। ଏଥିରେ ପରିବାର ଭରଣ ପୋଷଣ ହେବା ସହ ଆର୍ଥିକ ସମସ୍ୟାର ସମାଧାନ ହୁଏ। ଚଳିତବର୍ଷ ପୂଜା ଉତ୍ସବ ପାଇଁ ସମସ୍ତେ ଉତ୍ସାହିତ ଥିବା ସେ ପ୍ରକାଶ କରିଛନ୍ତି। ଖଡିଅଙ୍ଗ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଭାବଗ୍ରାହୀ ସିଂ କହିଛନ୍ତି, ପୂଜା ବିଧିରେ ଘଣ୍ଟଠାରୁ ମୃଦଙ୍ଗ ଆଦି ବାଦ୍ୟଯନ୍ତ୍ର ଆବଶ୍ୟକ। ଆରତି, ନୈବେଦ୍ୟଠାରୁ ଆରମ୍ଭ କରି ମା'ଙ୍କ ବିସର୍ଜନ ପର୍ଯ୍ୟନ୍ତ ପାରମ୍ପରିକ ବାଦ୍ୟର ଆବଶ୍ୟକତା ଥିବାରୁ ଏହି ସାମଗ୍ରୀ କିଣାଯାଉଛି। ଚଳିତବର୍ଷ ଡିଜେ ବନ୍ଦ ଥିବାରୁ ଅଧିକ ପାରମ୍ପରିକ ବାଦ୍ୟର ବ୍ୟବହାର ହେବ ବୋଲି ସେ ଆଶା ରଖିଛନ୍ତି।



ଗୋପାରେ ଜଣେ କାରିଗର ବାଦ୍ୟ ଯନ୍ତ୍ର ନିର୍ମାଣ କରୁଛନ୍ତି ।



କଣ୍ଢେଇ ସହିତ ପାଲକଣର କଳାକାର ଫକୀର ସିଂ ।

**ନଦୀରେ ଭାସିଗଲେ ଯୁବକ**

**ଖଣ୍ଡପଡ଼ା,(ଅଜୟ କୁମାର ମହାରଣା):** ମଙ୍ଗଳବାର ସକାଳ ପ୍ରାୟ ୭ଟା ହେବ କଣ୍ଟିଲୋ ନୀଳମାଧବ ମନ୍ଦିର ପାଦଦେଶରେ ପ୍ରବାହିତ ମହାନଦୀର ପ୍ରଖର ସ୍ରୋତରେ ଜଣେ ଯୁବକ ଭାସି ଯାଉଛନ୍ତି। ସେ ନଦୀସ୍ରୋତରୁ ରକ୍ଷା ପାଇବା ପାଇଁ ବଞ୍ଚାଅ ବଞ୍ଚାଅ ବୋଲି ଚିତ୍କାର କରୁଥିଲେ। କଣ୍ଟିଲୋ ପଞ୍ଚାୟତ ହାଟମୁଣ୍ଡପାଟଣା ଗ୍ରାମର ନଦୀକୂଳରେ ଥିବା କେତେଜଣ ଲୋକ ଏହା ଦେଖିଥିଲେ। ସେମାନେ ମୋଟର ବୋଟ୍ ସହାୟତାରେ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର ପାଇଁ ପଛା କରିଥିଲେ। ତେବେ ଉଦ୍ଧାର କରିବା ପୂର୍ବରୁ ପ୍ରଖର ସ୍ରୋତରେ ସେ ବୁଡ଼ି ଯାଇ ନିଖୋଜ ହୋଇ ଯାଇଥିଲେ। ବେଣାଗାଡିଆ ପଞ୍ଚାୟତ ଅଧୀନ ନୀଳକଣ୍ଠପ୍ରସାଦ ଗ୍ରାମ ଜଣେ ଯୁବକ ନିଖୋଜ ଥିବାରୁ ଉକ୍ତ ଯୁବକ ନଦୀରେ ଭାସି ଯାଇଥିବା ସନ୍ଦେହ ପ୍ରକାଶ ପାଇଛି।

# ଶୁକଳଗାଡ଼ିଆ ଜଳବିଭାଜିକାରେ ଦୁର୍ନୀତି

**ନୟାଗଡ଼,୩।୧୦(ଲୋକନାଥ ମିଶ୍ର)**



ଉନ୍ନତିମୂଳକ କାର୍ଯ୍ୟ ହୋଇ ନ ଥିବା ମଞ୍ଜେଶ୍ୱର ପୋଖରୀ ।

- ୧୮ ଲକ୍ଷ ଟଙ୍କା ଅନୁଦାନ ଆତ୍ମସାତ୍ ଅଭିଯୋଗ
- ଭିଜିଲାନ୍ସ ତଦନ୍ତ ଦାବି କଲେ ଚାଷୀ

ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ନୟାଗଡ଼ ବ୍ଲକ ଶୁକଳଗାଡ଼ିଆ ମଞ୍ଜେଶ୍ୱର ପୋଖରୀ କାମରେ ୧୮ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ହୋଇଥିବା ଅଭିଯୋଗ ହୋଇଛି । ଉକ୍ତ କାମ ଜୟ ଜଗନ୍ନାଥ ଜଳ ବିଭାଜିକା ଚମ୍ପତିପୁର କମିଟି ନାଁରେ କରାଯାଇଥିବା ଦର୍ଶାଯାଇଛି । ୨୫ ଲକ୍ଷ ଟଙ୍କାର କାମକୁ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବିଲ୍ ହୋଇଛି । ଶିଆଳିଖାଲ ପରେ ସୁକଳଗାଡିଆ ମଞ୍ଜେଶ୍ୱର ପୋଖରୀ ଦୁର୍ନୀତି ମୃତ୍ତିକା ସଂରକ୍ଷଣ ବିଭାଗକୁ ହରଡଘଣାରେ ପକାଇଛି । ନୟାଗଡ଼ ପରି ପାହାଡ଼ିଆ ଜିଲାରେ ଜଳ ବିଭାଜିକା ନାଁରେ ଦୁର୍ନୀତି ଅଭିଯୋଗ ଆସିବା ପରେ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଚାଷୀମାନଙ୍କ ପକ୍ଷରୁ ଦାବି କରାଯାଇଛି ।

ସୂଚନା ଅନୁଯାୟୀ, ବଳରାମ ପାହାଡ଼ର ନିଷ୍କାସିତ ପାଣିରେ ସୃଷ୍ଟି ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଶିଆଳି ଖୋଲ ବନ୍ଧରେ ଆଡିବନ୍ଧ କରି ୨୪ ଲକ୍ଷ ଟଙ୍କା ସରକାରୀ ଅନୁଦାନ ହଡପ ହୋଇଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇ ନୟାଗଡ଼ ଜିଲା ପରିଷଦ ଚେୟାରମ୍ୟାନ୍ ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ୧୨ ଜଣିଆ ଟିମ୍ ଗତ ସେପ୍ଟେମ୍ବର ୨୯ରେ ଜଳବିଭାଜିକା ପରିଦର୍ଶନରେ ଯାଇ ଅନିୟମିତତା ଗୁମର ଖୋଲିଥିଲେ। ଆଡିବନ୍ଧର ମେଜେରେମେଣ୍ଟ ବୁକ୍ ଜିଲା ପରିଷଦ ସଭାପତି ଓ ସଭ୍ୟଙ୍କୁ ମୃତ୍ତିକା ସଂରକ୍ଷଣ ବିଭାଗର ଉପନିର୍ଦ୍ଦେଶକଙ୍କ ସମେତ କର୍ମଚାରୀ ଦେଖେଇ ନ ପାରି ଅପଦସ୍ତ ହୋଇଥିଲେ । ଜିଲା ପରିଷଦ ପକ୍ଷରୁ ଏହାର ମେଜରମେଣ୍ଟ କରାଯିବା ପରେ ଦୁର୍ନୀତି ହୋଇଥିବାର ପ୍ରମାଣ ମିଳିଥିଲା । ପ୍ରକଳ୍ପ ପାଇଁ ୨୪ ଲକ୍ଷ ୯୪ ହଜାର ଟଙ୍କା ମଞ୍ଜୁର ହୋଇଥିଲା । ତେବେ ୨୪ ଲକ୍ଷ ୬୮ ହଜାର ୪୨୬ ଟଙ୍କା ବିଲ୍ ହୋଇଥିଲା । ଶୁକଳଗାଡିଆ ପୋଖରୀ ଦୁର୍ନୀତି ନେଇ ଜଣେ ଚାଷୀ କହିଛନ୍ତି, ଆମ ଗାଁରେ ପୋଖରୀ କାମ କରିବା ପାଇଁ ଯେଉଁ କମିଟି ହୋଇଛି ସେ କମିଟି କାମ କରିବାକୁ ମନା କଲା । ୨୫ ଲକ୍ଷ ଟଙ୍କାର କାମ କରିବାକୁ ନିଜର ଅସମର୍ଥ ପ୍ରକାଶ କଲା କମିଟି । ତେବେ କମିଟିର ଜଣେ ସଭ୍ୟ ମୃତ୍ତିକା ସଂରକ୍ଷଣ ବିଭାଗର ଜଣେ କର୍ମଚାରୀ ଓ ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଧରାଧରି କରି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଦୁର୍ନୀତି କରିଛନ୍ତି । ପୋଖରୀରେ ଜେସିବି ଲଗାଇ ୧ରୁ ୩ ଲକ୍ଷ ଟଙ୍କାର କାମ କରି ଅଧାପନ୍ତରିଆ ଭାବେ ଛାଡି ଦେଇଛନ୍ତି । ପୋଖରୀ ଆଗକୁ ଯେପରି ଥିଲା ଏବେ ସେପରି ଅଛି । ଟଙ୍କା ଆତ୍ମସାତ୍ ପାଇଁ ମୃତ୍ତିକା ସଂରକ୍ଷଣ ବିଭାଗର କର୍ମଚାରୀ କେତେଜଣ ଚାଷୀ ନେତାଙ୍କୁ ହାତ କରି ଦୁର୍ନୀତି କରିଛନ୍ତି । ଶିଆଳିଖାଲ ଦୁର୍ନୀତି ଧରାପଡିବା ପରେ ଆମେ ଆମ ଅଞ୍ଚଳର ଦୁର୍ନୀତି ପଦାକୁ ବାହାରୁ ବୋଲି ଦାବି କରୁଛୁ । ଯେଉଁ ପ୍ରକାର ଦୁର୍ନୀତି ମୃତ୍ତିକା ସଂରକ୍ଷଣ ବିଭାଗରେ ଚାଲିଛି ଅଭିଯୋଗକାରୀ ନାଁ ଜାଣିଲେ ଟଙ୍କା ଦେଇ, ମାରପିଟ୍ କରି ମୁହଁ ବନ୍ଦ କରୁଛନ୍ତି । ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ପ୍ରକୃତ ଘଟଣା ଲୋକ ଲୋଚନକୁ ଆସିବ । ନୟାଗଡ଼ର ଚାଷୀ ବଳରାମ ନାୟକ କୁହନ୍ତି, ଶୁକଳଗାଡିଆ ମଞ୍ଜେଶ୍ୱର ପୋଖରୀ କାମରେ ଜଣେ ଚାଷୀ ନେତା ଓ ମୃତ୍ତିକା ସଂରକ୍ଷଣ ବିଭାଗର କର୍ମଚାରୀ ଓ ଅଧିକାରୀ ମିଶି ସରକାରୀ ଅନୁଦାନକୁ ଆତ୍ମସାତ୍ କରିଛନ୍ତି । ଘଟଣା ଆଗକୁ ନ ବଢ଼ିବା ପାଇଁ ସବୁ ପ୍ରକାରର ଉଦ୍ୟମ କରିଛନ୍ତି । ଗଣମାଧ୍ୟମରେ ଖବର ପ୍ରକାଶନ ନ କରିବା ପାଇଁ ଚାଷୀମାନଙ୍କୁ ଚାପ ପ୍ରୟୋଗ କରି ଧମକଚମକ ଦେଉଛନ୍ତି । ଏପରି କି ସବୁ କିଛି ଠିକ ଅଛି, କାହାକୁ କିଛି କୁହନି ବୋଲି କହୁଛନ୍ତି । ଏହି ଦୁର୍ନୀତି ଘଟଣାରେ ଜଡ଼ିତ ଥିବା ମୃତ୍ତିକା ସଂରକ୍ଷଣ ବିଭାଗର ଜଣେ ପ୍ରକଳ୍ପ ନିର୍ଦ୍ଦେଶକ ଅବସର ନେଇ ସାରିଲେଣି । ତାଙ୍କ ସମୟରେ ଅନେକ ଦୁର୍ନୀତି ରହିଛି ଯାହାକି ତଦନ୍ତ କଲେ ପଦାକୁ ଆସିବ । ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ କୁହନ୍ତି, ଶିଆଳିଖୋଲ ଜଳବିଭାଜିକାକୁ ଜିଲା ପରିଷଦ କମିଟି ଅନୁଧ୍ୟାନ କରି ଫେରିଛି । ଶୁକଳଗାଡ଼ିଆ ଜଳବିଭାଜିକା ପ୍ରକଳ୍ପର ହେରଫେରି ଜଣାପଡିବା ପରେ ଆମ କମିଟି ଅନୁଧ୍ୟାନ କରି ପଦକ୍ଷେପ ନେବ ବୋଲି କହିଛନ୍ତି । ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଉପେନ୍ଦ୍ର ପରିଡ଼ା କୁହନ୍ତି, ମୁଁ ନୂଆ କରି କାର୍ଯ୍ୟରେ ଯୋଗ ଦେଇଛି । ଅଭିଯୋଗ ଆସୁଥିବା ଶୁକଳଗାଡିଆ ଜଳବିଭାଜିକାର ତଦନ୍ତ କରାଯିବା ପରେ ଯାହା କିଛି କୁହାଯାଇପାରିବ ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅନାମ



@ ଆଶିଷ



@ ସ୍ମୃତିରଞ୍ଜନ



@ ସ୍ମୃତିପ୍ରଜ୍ଞା




@ ସୁବ୍ରତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୦୪ ଅଭିଯୋଗର ସମାଧାନ ହେଲା

**ନୟାଗଡ଼,୩।୧୦(ଲୋକନାଥ ମିଶ୍ର)**

**ଆସୁନାହାନ୍ତି ଜିଲାସ୍ତରୀୟ ଅଧିକାରୀ**

ଜିଲା ସଦର ମହକୁମାରେ ମାସର ପ୍ରଥମ ସୋମବାର ହେଉଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣୀରେ କାଁଭାଁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହୁଛନ୍ତି । ଅନେକ ଜିଲାସ୍ତରୀୟ ଅଧିକାରୀ ଆସୁ ନ ଥିବାର ଅଭିଯୋଗ ହୋଇ ଆସୁଛି। ଜିଲାସ୍ତରୀୟ ଅଧିକାରୀ ଅଧନସ୍ଥ ଅଧିକାରୀଙ୍କୁ ପଠାଇ ଦେଇ କାମ ଚଳାଇ ନେଉଛନ୍ତି । ଏଭଳିଆ ଅଭିଯୋଗ କିଛି ମାସ ହେଲା ହୋଇ ଆସୁଥିଲେ ମଧ୍ୟ ଜିଲାପାଳ ଦୃଷ୍ଟି ଦେଉ ନ ଥିବାରୁ ଜିଲାସ୍ତରୀୟ ଅଧିକାରୀଙ୍କ ଅନୁପସ୍ଥିତି ବଢ଼ିବାରେ ଲାଗିଛି ।

ଅକ୍ଟୋବରର ପ୍ରଥମ ସୋମବାର ଛୁଟି ଥିବାରୁ ମଙ୍ଗଳବାର ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ହୋଇଥିଲା । ମଙ୍ଗଳବାର ଶୁଣାଣୀରେ ଜିଲା ଯୋଗାଣ ଅଧିକାରୀଙ୍କୁ ଛାଡିଦେଲେ ଅନ୍ୟ କୌଣସି ଜିଲାସ୍ତରୀୟ ଅଧିକାରୀଙ୍କୁ ଦେଖିବାକୁ ମିଳି ନ ଥିଲା । ଜିଲାପାଳ ସରକାରୀ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଏସ୍‌ପି ରାହୁଲ ଜୈନ, ଉପଜିଲାପାଳ ଶକ୍ତିକାନ୍ତ ରାୟ ଅଭିଯୋଗ ଶୁଣିଥିଲେ । ମଙ୍ଗଳବାର ୧୫୦ ଅଭିଯୋଗ ଆସିଥିବାବେଳେ ୧୦୪ ଅଭିଯୋଗ ଶୁଣାଣୀ କରାଯାଇ ସମାଧାନ କରାଯାଇଛି । ଅବଶିଷ୍ଟ ଅଭିଯୋଗ ଗୁଡିକ ବିଭାଗୀୟ ଅଧିକାରୀଙ୍କ ପାଖକୁ ପଠାଇ ଦିଆଯାଇଛି । ମୋଟ ୧୫୦ ଅଭିଯୋଗରୁ ୭୦ ଅଭିଯୋଗ ବ୍ୟକ୍ତିଗତ, ଗୋଷ୍ଠୀଗତ ଅଭିଯୋଗ ୨, ମୁଖ୍ୟମନ୍ତ୍ରୀ ରିଲିଫ ସହାୟତା ୭୫, ରେଡକ୍ରସ ୩ ବୋଲି ଜଣାପଡିଛି । ଜିଲାପାଳଙ୍କ ଅଭିଯୋଗ ଶୁଣାଣୀକୁ ଜିଲାସ୍ତରୀୟ ଅଧିକାରୀ ନ ଆସିବା ନେଇ ନୟାଗଡ଼ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ନୂଆଗାଁର ସବିତା ନାୟକ କୁହନ୍ତି, ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତି ରହିଲେ ଅଭିଯୋଗ ଶୁଣାଣୀ ସମୟରେ ଲୋକମାନେ ସେମାନଙ୍କ ସହ ସୁବିଧା ଅସୁବିଧା ନେଇ ଅଭିଯୋଗ କରିବାର ସୁବିଧା ପାଇ ପାରନ୍ତେ । ହେଲେ ଜିଲାସ୍ତରୀୟ ଅଧିକାରୀ ଏତେ ବ୍ୟସ୍ତ ଯେ ଜିଲାପାଳଙ୍କ ଦ୍ୱାରା ଆହୁତ ଅଭିଯୋଗ ଶୁଣାଣୀକୁ ଆସୁନାହାନ୍ତି । କେଉଁ ଜିଲାସ୍ତରୀୟ ଅଧିକାରୀ ଆସୁନାହାନ୍ତି, କାହିଁକି ଆସୁ ନାହାନ୍ତି ତାର ଖୋଳତାଡ କରାଯିବା ଦରକାର । ନିଜେ ଜିଲାପାଳ ଖୋଳତାଡ କଲେ ଜିଲାପାଳଙ୍କ ଅଭିଯୋଗ ଶୁଣାଣୀରେ ଜିଲାସ୍ତରୀୟ ଅଧିକାରୀଙ୍କ ଅନୁପସ୍ଥିତି ସଂଖ୍ୟା ବଢ଼ିବା ବଦଳରେ ହ୍ରାସ ପାଆନ୍ତାବୋଲି କହିଛନ୍ତି । ତେବେ ଜିଲାପାଳ ଏଥିପ୍ରତି ଗୁରୁତ୍ୱ ଦେଉ ନଥିବାରୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଫାର୍ସ ପାଲଟିଛି ବୋଲି କହିଛନ୍ତି ।



ଅଭିଯୋଗ ଶୁଣାଣୀ ଶିବିରରେ ପ୍ରଶାସନିକ ଅଧିକାରୀ।

# ଗାନ୍ଧୀବାଦ୍ ଥିବା ପର୍ଯ୍ୟନ୍ତ ଗାନ୍ଧିଜୀ ଜୀବିତ




ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସଭାରେ ଯୋଗ ଦେଇଥିବା ଅତିଥି।

**ନୟାଗଡ଼,୩।୧୦(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ସୋମବାର ପାଳନ କରାଯାଇଛି। ସଭାର ପ୍ରାରମ୍ଭରେ ଗୀତା, ବାଇବେଲ, କୋରାନ ପଠନ ହୋଇଥିଲା। ପରେ ରଘୁପତି ରାଘବ ରାଜାରାମ ବୋଲଯିବା ପରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ରୂପେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ କହିଥିଲେ, ଗାନ୍ଧୀବାଦ ଥିବା ପର୍ଯ୍ୟନ୍ତ ଗାନ୍ଧିଜୀ ଜୀବିତ ରହିଥିବେ। ଗଣତନ୍ତ୍ର ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତିଙ୍କର ଅବସାନ ଘଟିଲେ ଗଣତନ୍ତ୍ର ପ୍ରତି ବିପଦ ମାଡ଼ି ଆସିବ। ଗାନ୍ଧିଜୀଙ୍କ ଦର୍ଶନ ଉପରେ ଏବେ ତର୍କ ବିତର୍କ ବଢ଼ି ଚାଲିଛି। ମୁଖ୍ୟବକ୍ତା ରୂପେ ନାଟ୍ୟକାର ବିଜୟ କୁମାର ଚୌଧୁରୀ ଗାନ୍ଧୀ ଓ ସାହିତ୍ୟ ଉପରେ ଆଲୋଚନା କରି କହିଥିଲେ ହିଂସା ହିଁ ଅହିଂସାର ଜନନୀ। ଆଜି ଆମେ ଗାନ୍ଧିଜୀଙ୍କର ଅହିଂସା ନୀତିକୁ ଆପଣେଇଛେ। ଅନ୍ୟପକ୍ଷେ କହିଥିଲେ ଗାନ୍ଧିଜୀଙ୍କର ନ୍ୟାସିବାଦ ନୀତି ଅଖୋଜା ଅଲୋଡା ହୋଇ ରହିଗଲା। ରୋଜଗାରର ନ୍ୟାସ ଦେଶକୁ ଅର୍ଥନୈତିକ ସଙ୍କଟରୁ ରକ୍ଷା କରେ। ମହାତ୍ମା ଗାନ୍ଧୀ କହୁଥିଲେ ଯାହା ରୋଜଗାର କରୁଛ ସେଥିରୁ ଆବଶ୍ୟକତା ମୁତାବକ ରଖି ଅବଶିଷ୍ଟ ଅଂଶ ଦେଶକୁ ଦାନ କର। ହେଲେ ଏହି ନୀତି ଲାଗୁ ହୋଇପାରିଲା ନାହିଁ। ଅନ୍ୟପକ୍ଷେ ଗାନ୍ଧୀ ପୁତୁଳୀ ବଣିଆ, ବ୍ରାହ୍ମଣ ଉପରେ ମଧ୍ୟ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ମହମ୍ମଦ ଓମାର ମଲ୍ଲିକ କହିଥିଲେ, ଗାନ୍ଧି ଦର୍ଶନ ଓ ଗାନ୍ଧୀବାଦ୍ ଉପରେ ଟିପ୍ପଣି ଦେଇଥିଲେ। ଅନ୍ୟପକ୍ଷେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ନୟାଗଡ଼ ଏସ୍‌ପି ରାହୁଲ ଜୈନ ଗାନ୍ଧିଜୀଙ୍କ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଗାନ୍ଧୀ ଜୟନ୍ତୀ ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ସଭା ପରିଚାଳନା କରିଥିଲେ। ଅନ୍ୟପକ୍ଷେ ଭୋର ସମୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ରାମଧୁନ୍ ସହ ତ୍ରିନାଥ ଛକସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେହିପରି ନୟାଗଡ ହାଉସିଂ ବୋର୍ଡ କଲୋନୀରେ ଥିବା ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରରେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କର ଜୟନ୍ତୀ ପାଳନ କରାଯାଇଥିଲା। ବିଦ୍ୟାଳୟ ପରିସରରେ ଥିବା ଗାନ୍ଧୀ ଓ ଶାସ୍ତ୍ରୀଙ୍କ ମୂର୍ତ୍ତିରେ ଛାତ୍ରୀଛାତ୍ର ଓ ସେବାବ୍ରତି ଆଚାର୍ଯ୍ୟ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଭାକକ୍ଷରେ ଅନୁଷ୍ଠିତ ଆଲୋଚନା ସଭାରେ ବିଦ୍ୟାଳୟର ସମ୍ପାଦକ ଶ୍ରୀଧର ସହ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଉପରେ ଟିପ୍ପଣି ରଖିଥିଲେ। ସେହିପରି ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ବାଟିକା ପ୍ରମୁଖ ଭାଗ୍ୟଲତା ସାହୁ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଉପରେ ଆଲୋକପାତ କରିଥିଲେ। ଗାନ୍ଧୀ ଓ ଶାସ୍ତ୍ରୀଙ୍କ ସଂଗ୍ରାମୀ ଜୀବନ, ନିର୍ଭୀକ, ସାହାସ, ସ୍ୱାଭିମାନ, ନିର୍ଲୋଭପଣିଆ ଉପରେ ଅଲୋଚନା କରିଥିଲେ।

# ନିଷ୍କାସନ ପଥ ବନ୍ଦ ଯୋଗୁ ସେତୁ ଉପରେ ବର୍ଷାଜଳ

**ଖଣ୍ଡପଡ଼ା,୩।୧୦ (ଅଜୟ କୁମାର ମହାରଣା)**



**ସ୍ଥାନୀୟ ଯୁବକମାନେ ଆବର୍ଜନା ସଫାକଲେ**

ପୂର୍ତ୍ତ ବିଭାଗ ଅଧୀନରେ ଥିବା କଣ୍ଟିଲୋ-ବାଘମାରୀ ରାଜ୍ୟ ରାଜପଥ ଉପରେ କମେଇ ସେତୁ ଦୀର୍ଘ ବର୍ଷ ହେବ ନିର୍ମାଣ ହୋଇଛି । କଣ୍ଟିଲୋ ନିକଟରେ ଥିବା ଏହି ସେତୁ କ୍ରମଶଃ ଦୁର୍ବଳ ହୋଇ ପଡୁଥିବା ବେଳେ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ କରାଯାଉନାହିଁ । ଉକ୍ତ ସେତୁ ଦେଇ ପ୍ରତ୍ୟେହ ଶତାଧିକ ବାଲି ବୋଝେଇ ହାଇୱା ଓ ଟ୍ରାକ୍ଟର ଚଳପ୍ରଚଳ କରୁଛି । ହାଇୱା ଓ ଟ୍ରାକ୍ଟରରୁ ବାଲି ଉଡ଼ି ସେତୁ ଉପରେ ଜମି ରହୁଛି । ଅପରପକ୍ଷେ ଯାତାୟତ କରୁଥିବା ଲୋକମାନେ ବିଭିନ୍ନ ବର୍ଜ୍ୟବସ୍ତୁ ସେତୁ ଉପରେ ପକାଉଛନ୍ତି । ଏଥିପାଇଁ ସେତୁ ଉପରେ ଅଳିଆ ଆବର୍ଜନା ଜମି ରହୁଛି । ଫଳରେ ବର୍ଷା ସମୟରେ ସେତୁ ଉପରେ ପାଣି ଜମି ରହୁଛି। ସେତୁ ଉପରେ ଥିବା ଡ୍ରେନେଜ ସ୍ୱାଉଚରେ ଆବର୍ଜନ ଜମି ରହିବା ଯୋଗୁ ବର୍ଷା ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି । ଲଗାଣ ବର୍ଷା ସମୟରେ ସେତୁ ଉପରେ ପାଣି ଜମି ରହିବା ଯୋଗୁ ଯାତାୟତରେ ଘୋର ସମସ୍ୟା ସୃଷ୍ଟି ହେଉଛି । ପ୍ରତ୍ୟେହ ହଜାର ହଜାର ପଥଚାରୀ, ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଉକ୍ତ ସେତୁ ଉପର ଦେଇ ଯାତାୟତ କରିବା ସମୟରେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ସେତୁ ରକ୍ଷଣାବେକ୍ଷଣ ଦାୟିତ୍ୱ ପୂର୍ତ୍ତ ବିଭାଗ ଉପରେ ନ୍ୟସ୍ତ ଥିବା ବେଳେ ବିଭାଗୀୟ ଅବହେଳା ଏହି ସମସ୍ୟା ସମାଧାନରେ ବାଧକ ସାଜିଛଇ । ହେଲେ କଣ୍ଟିଲୋ ଅଞ୍ଚଳର ଦିପୁ ରଞ୍ଜନ ସାହୁ, ରାଜାରାମ ସାହୁ, ସୁବ୍ରତ କୁମାର ସାହୁ,ରବି ନାରାୟଣ ସେଠୀ ପ୍ରମୁଖ ଯୁବକମାନେ ଗତ ସୋମବାରଠାରୁ ସେତୁ ଉପରୁ ଅଳିଆ ଆବର୍ଜନା ସଫା କରୁଛନ୍ତି। ସେତୁରେ ପୋତି ହୋଇ ରହିଥିବା ଡ୍ରେନେଜ ସ୍ୱାଉଚକୁ ସଫା କରିବା ପରେ ବର୍ଷାପାଣି ନିଷ୍କାସନ ହୋଇଛି । ତେବେ ଆଉ ୨/୪ ଦିନ ମଧ୍ୟରେ ସମୁଦାୟ ସେତୁ ଉପରୁ ଅଳିଆ ସଫା ହୋଇଯିବ ବୋଲି ଦିପୁ ରଞ୍ଜନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ହରିହର ଦାଶ, ଭାଗିରଥୀ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଏ ସମ୍ପର୍କରେ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଇଂ.ପ୍ରାଣକୃଷ୍ଣ ମହାପାତ୍ରଙ୍କ ସହ ଯୋଗାଯୋଗ କରାଯାଇଥିଲା । ସେ କହିଛନ୍ତି, କଣ୍ଟିଲୋଠାରୁ ବାଘମାରୀ ରାଜ୍ୟ ରାଜପଥର ସଂପ୍ରସାରଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟର ଟେଣ୍ଡର ହୋଇଯାଇଥିବା ବେଳେ ନିୟୋଜିତ ଠିକାଦାର ଏବେ କାର୍ଯ୍ୟ ଆରମ୍ଭ କରିଛନ୍ତି । ଏ ସମସ୍ୟା ସମ୍ପର୍କରେ ମହାପାତ୍ର ସଂପୃକ୍ତ ଠିକାଦାରଙ୍କୁ ଅବଗତ କରାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ପ୍ରହସନ

**ନୂଆଗାଁ,୩।୧୦(ଧନେଶ୍ୱର ସାହୁ)**



କେନ୍ଦୁବଣିଆ ଗ୍ରାମ ସ୍ୱାସ୍ଥ୍ୟକାନ୍ଥ ନିକଟ ରାସ୍ତାରେ ପାଣି କାଦୁଅ, ଗୋମୂତ୍ର ଜମି ରହିଛି ।

- ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଉନି
- କାର୍ଯ୍ୟ ତଦାରଖ କରୁନାହାନ୍ତି ଅଧିକାରୀ
- ଫଟୋ ଉଠାଇ ନିଆଯାଉଛି ବାହାବା

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରିବା ଉଦ୍ଦେଶ୍ୟରେ ସ୍ୱଚ୍ଛ ଭାରତ ଗଠନ କରିବାର ସଂକଳ୍ପ ନେଇଛନ୍ତି ସରକାର । ସେଥିପାଇଁ ଅନେକ ଯୋଜନା ପ୍ରସ୍ତୁତ କରିବା ସହ କର୍ମଚାରୀ ନିୟୋଜିତ କରି ଲକ୍ଷାଧିକ ଟଙ୍କା ଅନୁଦାନ ଦେଉଛନ୍ତି। ଏତେସବୁ ପରେ ବି କେତେଜଣ ଅପାରଗ ଅଧିକାରୀ ଓ କର୍ମଚାରୀଙ୍କ ଖାମଖିଆଲ ନୀତି ଯୋଗୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମରେ ସୁଫଳ ମିଳୁନାହିଁ । ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଏପରି ଅଭିଯୋଗ ସାମ୍ନାକୁ ଆସିଛି । ଗାଆଁଠୁ ସହର ଯାଏ ସବୁ ସ୍ଥାନକୁ ସଫା ରଖି ସ୍ୱଚ୍ଛ ଭାରତ ଗଠନ କରିବା ସରକାରଙ୍କ ସଂକଳ୍ପ । ଏହି ଦାୟିତ୍ୱ ଗାଁ କଲ୍ୟାଣ ସମିତିଠାରୁ ଆରମ୍ଭ କରି ଗ୍ରାମ୍ୟ ପରିମଳ ବିଭାଗ ଓ ପଞ୍ଚାୟତିରାଜ ବିଭାଗକୁ ଦିଆଯାଇଛି । ସ୍ୱଚ୍ଛତା ପାଇଁ ବ୍ଲକ ପ୍ରଶାସନ ଓ ଗ୍ରାମ ପରିମଳ ବିଭାଗର ମିଳିତ ଉଦ୍ୟମରେ ବହୁ ଅର୍ଥ ବ୍ୟୟ କରି ପ୍ରତି ଘରେ ପାଇଖାନା ନିର୍ମାଣ କରିବା ବ୍ୟବସ୍ଥା କରାଗଲା । ହେଲେ ସେଥିରେ ସ୍ୱଚ୍ଛତା ଆସିବା ବଦଳରେ ଅଧିକାରୀ ଓ କର୍ମଚାରୀ ଲାଭବାନ ହେଲେ । ଅନେକେ ପାଇଖାନା ନିର୍ମାଣ ନ କରି କାଗଜପତ୍ରରେ ପାଇଖାନା ଦେଖାଇ ଅନୁଦାନକୁ ଲୁଟିନେଲେ । ବର୍ତ୍ତମାନ ସ୍ୱଚ୍ଛତା ଦିବସ ନାଁରେ ହରିଲୁଟ୍ ଚାଲିଛି । ବହୁ ଆଦିବାସୀ ଗ୍ରାମରେ ପଙ୍କକାଦୁଅ, ଅଳିଆ ଆବର୍ଜନାରେ ପୂର୍ଣ୍ଣ ହୋଇଥିଲେ ମଧ୍ୟ ସେଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୧ ଯାଏ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଓ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀକୁ ସ୍ୱଚ୍ଛ ଭାରତ ଦିବସ ରୂପେ ପାଳନ କରାଯାଉଛି । ଏହି ଅବସରରେ ବିଭିନ୍ନ ସ୍ଥାନ ସଫେଇ କରିବାର ନିର୍ଦ୍ଦେଶ ରହିଥିବା ବେଳେ ପଞ୍ଚାୟତସ୍ତରରେ କେବଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରକୁ ନାମକୁମାତ୍ର ସଫା କରି ଫଟୋ ଉଠାଯାଉଛି । ପ୍ରତି ପଞ୍ଚାୟତକୁ ଅଳିଆବୁହା ରିକ୍ସା, ଅଳିଆ ପକାଇବା ନିମନ୍ତେ ଦେଢ଼ ଲକ୍ଷ ଟଙ୍କା ବ୍ୟୟରେ କଠିନ ବର୍ଜ୍ୟବସ୍ତୁ ଗୃହ ନିର୍ମାଣ ସହ ସଫେଇ ପାଇଁ ଅନୁଦାନ ଦିଆଯାଇଥିଲେ ମଧ୍ୟ ସେସବୁ କାମରେ ଲାଗୁନି । ବ୍ଲକ କାର୍ଯ୍ୟାଳୟକୁ ମୂଲିଆ ଦ୍ୱାରା ସଫେଇ କରି ନିଜର ଦାୟିତ୍ୱ ସାରି ଦେଉଛନ୍ତି ଅଧିକାରୀ । ଗାଁ ସଫେଇ ପାଇଁ ଆସୁଥିବା ଗାଁ କଲ୍ୟାଣ ସମିତି ଅନୁଦାନକୁ କାମରେ ନ ଲଗାଇ ହଡପ କରାଯାଉଥିବା ଅଭିଯୋଗ ହେଉଛି । ସ୍ୱଚ୍ଛ ଭାରତ ଗଠନ ଓ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର ନଗ୍ନଚିତ୍ର ଦେଖିବାକୁ ମିଳିଛି ଜାକେଡା ପଞ୍ଚାୟତ କେନ୍ଦୁବଣିଆ ଗ୍ରାମରେ । ସ୍ୱାସ୍ଥ୍ୟ କାନ୍ଥ ନିକଟରେ ଅସ୍ୱାସ୍ଥ୍ୟକର ପରିବେଶ ଦେଖିବାକୁ ମିଳିଛି । ସ୍ୱଚ୍ଛତା ବାବଦରେ ନୂଆଗାଁ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ମୁଁ ଏଠାରେ ଅଳ୍ପଦିନ ହେଲା ଯୋଗ ଦେଇଛି । କେଉଁଠି କ'ଣ ସମସ୍ୟା ଅଛି ମୋତେ ଜଣାଇଲେ ସମାଧାନ କରିବାକୁ ଚେଷ୍ଟା କରିବି । ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି ।

